

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୨ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 APRIL 2025

Vol.No. 36 ■ No.96 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ

## ଉପକୃତ ହେବେ ୩କୋଟି ୫୨ ଲକ୍ଷ ହିତାଧିକାରୀ



ଭୁବନେଶ୍ୱର, ୧୧/୦୪ : (ନି.ପ୍ର) - ଓଡ଼ିଶା ବିକାଶ ଇତିହାସରେ ଯୋଡିହୋଇଛି ଏକ ନୂଆ ଫର୍ଦ୍ଦ। ଆରମ୍ଭ ହୋଇଛି ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଶୁକ୍ରବାର କଟକର ବାଲିଯାତ୍ରା ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଯୋଜନା ଏକ ଇନସୁରାନ୍ସ ନୁହେଁ ଏହା ହେଉଛି ଏକ ଆସ୍ୟୁରାନ୍ସ । ଏହା ପୃଥିବୀର ସବୁଠାରୁ ବୃହତମ ଯୋଜନା । ବର୍ତ୍ତମାନ ସୁଦ୍ଧା ଏଥିରେ ୮କୋଟି ୯୦ ଲକ୍ଷ ଲୋକ ଉପକୃତ ହୋଇସାରିଛନ୍ତି । ନିର୍ବାଚନ ସମୟରେ ଆମେ ଏହାକୁ ଲାଗୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ ଏବଂ ଏହାକୁ ଆଜି ଲାଗୁ ମଧ୍ୟ କଲୁ । ଓଡିଶା ଲୋକମାନେ ଠିକ୍ ସମୟରେ ଠିକ୍ ନିଷ୍ପତି ନେଇଛନ୍ତି। ତେଣୁ, ଓଡିଶାରେ ଏହି ଯୋଜନା ଲାଗୁ ହୋଇପାରିଲା । ଏହାଦ୍ୱାରା ଲୋକମାନେ ଆର୍ଥିକ ସ୍ତରରେ ଲାଭବାନ ହୋଇପାରିବେ ବୋଲି ସେ କହିଛନ୍ତି । ଓଡିଶାରେ ଶାସନ ଭାର ଗ୍ରହଣ କରିବାର ମାତ୍ର ୧୦ ମାସ ମଧ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିବାରୁ ଶ୍ରୀ ନଡ୍ଡା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଦେବା ସହିତ ଟିବି ନିରାକରଣ ଦିଗରେ ଓଡିଶା ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି କହିଥିଲେ । ଏହି ଅବସରରେ ସେ ଅଧିକରୁ ଅଧିକ ହିତାଧିକାରୀ କିପରି ଏହି ଯୋଜନାରେ ସାମିଲ ହୋଇ ପାରିବେ ଏବଂ କାର୍ଡ ବନାଇବେ ସେଥିନେଇ ସଚେତନ କରିବାକୁ ପ୍ରତି ଘରକୁ ଯିବା ପାଇଁ ସେ ବିଧାୟକ ମାନଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଲେ ଯେ ଓଡିଶା ବିକାଶ ଇତିହାସରେ ଆଜି ଆଉ ଏକ ଅଧ୍ୟାୟ ଯୋଡିହୋଇଛି। ଗତ ପ୍ରାୟ ୬ ବର୍ଷ ହେଲା ରାଜନୈତିକ କାରଣରୁ ରାଜ୍ୟବାସୀଙ୍କୁ ବଞ୍ଚିତ କରାଯାଇଥିବା ଏହି ଐତିହାସିକ ଯୋଜନା ଆଜି ଆରମ୍ଭ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସାମାଜିକ ଓ ଆର୍ଥିକ ପ୍ରଗତିର ଏକ ମୂଳଭିତି। ଶାରୀରିକ ଓ ମାନସିକ ସୁସ୍ଥତା ନାଗରିକମାନଙ୍କୁ କାର୍ଯ୍ୟକ୍ଷମ, ଆତ୍ମବିଶ୍ୱାସୀ ଓ ସ୍ୱାଭିମାନୀ କରିବ; ଏବଂ ସ୍ୱାଭିମାନୀ ନାଗରିକମାନେ ହିଁ ସମୃଦ୍ଧିର ସ୍ୱପ୍ନକୁ ସାକାର କରିବେ। ଏହି ସତ୍ୟକୁ ଅନୁଭବ କରି ପ୍ରଧାନମନ୍ତ୍ରୀ ସାରା ଦେଶରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଦୂରଦର୍ଶୀ ଯୋଜନାରୁ ଲାଭ ପାଇଥିବା କୋଟି କୋଟି ଜନତା ସେମାନଙ୍କ ଆଶୀର୍ବାଦ ଏବଂ ଆଶିଷ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସମାନ ଭାବେ ଦିଲ୍ଲୀର ଜନ ସାଧାରଣଙ୍କୁ ମଧ୍ୟ ବଞ୍ଚିତ କରାଯାଇଥିବା ଏହି ଯୋଜନା, ଗତକାଲିଠାରୁ ଲାଗୁ ହୋଇସାରିଛି। ଏହା ହେଉଛି ଡବଲ ଇଞ୍ଜିନ ସରକାରର ମଡେଲ। ଏଥିରେ ବିକାଶର ଗତି ଦୁଇଗୁଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

▶▶ପୃଷ୍ଠା ୭

# ତାମିଲନାଡୁରେ ଭାଜପା ଓ ଏଆଇଏଡିଏମକେର ପୁଣି ମେଂଟ ନେଇ ଘୋଷଣା



ଚେନ୍ନାଇ, ୧୧/୦୪ : ତାମିଲନାଡୁରେ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ଅଖିଳ ଭାରତୀୟ ଆନ୍ନା ଦ୍ରାବିଡ଼ ମୁନେତ୍ର କଡ଼ଗାମ (ଏଆଇଏଡିଏମକେ) ପୁଣି ଥରେ ଏକ ମେଂଟ ଗଠନ କରିଛନ୍ତି । ତାମିଲନାଡୁରେ ଏଆଇଏଡିଏମକେ ଦ୍ୱାରା ଜାତୀୟ ଗଣତାନ୍ତ୍ରିତ ମେଂଟ (ଏନଡିଏ) ନେତୃତ୍ୱ ନିଆଯିବ। ଶୁକ୍ରବାର ଦିନ ଚେନ୍ନାଇରେ ଆୟୋଜିତ ଏକ ପ୍ରେସ କନଫରେନ୍ସରେ ଦୁଇ ଦଳ ମଧ୍ୟରେ ମେଂଟ ଘୋଷଣା ନେଇ ବରିଷ୍ଠ ଭାଜପା ନେତା ଏବଂ କେନ୍ଦ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ, ଭାଜପା ଏବଂ ଏଆଇଏଡିଏମକେ ତାମିଲନାଡୁ ବିଧାନସଭା ନିର୍ବାଚନ ମିଶି ଲଢ଼ିବେ । ଏହି ନିର୍ବାଚନ ରାଜ୍ୟ ସ୍ତରରେ ଏଆଇଏଡିଏମକେ ନେତା ଏଡ଼ପାଦୀ କେ. ପଲାନୀସ୍ୱାମୀଙ୍କ ନେତୃତ୍ୱରେ ଲଢ଼ାଯିବ। ରାଜ୍ୟରେ ସେମାନଙ୍କର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଆଗାମୀ ନିର୍ବାଚନ ପାଇଁ ପ୍ରତିଶ୍ରୁତି ପାଇଁ ଉଭୟ ଦଳ ଏକାଠି କାମ କରିବେ । ଏହି ମେଂଟର ଲକ୍ଷ୍ୟ ଆଂଚଳିକ ଏବଂ ଜାତୀୟ ପ୍ରସଙ୍ଗଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଉଭୟ ଦଳର ଶକ୍ତିକୁ ବ୍ୟବହାର କରିବା ।

ଏହି ଘୋଷଣା ତାମିଲନାଡୁ ରାଜନୀତି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ କାରଣ ଏଆଇଏଡିଏମକେ-ବିଜେପି ମେଂଟ ରାଜ୍ୟର ନିର୍ବାଚନୀ ପରିସ୍ଥିତିକୁ ବଦଳାଇ ଦେଇପାରେ । ତାମିଲନାଡୁ ଭୋଟରଙ୍କ ଚିନ୍ତାକୁ ସମାଧାନ କରିବା ଏବଂ ଏକୀକୃତ ଏଜେଣ୍ଡାକୁ ପ୍ରୋତ୍ସାହିତ କରିବାର କ୍ଷମତା ଉପରେ ମେଂଟର ସଫଳତା ନିର୍ଭର କରିବ । ତାମିଲନାଡୁରେ ଏନଡିଏ ମେଂଟ ଭିତରେ ଏଆଇଏଡିଏମକେର ନେତୃତ୍ୱ ଏକ ରଣନୀତିକ ପଦକ୍ଷେପ କାରଣ ରାଜ୍ୟରେ ଦଳର ଏକ ଦୃଢ଼ ଉପସ୍ଥିତି ରହିଛି । ଅନ୍ୟପକ୍ଷରେ ବିଜେପି ତାମିଲନାଡୁରେ ନିଜର ପ୍ରଭାବ ବିସ୍ତାର କରିବାକୁ ଏବଂ ରାଜ୍ୟ ରାଜନୀତିରେ ନିଜକୁ ଏକ ପ୍ରମୁଖ ଖେଳାଳୀ ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁଛି। ଏହି ଘୋଷଣା ଏମିତି ସମୟରେ ହୋଇଛି ଯାହା ନୈନାର ନାଗେନ୍ଦ୍ରନ ଭାଜପା ତାମିଲନାଡୁ ୟୁନିଟର ସଭାପତି ଭାବରେ କେ. ଅନ୍ନାମଲାଇଙ୍କ ସ୍ଥାନ ନେବା ପାଇଁ ଏକମାତ୍ର ଦାବିଦାର ଭାବରେ ଉଭା ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି ସହ ପେନସନ୍‌ଭୋଗୀଙ୍କ ଟି. ଆଇ. ରେ ମଧ୍ୟ ବୃଦ୍ଧି



ଭୁବନେଶ୍ୱର, ୧୧/୪ (ନି.ପ୍ର): ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜାନୁଆରୀ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଏପ୍ରିଲ ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଏପ୍ରିଲ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

# ଭୁବନେଶ୍ୱରରେ କୁଖ୍ୟାତ ବ୍ରାଉନସୁଗାର ମାଫିଆ ପୋଲିସ ଏନକାଉଂଟରରେ ଆହତ


ଭୁବନେଶ୍ୱର, ୧୧/୪ (ନି.ପ୍ର): ଭୁବନେଶ୍ୱରରେ ଖଣ୍ଡଗିରି ଅଂଚଳରେ ଗତକାଲି ବିଳମ୍ବିତ ରାତିରେ ପୋଲିସ ଏନକାଉଂଟରରେ କୁଖ୍ୟାତ ବ୍ରାଉନ ସୁଗାର ମାଫିଆ ଶେଖ୍ ଜାମସେଦ ଆହତ ହୋଇଛି । କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଶେଖ୍ ଜାମସେଦ ଯିଏକି ଦୀର୍ଘଦିନରୁ ନିଶା ଦ୍ରବ୍ୟ ତସ୍କରୀରେ ସାମିଲ ଥିଲା, ତା ବିରୁଦ୍ଧରେ ଲାଲବାଗ ବାଲିଅନ୍ତା ଓ ବଡଗଡ ଥାନା ଅଂଚଳରେ ଅନେକ ମାମଲା ରେକର୍ଡ ହୋଇଛି । ଏହା ପୂର୍ବରୁ ତାକୁ ଅପରାଧ ଶାଖାର ସ୍ପେଶାଲ ଟାସ୍କ ଫୋର୍ସ ଦ୍ୱାରା ବି ନିଶା ତସ୍କରୀ ଅଭିଯୋଗରେ ଗିରଫ କରାଯାଇଥିଲା । ପୋଲିସ ସୂତ୍ର ଅନୁସାରେ, ଘଟଣା ଦିନ ରାତିରେ ଜାମସେଦ ପୋଖରୀପୁରରୁ ଖଣ୍ଡଗିରି ଯାଉଥିଲା। ଏହି ସମୟରେ ସ୍ପେଶାଲ କ୍ରାଇମ ୟୁନିଟ୍ ଟିମ୍ ଯିଏକି ପୂର୍ବରୁ ତା ଉପରେ ନଜର ରଖିଥିଲେ, ତାକୁ ଧରିବା ପାଇଁ ଉଦ୍ୟମ କରିଥିଲେ । ଗିରଫ ସମୟରେ ଜାମସେଦ ଏହାର ବିରୋଧ କରିଥିଲା ଏବଂ ପୋଲିସ ଉପରକୁ ଗୁଳି ଚଳାଇଥିଲା । ଜବାବରେ ପୋଲିସ ବି ଗୁଳି ଚଳାଇଥିଲା, ଯାହାକି ଜାମସେଦରେ ଗୋଡରେ ଲାଗିଥିଲା । ସୂଚନା ଅନୁସାରେ ଜାମସେଦ ଗତ କିଛି ମାସରୁ ପୋଲିସ ନଜରରେ ଥିଲା, ସେ ନିଶା ତସ୍କରୀ ମାମଲାରେ ଲିପ୍ତ ଥିବା ସନ୍ଦେହ କରାଯାଉଥିଲା । ଏନକାଉଂଟର ସମୟରେ ପୋଲିସ ପ୍ରାୟ ୨୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଓ ପିସ୍ତଲ ଜବତ କରିଛି । ମାମଲାର ତଦନ୍ତ ଜାରି ରହିଛି ।

# ଚାଇନା-ଆମେରିକା ମଧ୍ୟରେ ବଢୁଛି ଟାରିଫ ୱାର୍



ନୂଆଦିଲ୍ଲୀ, ୧୧।୪: ବିଶ୍ୱର ଦୁଇ ଅର୍ଥନୈତିକ ମହାଶକ୍ତି ଚାଇନା ଏବଂ ଆମେରିକା ମଧ୍ୟରେ ଟାରିଫ ୱାର୍ ବଢିବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୧୨୫ ପ୍ରତିଶତରୁ ୧୪୫ ପ୍ରତିଶତକୁ ଟାରିଫ ବୃଦ୍ଧି କରିଛନ୍ତି । ଆମେରିକାର ଏହି ପଦକ୍ଷେପ ପରେ କ୍ରୋଧିତ ହୋଇ ଉଠିଛି ଚାଇନା। ଶୁକ୍ରବାର ସବୁଠାରୁ ବଡ଼ ପ୍ରତିଆକ୍ରମଣ କରିଛି ଚାଇନା। ଆମେରିକାରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ଚାଇନା ୮୪ ପ୍ରତିଶତରୁ ୧୨୫ ପ୍ରତିଶତକୁ ଟାରିଫ ବୃଦ୍ଧି କରିଛି। ଅନ୍ୟପକ୍ଷେ ଆମେରିକା ଏବଂ ଚାଇନାର ଏହି କାର୍ଯ୍ୟାନୁଷ୍ଠାନ ସହିତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆହୁରି ବଢ଼ିଯାଇଛି । ଶୁକ୍ରବାର ଜାରି ହୋଇଥିବା ଏକ ବିବୃତ୍ତିରେ ଚାଇନାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆମେରିକା ଦ୍ୱାରା ଚାଇନା ଉପରେ ଅସାଧାରଣ ଟାରିଫ ଲାଗୁ କରିବା ଅନ୍ତର୍ଜାତୀୟ ଏବଂ ଅର୍ଥନୈତିକ ବାଣିଜ୍ୟ ନିୟମ ଏବଂ ମୌଳିକ ଅର୍ଥନୈତିକ ଆଇନର ଉଲ୍ଲଂଘନ କରୁଛି। ଏହା ଏକପାଖିଆ ଭୟଭୀତ କରିବା ଏବଂ ବଳପୂର୍ବକ ବ୍ୟବହାର କରାଯାଉଛି । ଚାଇନା ଅର୍ଥ ମନ୍ତ୍ରଣାଳୟ ଆହୁରି କହିଛି ଯେ, ଯଦି ଆମେରିକା ଚାଇନାକୁ ପଠାଯାଉଥିବା ସାମଗ୍ରୀ ଉପରେ ଟାରିଫ ଲଗାଇବା ଜାରି ରଖେ, ତେବେ ଚାଇନା ଏହାକୁ ଅଣଦେଖା କରିବ ନାହିଁ। ସୂଚନା ଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରେସିପ୍ରୋକାଲ ଟାରିଫ କାର୍ଯ୍ୟକାରିତାକୁ ୯୦ ଦିନ ସ୍ଥଗିତ ରଖିବା ପରେ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଆମେରିକା ସାମଗ୍ରୀ ଉପରେ ଲଗାଇବାକୁ ଥିବା ପାଲଟା ଶୁଳ୍କକୁ ୯୦ ଦିନ ଅଟକାଇବାକୁ ନିଷ୍ପତ୍ତି ନେଇଛି। ବୁଝାମଣା ପାଇଁ ଏକ ସୁଯୋଗ ଦେବା ନିମନ୍ତେ ଆମେ ଟାରିଫ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି ଇୟୁ ମୁଖ୍ୟ ଉର୍ସୁଲା ଭନ ଡେ? ଲେୟେନ କହିଛନ୍ତି। ତେବେ ଆମେରିକା ସାମଗ୍ରୀ ଉପରେ ୨୭ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ଇୟୁ କେତେ ପ୍ରତିଶତ ଶୁଳ୍କ ଲଗାଇଥାନ୍ତା, ତାହା ଘୋଷଣା କରିନାହିଁ। ଯଦି ବୁଝାମଣା ସନ୍ତୋଷଜନକ ନ ହୁଏ, ତେବେ ଆମେ ପାଲଟା ଶୁଳ୍କ ଲାଗୁ କରିବୁ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ କହିଛନ୍ତି।

# ପୁଣି ସୁନା ଦର ଉପରମୁହାଁ : ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ୍ ପିଛା ୯୫ ହଜାର ୪୦୦



ନୂଆଦିଲ୍ଲୀ, ୧୧/୦୪ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶିଳ୍ପ ନୀତି ପାଇଁ ଗତ କିଛି ଦିନ ଧରି ସେୟାର ବଜାରରେ ବଡ଼ ହଲଚଲ ଦେଖିବାକୁ ମିଳିଛି । ଆଉ ଏହାର ପ୍ରଭାବ ସୁନା, ରୁପା ଦର ଉପରେ ପଡୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶିଳ୍ପ ନୀତି ପାଇଁ ଗତ କିଛି ଦିନ ଧରି ସେୟାର ବଜାରରେ ବଡ଼ ହଲଚଲ ଦେଖିବାକୁ ମିଳିଛି । ଆଉ ଏହାର ପ୍ରଭାବ ସୁନା, ରୁପା ଦର ଉପରେ ପଡୁଛି । ଗତ କିଛି ଦିନ ସୁନା, ରୁପା ଦର ସାମାନ୍ୟ ଖସିଥିବାବେଳେ ଏବେ ପୁଣିଥରେ ଉପରମୁହାଁ ହୋଇଛି ସୁନା ମୂଲ୍ୟ । ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୯୫ ହଜାର ପାର କରିଛି । ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୯୫ ହଜାର ୪୦୦ ରହିଛି । ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ୍ ?କୁ ୮୭ହଜାର ୪୫୦ ଟଙ୍କା ରହିଛି । ୩ ଦିନରେ ୫ ହଜାର ଟଙ୍କା ମହଙ୍ଗା ହେଲାଣି ସୁନା । ଆଗାମୀ ଦିନରେ ସୁନା ଆହୁରି ମହଙ୍ଗା ହେବାର ସମ୍ଭାବନା ରହିଛି । ବଜାରରେ ଲାଗି ରହିଥିବା ଅସ୍ଥିରତାର ପ୍ରଭାବରେ ସୁନା, ରୁପା ମୂଲ୍ୟ ବି ଆକାଶ ଛୁଆଁ ହୋଇଯାଇଛି ।

# ଆଉ ୨୪ଘଣ୍ଟାରେ ପ୍ରବଳ ଝଡବର୍ଷା ! ୬ଜିଲ୍ଲାରେ ପ୍ରବଳ ବର୍ଷିବ



ଭୁବନେଶ୍ୱର,୧୧।୪:(ନି.ପ୍ର) ଆଉ ୨୪ ଘଣ୍ଟାରେ ହେବ ପ୍ରବଳ ଝଡ଼ ବର୍ଷା। ଏନେଇ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷିଣ ଓଡ଼ିଶାର ୬ ଜିଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବାବେଳେ ବାକି ଉତ୍ତର ଉପକୂଳର ୧୭ ଜିଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ତେବେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗ ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡରେ ଘଡଘଡି ସହିତ ବର୍ଷା ଓ ପବନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ସବୁ ସ୍ଥାନରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବ ବୋଲି ଆକଳନ କରାଯାଇଛି। ଶନିବାର ଅର୍ଥାତ ୧୨ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡା ଓ ମୟୂରଭଞ୍ଜ ଓ କେନ୍ଦୁଝରରେ ଘଡଘଡି ସହିତ ବର୍ଷା ହୋଇପାରେ।

# ଶଙ୍ଖ ଭବନରେ ଛେନାପୋଡ଼ ଦିବସ ପାଳିତ

ଭୁବନେଶ୍ୱର,୧୧।୪:(ନି.ପ୍ର) ଓଡ଼ିଶାର ପାରମ୍ପରିକ ମିଠା ଛେନାପୋଡ଼ ପାଇଁ ଉତ୍ସର୍ଗୀତ ଛେନାପୋଡ଼ ଦିବସ ଆଜି ଶଙ୍ଖ ଭବନରେ ଉତ୍ସାହ ସହ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁ ଜନତା ଦଳର ଜାତୀୟ ମୁଖପାତ୍ର ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ଼ ସନ୍ତୃପ୍ତ ମିଶ୍ର, ମୁଖପାତ୍ର ଡ଼ ଲେଖାଶ୍ରୀ ସାମସିଂହାର, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ସୋଫିଆ ଆଲାମ, ବିଶ୍ୱପ୍ରତାପ ସାହୁ ଓ ଅରୂପ ଶ୍ରୀଚନ୍ଦନ ପ୍ରମୁଖଙ୍କ ଉପସ୍ଥିତିରେ ଛେନାପୋଡ଼ କାଟି ବଣ୍ଟନ କରାଯାଇଥିଲା ।

# ମୁଁ ଓଡ଼ିଆର ଜିଲାସ୍ତରୀୟ କମିଟି ଗଠିତ

ଭଦ୍ରକ,୧୧/୪(ନି।ପ୍ର): 'ମୁଁ ଓଡ଼ିଆ ମୋ ଭାଷା ବଡିଆ'। ମୋ ମାଆ , ମାଟି , ମାତୃଭାଷା ସବୁଠାରୁ ମହାନ। ଲୋକ ଭାଷା, ଲୋକ ସାହିତ୍ୟ , ପୁରାଣ ଶାସ୍ତ୍ର ଗାଥା ଏବଂ କିମ୍ବଦନ୍ତୀ ତଥା ମହାପୁରୁଷଙ୍କ ଜୀବନୀ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବିକଶିତ କରାଏ। ଯେତେ ଭାଷା ଅଛି ଏ ବିଶ୍ୱରେ, ଯେତେ ଶବ୍ଦ ଅଛି ହୃଦୟରେ, ଯେତେ କଥା ଅଛି ଭାବନାରେ ସବୁଠାରୁ ବଢିଆ ମୋ ଭାଷା ଓଡ଼ିଆ। ଏହି ଶବ୍ଦ ଆଜି ପ୍ରତ୍ୟେକ ଓଡ଼ିଆଙ୍କର ଜୀବନରେ ଏକମାତ୍ର ଧ୍ୟେୟ ହେବା ଉଚିତ୍। ତେବେ ଯାଇ ଓଡ଼ିଶା ରାଜ୍ୟ ଗଠନରେ ଶ୍ରମଦାନ କରିଥିବା ଏ ଜାତିକୁ ସମଗ୍ର ବିଶ୍ୱରେ ବଳିଷ୍ଠ ଯୋଦ୍ଧାର ପରିଚୟ ଦେଇଥିବା ମହାପୁରୁଷମାନଙ୍କର ସ୍ୱପ୍ନ ସାକାର ହେବା ସହିତ ଓଡ଼ିଆ ଅସ୍ମିତାର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ମହିମା ବିଶ୍ୱବିଦିତ ହୋଇପାରିବ। ଦେଶ ତଥା ବିଦେଶରେ ରହୁଥିବା ପ୍ରତ୍ୟେକ ଓଡ଼ିଆମାନେ ସ୍ୱାଭିମାନରେ କହିବେ 'ମୁଁ ଓଡ଼ିଆ ମୋ ଭାଷା ବଢିଆ'। ବିଶ୍ୱର କୋଣାନୁକୋଣରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ଏଭଳି ଏକ ଅନୁଷ୍ଠାନର ଛତ୍ରଛାୟା ତଳେ କାୟମନୋବାକ୍ୟରେ ଏକ ହୋଇ ରହିଲେ ଓଡିଆ ଭାଷା ସମୃଦ୍ଧ ହୋଇପାରିବ ବୋଲି ଆଜି 'ମୁଁ ଓଡ଼ିଆ' ଅନୁଷ୍ଠାନର ପ୍ରସ୍ତୁତି ବୈଠକରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। 'ମୁଁ ଓଡ଼ିଆ ' ପ୍ରତିଷ୍ଠାନର ପ୍ରତିଷ୍ଠାତା ଓଡିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟସ୍ଥ 'ଗୁରୁଜ୍ଞାନ ଏକାଡେମୀ' ପରିସରରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ବିଭୂତି ଭୂଷଣ ସେନାପତି ମୁଖ୍ୟଅତିଥି ଏବଂ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଅରୁଣ କୁମାର ମଲ୍ଲିକ, ଡାକ୍ତର କିରଣ ଚନ୍ଦ୍ର ଗୁଇଁ, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ, ପଣ୍ଡିତ ସଞ୍ଜୟ ପାଢ଼ୀ ଶର୍ମା ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା ବିଶ୍ୱର ସର୍ବ ପ୍ରାଚୀନ ଭାଷା ବୋଲି ନିଜ ନିଜର ଯୁକ୍ତିମୂଳକ ବକ୍ତବ୍ୟ ରଖିଥିଲେ।ଏଥି ସହ ଆନ୍ତର୍ଜାତୀୟ ସ୍ତରରେ 'ମୁଁ ଓଡ଼ିଆ' ନାମକ ଏକ ସଂଗଠନ ପ୍ରତିଷ୍ଠା ହୋଇ ଥିବାରୁ ଏହାର ପ୍ରତିଷ୍ଠାତା ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।ଏହି ଅବସରରେ ଉପସ୍ଥିତ ଥିବା ଭଦ୍ରକ ଜିଲ୍ଲାର ବୁଦ୍ଧିଜୀବୀ ତଥା ସାହିତ୍ୟିକ ମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତିଙ୍କୁ ସଭାପତି, ଆଦର୍ଶ ଶିକ୍ଷକ ଅରୁଣ କୁମାର ମଲ୍ଲିକଙ୍କୁ କାର୍ଯ୍ୟକାରୀ ସଭାପତି, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟଙ୍କୁ ଆବାହକ, ଅଧ୍ୟାପକ ମନୋରଞ୍ଜନ ବାରିକଙ୍କୁ ସଂଯୋଜକ, ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଇଂ ରବୀନ୍ଦ୍ର କୁମାର ଜେନା, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ଗୀତାରାଣୀ ଆଇଚଙ୍କୁ ଉପସଭାପତି, ପ୍ରଶାନ୍ତ କୁମାର ତ୍ରିପାଠୀଙ୍କୁ ସାଧାରଣ ସମ୍ପାଦକ, ରଶ୍ମିତା ଦାଶଙ୍କୁ ସମ୍ପାଦିକା, ନିର୍ମଳ ବେହୁରିଆଙ୍କୁ ସହ ସମ୍ପାଦକ,ଦୀପାଳୀ ନାୟକ, ମନସ୍ମିତା ଦାସଙ୍କୁ ଯୁଗ୍ମ ସମ୍ପାଦିକା, ସଂଯୁକ୍ତା ବଳଙ୍କୁ ସଂଗଠନ ସମ୍ପାଦିକା, ପ୍ରଶାନ୍ତ କୁମାର ମହଲଙ୍କୁ ସାଂସ୍କୃତିକ ସମ୍ପାଦକ, ପଣ୍ଡିତ ସଞ୍ଜୟ ପାଢ଼ୀ ଶର୍ମାଙ୍କୁ କୋଷାଧ୍ୟକ୍ଷ, ଅତଶ୍ୱିନୀ ମିଶ୍ର, ଦମୟନ୍ତୀ ରାଉତ, ସୁଶ୍ରୀ ସଙ୍ଗୀତା ସାହୁ, ମନୋରମା ରାୟ, ପ୍ରଦୀପ କୁମାର ଜେନା, ସମୀର କୁମାର ଜେନା, ଗୌରାଙ୍ଗ ଚନ୍ଦ୍ର ବାରିକ , ନିର୍ମଳ କୁମାର ବେହୁରିଆଙ୍କୁ ସହ ସମ୍ପାଦକ, ସାମ୍ବାଦିକ ଶଶି ଭୂଷଣ ସ୍ୱାମୀଙ୍କୁ ମିଡିଆ ସେଲର ଅଧ୍ୟକ୍ଷ ଏବଂ ଗୋସ୍ୱାମୀ ଆରୂପାନନ୍ଦ ଦାସଙ୍କୁ ଉପାଧ୍ୟକ୍ଷ ଭାବେ ସର୍ବ ସମ୍ମତି କ୍ରମେ ମନୋନୟନ କରାଯାଇଥିବା ବେଳେ ଅଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର, ବିପ୍ଳବ ହୋତା, ନିତ୍ୟାନନ୍ଦ ମଲ୍ଲିକ, ଆଶୁତୋଷ କରଣ, ପର୍ଶୁରାମ ପଣ୍ଡା, ଅଶୋକ କୁମାର ଖିଲାର, ଶ୍ରଦ୍ଧାଞ୍ଜଳି ମିଶ୍ର, ଅଧ୍ୟାପକ ପ୍ରତାପ କୁମାର ମହାନ୍ତି, ଅଧ୍ୟାପିକା ସଂଯୁକ୍ତା ଭାରତୀ, ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ଇଂ ଶଶାଙ୍କ ଶେଖର ପଣ୍ଡା, ନିରଞ୍ଜନ ବାରିକ୍, ରମାମଣି ପଣ୍ଡା, ଅଧ୍ୟାପକ ଅବନୀ ଦାଶ, ଅଧ୍ୟାପକ ଗୌତମ ମିଶ୍ର , ରୋଜାଲିନ ରାଉତ, ଶ୍ରୀଧର ଜେନା , ବୈକୁଣ୍ଠ ନାଥ ଓଝା, ଅଜୟ କୁମାର ମହାପାତ୍ରଙ୍କୁ କାର୍ଯ୍ୟନିର୍ବାହୀ ସଦସ୍ୟ ସଦସ୍ୟା ଭାବେ ମନୋନୀତ କରାଯାଇଛି। ଏହିଭଳି ଭାଷା ସାହିତ୍ୟ ସଂସ୍କୃତି ସଂପନ୍ନ ଗବେଷଣାଧର୍ମୀ ପ୍ରତିଷ୍ଠାନକୁ ଦିଗ୍ଦର୍ଶନ ଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ୱ ସମ୍ମତି କ୍ରମେ ପ୍ରଫେସର ଗୋଲାଲ ବିହାରୀ ସାହୁ, ପ୍ରଫେସର ମନୀନ୍ଦ୍ର ମହାନ୍ତି, ଅଧ୍ୟାପକ ସୁରେନ୍ଦ୍ର ମହାନ୍ତି, ଡକ୍ଟର ରାମଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ହରମୋହନ କୁଅଁର ଏବଂ ଡାକ୍ତର କିରଣ ଚନ୍ଦ୍ର ଗୁଇଁ ଙ୍କୁ ଉପଦେଷ୍ଟା ଭାବେ ସମ୍ମାନର ସହିତ ମନୋନୟନ କରାଯାଇଛି। ଉପସ୍ଥିତ ଅତିଥି ଏବଂ ନବ ନିର୍ବାଚିତ କେନ୍ଦ୍ରୀୟ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରି ଓଡ଼ିଆ ଭାଷା ଉପରେ ନିଜ ନିଜର ମତ ଓ ମନ୍ତବ୍ୟ ରଖିଥିଲେ। ଖୁବ୍ ଭଲ ଓଡ଼ିଶାର ପ୍ରତ୍ୟେକ ଜିଲାରେ 'ମୁଁ ଓଡ଼ିଆ' ପକ୍ଷରୁ ଜିଲାସ୍ତରୀୟ କମିଟି ଗଠନ କରାଯାଇ ଓଡ଼ିଶା ସମେତ ଦେଶର ପ୍ରତ୍ୟେକ ରାଜ୍ୟରେ ରାଜ୍ୟସ୍ତରୀୟ 'ମୁଁ ଓଡ଼ିଆ' କମିଟି ଗଠନ କରାଯିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସୂଚନା ଦେଇଥିଲେ। ଶେଷରେ ଏ ବି ମହାବିଦ୍ୟାଳୟର ଲାଇବ୍ରେରିୟାନ ସୁଶ୍ରୀ ଅତଶ୍ୱିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଧାରକାର୍ଡ ସାଜିଛି ବାଧକ : ସରକାରୀ ଯୋଜନାରୁ ବଂଚିତ ଯାଜ୍ଞସେନୀ

ମୁଖୀଗୁଡା,୧୧/୪(ନି।ପ୍ର): ଆଧାରକାର୍ଡ ନଥିବା ଯୋଗୁଁ ଯାଜ୍ଞସେନି ପାଇଁ ସବୁ ଯୋଜନା ଅଧାରେ ରହିଯାଇଛି।ସାମାନ୍ୟ ଆଧାର କାର୍ଡ ଟିଏ ପାଇଁ ବାର ଦୁଆର ହେବା ପରେ ମଧ୍ୟ କାର୍ଡ ହୋଇପାରୁ ନାହିଁ।ଯାହାଫଳରେ ଖାଦ୍ୟ ସୁରକ୍ଷା ଯୋଜନା ଠାରୁ ଆରମ୍ଭ କରି ଆବାସ,ଭିନ୍ନକ୍ଷମ ଭତା ଭଳି କୋଣସି ଯୋଜନା ରୁ ଲାଭପାଇ ପାରୁ ନାହାନ୍ତି କଳାହାଣ୍ଡି ଜିଲ୍ଲା ଜୟପାଟଣା ୯ନମ୍ବର ୱାର୍ଡ ବାସିନ୍ଦା ଯାଜ୍ଞସେନି ପରିଛା । ଯାଜ୍ଞସେନିଙ୍କ ବୟସ ୫୩।ମାଟ୍ରିକ ଯାଏଁ ପାଠ ପଢିବା ପରେ ତାଙ୍କ ମାନସିକ ବିକୃତି ଘଟିଲା । ବିଭିନ୍ନ ପ୍ରକାର ଚିକିତ୍ସା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଅବିବାହିତ ଯାଜ୍ଞସେନି ବାପା, ମା ଙ୍କ ମୃତ୍ୟୁ ପରେ ଏବେ ଭାଇ ଓ ଭାଉଜ ଭରସାରେ ରହିଥିବା ବେଳେ ସରକାରୀ ସହାୟତା ନପାଇ ଦୁର୍ବିସହ ଜୀବନ କାଟୁଛନ୍ତି। ସବୁ ଯୋଜନା ଅଛି କିନ୍ତୁ ତାଙ୍କ ପାଖରେ ଆଧାର କାର୍ଡଟିଏ ନଥିବା ଯୋଗୁଁ ସବୁ ଯୋଜନା ଯେପରି ତାଙ୍କ ପାଇଁ ହୋଇନାହିଁ। ଏ ନେଇ ଅନେକ ଥର ସ୍ଥାନୀୟ ପ୍ରଶାସନ ନିକଟରେ ଗୁହାରି କରିଥିଲେ ସୁଦ୍ଧା ଆଧାର କାର୍ଡ ନଥିବା ଦର୍ଶାଇ ଅଧିକାରୀ ମାନେ କୋଣସି ଯୋଜନାରେ ସାମିଲ କରି ପାରୁନାହାନ୍ତି। ଯାଜ୍ଞସେନି ଙ୍କ ପରିବାର କହିଲେ ଭାଇ ଓ ଭାଉଜ। ଭାଇ ଏକ ଛୋଟ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଯାହା ରୋଜଗାର କରନ୍ତି ତାଙ୍କ ପରିବାର କୁ ମଧ୍ୟ ନିଅଂଟ। ମାନସିକ ବିକୃତ ଯାଜ୍ଞସେନି ଦୁଇ ଓଳି ଦୁଇ ମୁଠା ଦେବାକୁ ମଧ୍ୟ କଷ୍ଟକର ହେଉଛି। ଯାଜ୍ଞସେନିଙ୍କ ରାସନ କାର୍ଡ ତଥା ଭତାଟିଏ ପାଇଁ ସେ ବି ଅନେକ ଥର ଚେଷ୍ଟା କରିଛନ୍ତି କିନ୍ତୁ ହୋଇ ପାରୁନାହିଁ , ସବୁଠି ସେଇ ଆଧାର କାର୍ଡ ହିଁ ବାଧକ।ଏବେ ଯାଜ୍ଞସେନିଙ୍କୁ ଭଲ ଭାବରେ ଦେଖାଯାଉ ନାହିଁ।ଆର୍ଥିକ ଅବସ୍ଥା ଠିକ ନଥିବାରୁ ତାଙ୍କର ଆଖିର ଚିକିତ୍ସା ମଧ୍ୟ ହୋଇପାରୁ ନାହିଁ ।ଯାଜ୍ଞସେନିଙ୍କୁ ସରକାରୀ ସ୍ତରରେ କିଛି ସୁବିଧା ମିଳିବ ସେ ଚିନ୍ତାରେ ପୁରା ପରିବାର ରହିଛନ୍ତି।ଏ ଦିଗରେ ଜିଲ୍ଲା ପ୍ରଶାସନ ଯାଜ୍ଞସେନିଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ କେନ୍ଦୁଝରଠାରେ ଲୋକକଳା ପାଇଁ ଦିନଟିଏ

କେନ୍ଦୁଝର,୧୧/୪(ନି।ପ୍ର): ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଆଜି କେନ୍ଦୁଝର ଜିଲ୍ଲାରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ମହା ଆଡମ୍ବର ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକରେ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରଚାର କରିବା ସହିତ ଆଗାମୀ ପିଢ଼ିଙ୍କୁ ଏହା ସହିତ ଯୋଡ଼ିବାର ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ କହିଥିଲେ କି ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ। ଏହାକୁ ଜୀବନ୍ତ ରଖିବା ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାସଂସ୍କୃତି ଅଧିକାରୀ ରମେଶ ନାୟକ, ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ଓ ସେହିପରି ଜିଲ୍ଲାର ସମସ୍ତ ବ୍ଲକରେ ବରିଷ୍ଠ ଲୋକକଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ବିଶିଷ୍ଟ ଲୋକକଳାକାରଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହା ସହିତ ପ୍ରମୁଖ ଲୋକକଳା ଯଥା ନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ କଳାର ଆକର୍ଷଣୀୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ପିଢ଼ିଙ୍କୁ ଲୋକକଳା ପ୍ରତି ଆଗ୍ରହୀ କରାଇବା ଏବଂ ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ମଂଚ ପରିଚାଳନା କରିଥିଲେ ।

# ଜୟପୁରରେ ମହାବୀର ଜୟନ୍ତୀ ପାଳିତ

ଜୟପୁର,୧୧/୪(ନି।ପ୍ର): ଜୟପୁରରେ ଜୈନ ସମ୍ପ୍ରଦାୟର ଲୋକେ ଆଜି ଦିନ ୧୧ଟା ୩୦ ମିନିଟ ସମୟରେ ମହାବୀର ଜୟନ୍ତୀ ପାଳନ କରିଛନ୍ତି । ମହାବୀରଙ୍କ ଫଟୋକୁ ରଥରେ ବସାଇ ସହର ପରିକ୍ରମା କରିଥିଲେ । ଜୈନ ମନ୍ଦିରରରୁ ବିରାଟ ଶୋଭାଯାତ୍ରା ବାହାରିଥିଲା । ଜୈନ ମନ୍ଦିରରୁ ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରି ପୁଣି ମନ୍ଦିରରେ ପହଂଚି ଥିଲା ।

# ପ୍ରଶଂସିତ ହେଲା ନାଟକ 'ପେଟ ପାଇଁ ନାଚ'

ଜୟପୁର, ୧୦ ୧୧/୪(ନି.ପ୍ର)- ଶ୍ରାବଣୀ ପ୍ରସ୍ତୁତ ନାଟକ 'ପେଟ ପାଇଁ ନାଚ', ଓଡିଶା ନାଟକ ସଂଘ ଏବଂ ଦକ୍ଷିଣ ଓଡିଶା ନାଟକ ସଂଘ ଦ୍ୱାରା ଆୟଜିତ ନାଟକ ମହୋତ୍ସବରେ ଅଂଶଗ୍ରହଣ କରି ବିପୁଳ ପ୍ରଶଂସା ସାଉଁଟିଛି। ନିରଞ୍ଜନ ପାଣିଗ୍ରାହିଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକରେ ଅଂଶଗ୍ରହଣ କରିଥିଲେ କମଳା କାନ୍ତ ରଥ, ସୁରେଶ ହୋତା, ନରସିଂହ ସଡ଼ଙ୍ଗୀ, ପବିତ୍ର ମଲ୍ଲିକ, ନିବେଦନ ପାଣିଗ୍ରାହି, ନିରଞ୍ଜନ ପାଣିଗ୍ରାହି, ଅଭିନୟ କରିବା ବେଳେ ସଂଗୀତରେ ଥିଲେ ଜି. ମହେଶ ଓ ରାମନିଗମ ମହାନ୍ତି, ମଞ୍ଚ ସଜ୍ଜା ଏବଂ ରୂପ ସଜ୍ଜାରେ ଭଗବାନ ସାହୁ, ସହାୟତା ଏମ. ଡି. ସରିଫ, ଲାଲୁ ମିଶ୍ର ରହିଥିଲେ। ପେଟର ଭୋକ ମେଣ୍ଟାଇବା ପାଇଁ ମଣିଷ କଣ ନ କରିପାରେ। ସମାଜ ସହିତ ଲଢ଼ିଯାଏ, ନୀତି ନିୟମକୁ ଖାତିରି ନକରି ଆଗକୁ ମେଡ଼ିଯାଏ, ନିଜ ପରିବାର ପାଇଁ ସବୁକିଛି କରିପକାଏ । ସେ ଆଇଏଏସ ଅଫିସର ହେଉ ବା ଦିନ ମଜୁରିଆ ସମସ୍ତେ ପେଟ ପାଇଁ ନାଟ କରନ୍ତି, ହେଲେ ପେଟର ଭୋକ ମେଂଟି ଯାଇପାରେ କିନ୍ତୁ ମନର ଭୋକ ମେଂଟିବା ବହୁତ କଷ୍ଟ.... ଏଭଳି ଏକ ପରିସ୍ଥିତିରେ ମଣିଷର ସଂଘର୍ଷ, ଏଭଳି ଏକ କାହାଣୀକୁ ଧରି ନାଟକଟି ଗତିଶୀଳ ହୋଇଥିଲା । ସମସ୍ତ ପ୍ରବୀଣ ଅଭିନେତା ଅଭିନେତ୍ରୀଙ୍କର ଉଦ୍ୟମ ପାଇଁ ଜୟପୁର ଶ୍ରାବଣୀକୁ ମିଳିଛି ବିପୁଳ ପ୍ରଶଂସା। ସମଗ୍ର ନାଟ୍ୟ ପ୍ରେମୀଙ୍କ ଗହଣରେ ଆନନ୍ଦର ଲହରୀ ସୃଷ୍ଟି କରିପାରିଛି ଶ୍ରାବଣୀ ଜୟପୁର । ହାସ୍ୟ ଅଭିନେତା ଏମ. ଡି. ସରିଫ, ଲେଖେକ, ନିର୍ଦେଶକ ନିରଞ୍ଜନ ପାଣିଗ୍ରାହିଙ୍କୁ ସମ୍ମାନିତ କରିଛି ଓଡିଶା ନାଟ୍ୟ ସଂଘ, ସମସ୍ତ କଳାକାରଙ୍କୁ ମାନ ପତ୍ର ସହ ପୁରସ୍କୃତ କରାଯାଇଥିଲା।

# ଭତ୍ତା ଅପେକ୍ଷାରେ ୨୫ ହଜାର ୫୨୩ ଆବେଦନକାରୀ

ଭଦ୍ରକ,୧୧/୪(ନି।ପ୍ର): ଭତାକୁ ଅପେକ୍ଷା କରି ଜିଲାରେ ଏବେ ପଡିରହିଛନ୍ତି ୨୫ ହଜାର ୫୨୩ ଆବେଦନକାରୀ। ଏହି ଆବେଦନକାରୀମାନେ ସରକାରଙ୍କ ଭତା ନିର୍ଦ୍ଧାରିତ ବୟସରେ ପହଂଚିବା ପରେ ଗତବର୍ଷ ଠାରୁ ଚଳିତବର୍ଷ ମାର୍ଚ୍ଚ ମାସରୁ ଆବେଦନ କରିଚାଲିଛନ୍ତି। ଆବେଦନକାରୀ ମାନେ ଭତା ପାଇବା ଆଶାରେ ଦୈନନ୍ଦିନ ବ୍ଲକ୍ ଅଫିସ୍‌ରୁ ଆରମ୍ଭ କରି ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇ ଫେରିବାକୁ ପଡୁଛି। ନୂଆ ଭତା ବାବଦରେ ସରକାର ଅର୍ଥ ମଂଜୁର କରିନଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବାର ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଏମାନଙ୍କ ମଧ୍ୟରେ ମଧୁବାବୁ ବାର୍ଦ୍ଧକ୍ୟ ଭତା ପାଇଁ ୨୦ ହଜାର ୯୦୮ ଆବେଦନକାରୀଙ୍କ ଦରଖାସ୍ତ ପଡିଥିବାବେଳେ ମଧୁବାବୁ ବିଧବା ଭତା ପାଇଁ ୧୨୬୫, ମଧୁବାବୁ ଭିନ୍ନକ୍ଷମ ଭତା ପାଇଁ ୧୭୭୭, ଅବିବାହିତଙ୍କ ସଂଖ୍ୟା ୧୫୦ ଓ ଛାଡପତ୍ର ମହିଳା ୩୮୩, ୬ ଜଣ କିନ୍ନର ଆବେଦନ କରିଛନ୍ତି। ସେହିପରି ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତା ପାଇଁ ୯୮୯ ଜଣ ଆବେଦନ କରିଥିବାବେଳେ ବିଧବା ଭତା ପାଇଁ ୩୩ ଜଣ ଓ ୧୨ ଜଣ ଭିନ୍ନକ୍ଷମ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ଜିଲାରେ ୧୫ ହଜାର ୩୨୯ ଜଣଙ୍କୁ ୩୫୦୦ ଟଙ୍କା ଭତା ପ୍ରଦାନ କରାଯାଉଥିବାବେଳେ ଏବେ ଆହୁରି ଅପେକ୍ଷାରେ ଅଛନ୍ତି ଜିଲାର ୭ଟି ବ୍ଲକ୍‌ରେ ୭୧୮୪ ଜଣ। ଏମାନଙ୍କ ମଧ୍ୟରେ ବାର୍ଦ୍ଧକ୍ୟ ଭତା ପାଇଁ ୬୨୬୦ ଜଣ ଆବେଦନ କରିଥିବାବେଳେ ୮୦ ପ୍ରତିଶ୍ରତରୁ ଉର୍ଦ୍ଧ୍ୱ ୯୨୪ ଜଣ ଆବେଦନ କରିଛନ୍ତି। ଏହାପୂର୍ବରୁ ଜିଲାରେ ୧୫ ହଜାର ୩୨୯ ଜଣଙ୍କୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଭତା ପ୍ରଦାନ କରାଯାଉଛି। ଆବେଦନକାରୀଙ୍କ ମଧ୍ୟରେ ଭଦ୍ରକ ବ୍ଲକ୍‌ରେ ୮୬୪ ଜଣ, ବାସୁଦେବପୁର ବ୍ଲକ୍‌ରେ ୧୫୭୬, ଭଣ୍ଡାରିପୋଖରୀରେ ୧୦୫୦, ବନ୍ତରେ ୫୦୨, ଚାନ୍ଦବାଲିରେ ୧୨୬୯, ଚାନ୍ଦବାଲି ଏନଏସିରେ ୨୦୦, ଧାମନଗର ବ୍ଲକ୍‌ରେ ୬୭୯, ଧାମନଗର ଏନଏସିରେ ୫୬ ଓ ତିହିଡି ବ୍ଲକ୍‌ରେ ୯୮୮ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ଭତା ଅପେକ୍ଷାରେ ଅଛନ୍ତି। ସେହିଭଳି ମଧୁବାବୁ (ଏମ୍‌ବିପିୱାଇ) ଓ ଏନଏସ୍‌ଏ ଭତା ପାଇଁ ଅପେକ୍ଷାରତ ୨୪ ହଜାର ୭୦୦ ଆବେଦନକାରୀଙ୍କ ମଧ୍ୟରୁ ବାସୁଦେବପୁର ବ୍ଲକ୍‌ରେ ୪୧୯୭, ପୌରପାଳିକାରେ ୫୨୬, ଭଦ୍ରକ ବ୍ଲକ୍‌ରେ ୨୯୪୬, ପୌରପାଳିକାରେ ୧୦୯୭, ଭଣ୍ଡାରିପୋଖରୀ ବ୍ଲକ୍‌ରେ ୨୨୧୮, ବନ୍ତ ବ୍ଲକ୍‌ରେ ୨୯୩୧, ଚାନ୍ଦବାଲି ବ୍ଲକ୍ ୨୯୬୯, ଏନଏସିରେ ୩୧୭, ଧାମନଗର ବ୍ଲକ୍‌ରେ ୨୨୭୫, ଏନଏସିରେ ୨୨୩ ଓ ତିହିଡି ବ୍ଲକ୍‌ରେ ୫୦୦୬ ଜଣ ଆବେଦନକାରୀ ଭତାକୁ ଚାହିଁ ବସିଛନ୍ତି।

# ଖରିଫ ଋତୁ ପାଇଁ କୃଷି ବିଭାଗର ବୈଠକ: ଖରିଫ ୨୦୨୫ ପାଇଁ ବିଭିନ୍ନ ବିହନର ଆବଶ୍ୟକତା ଯୋଗାଣ ଏବଂ ଉପଲବ୍ଧତା ଉପରେ ଆଲୋଚନା

ଭୁବନେଶ୍ୱର,୧୧/୪(ନି।ପ୍ର): କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଗୁରୁବାର ମଧ୍ୟାହ୍ନରେ ଚାଷୀଭାଇମାନଙ୍କୁ ବିହନ ଯୋଗାଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେଇଥିଲା । ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଓଡିଶାର ଚାଷୀ ଭାଇମାନଙ୍କ ନିମନ୍ତେ ଖରିଫ ୨୦୨୫ ପାଇଁ ବିଭିନ୍ନ ବିହନ ଯୋଗାଣ, ଆବଶ୍ୟକତା ଓ ଉପଲବ୍ଧି ଉପରେ ବିସ୍ତୃତ ଅଲୋଚନା କରାଯାଇଥିଲା । ବୈଠକରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଲେ ଯେ ସମସ୍ତ ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗାଇ ଦିଆଯିବ । ଖରିଫ ଋତୁ ପାଇଁ ବିହନଗୁଡିକ ଉପଯୁକ୍ତ ସମୟରେ ଚାଷୀଭାଇଙ୍କ ନିକଟରେ ଯୋଗାଣ ଉପଲବ୍ଧ ହେବା ଆବଶ୍ୟକ। ବିଭାଗ ଦ୍ୱାରା କୃଷକଙ୍କ ପସନ୍ଦ ଅନୁଯାୟୀ ବିହନ ଯୋଗାଣ ଦ୍ୱାରାନିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିବା ସହିତ ବିଭିନ୍ନ କିସମ ବିହନର ଗୁଣବତା ନିଶ୍ଚିତ କରିବାକୁ ନିୟମିତ ନମୁନା ସଂଗ୍ରହ ଏବଂ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ । ବିଶେଷ କରି ଖରିଫ ଋତୁରେ ପନିପରିବା ମଞ୍ଜି କ୍ରୟ ଓ ଯୋଗାଣ ଉପରେ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ । ବିହନ ବିକ୍ରୟ ପାଇଁ ସବସିଡି ରାଜ୍ୟ ସରକାର ପ୍ରଦାନ କରୁଛନ୍ତି । ୨ ହେକଫରରୁ ଅଧିକ ଏବଂ ୩ ହେକଫର ଚାଷଜମି ପର୍ଯ୍ୟନ୍ତ ବିହନ ବିକ୍ରୟ ପାଇଁ ରାଜ୍ୟ ସରକାର ସବସିଡି ପ୍ରଦାନ କରିବେ ।

କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଲେ ଯେ କୃଷକଙ୍କୁ ଗୁଣାତ୍ମକ ବିହନ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସବସିଡି ଚାଷୀଙ୍କୁ ଡିବିଟି ମୋଡରେ ପ୍ରଦାନ କରାଯିବ । ଖରିଫ ଋତୁ ୨୦୨୫ ପାଇଁ ବିହନ ଯୋଗାଣ ଓ ଆବଶ୍ୟକତା କ୍ଷେତ୍ରରେ ଆମେ ବଳକା ଅଛୁ ବୋଲି ଡ. ପାଢ଼ୀ କହିଥିଲେ। ବୈଠକରେ ଖରିଫ ୨୦୨୫ ସମୟରେ ବିଭିନ୍ନ ବିହନଗୁଡିକର ଆବଶ୍ୟକତା ଏବଂ ଉପଲବ୍ଧତା ଉପରେ ପିପିଟି ମାଧ୍ୟମରେ ବିସ୍ତୃତ ତଥ୍ୟ ମନ୍ତ୍ରୀଙ୍କୁ ଅବଗତ କରା ଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗର ନିର୍ଦ୍ଦେଶକ ଶୁଭମ ସାକସେନା, ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡର ୱେବ ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର,୧୧/୪(ନି।ପ୍ର): ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡରେ ସଦସ୍ୟତା କିମ୍ବା ଅନୁକମ୍ପାମୂଳକ ସହାୟତା ପାଇଁ ଏଣିକି କୌଣସି ଦପ୍ତର ଆସିବାକୁ ପଡ଼ିବ ନାହିଁ । ଅନ୍‌ଲାଇନ୍‌ରେ ଏହି ସମସ୍ତ ସୁବିଧା ଉପଲବ୍ଧ ହୋଇଛି । ଖାରବେଳ ଭବନରେ ଆୟୋଜିତ ବୋର୍ଡର ଚତୁର୍ଥ ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନାଙ୍କ ଦ୍ୱାରା ଏ ସଂପର୍କିତ ୱେବ ପୋର୍ଟାଲ ଏଚଟିପିପିଏସ୍:// ଡ୍ରାଇଭରୱେଲଫେୟାର.ଓଡ଼ିଶା.ଜିଓଭି.ଇନ୍ ଲୋକାର୍ପିତ ହୋଇଯାଇଛି । ଏହା ଦ୍ୱାରା ରାଜ୍ୟର ହଜାର ହଜାର ମୋଟର ଯାନଚାଳକ ଓ କର୍ମଚାରୀ ଉପକୃତ ହେବା ସହ ସହାୟତା ପ୍ରଦାନ ବ୍ୟବସ୍ଥା ଅଧିକ ସକ୍ରିୟ ଓ ପାରଦର୍ଶୀ ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା ଆଶାବ୍ୟକ୍ତ କରିଛନ୍ତି । ଏହା ବ୍ୟତୀତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ବୋର୍ଡ ସଦସ୍ୟ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ସିଭିଲ ସୋସାଇଟି ସଦସ୍ୟ, ଡ୍ରାଇଭର ସଙ୍ଘ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଚାଳକମାନେ ବୋର୍ଡର ଅଧ୍ୟକ୍ଷଙ୍କ ନିକଟରେ ନିଜର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଏହାକୁ ତର୍ଜମା କରି ସକରାତ୍ମକ ନିଷ୍ପତି ଗ୍ରହଣ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ୱେବ ପୋର୍ଟାଲରେ ସୁବିଧା କେନ୍ଦ୍ର, ଜରୁରୀକାଳୀନ ସହାୟତା ଓ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ସାମିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଅନୁକମ୍ପାମୂଳକ ସହାୟତା ବୟସ ସୀମା ୬୦ରୁ ୬୫କୁ ବୃଦ୍ଧି କରାଯିବା ଦାବି ଉପରେ ପ୍ରାଧାନ୍ୟ ଦେଇ ମନ୍ତ୍ରୀ କହିଛନ୍ତି ଯେ ସରକାର ଚାହୁଁଛନ୍ତି ଅଧିକରୁ ଅଧିକ ଚାଳକଙ୍କ ପରିବାର ଏହାର ଲାଭ ପାଆନ୍ତୁ । ତେବେ ଏ ସଂପର୍କରେ ସମସ୍ତ ଦିଗକୁ ତର୍ଜମା କରିବାକୁ ସବ୍‌କମିଟି ଗଠନ କରାଯିବ। ଭାରତ ସରକାରଙ୍କ ନିୟମ, ଶ୍ରମ ବିଭାଗର ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଷୟକୁ ଅନୁଧ୍ୟାନ କରି ଚୂଡ଼ାନ୍ତ ନିଷ୍ପତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

ସେହିଭଳି ଅଟୋ ଚାଳକମାନେ ମଧ୍ୟ କିଭଳି ସରକାରୀ ସହାୟତାର ଲାଭ ପାଇବେ ତାହା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେଥିପାଇଁ ଶ୍ରମ ବିଭାଗର ଥିବା ପୋର୍ଟାଲରେ ପଞ୍ଜୀକରଣ ବ୍ୟବସ୍ଥା ସଂପର୍କରେ ଶ୍ରମ ଆୟୁକ୍ତ ଜଣାଇଥିଲେ। ତେବେ ଏ ସଂପର୍କରେ ଅଧିକ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଟୋ ସଙ୍ଘ ନେତାମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି।

ବୈଠକରେ ମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ସରକାର ଚାଳକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। କଲ୍ୟାଣ ବୋର୍ଡ ଜରିଆରେ ଚାଳକଙ୍କ ଉନ୍ନତି ପାଇଁ କିଭଳି ଅଧିକ ପଦକ୍ଷେପ ନିଆଯାଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଥିଲେ । ଏହି ବୈଠକରେ ଡ୍ରାଇଭର ସଂଘର ପ୍ରତିନିଧି ତଥା ବୋର୍ଡର ସଦସ୍ୟ ପ୍ରଶାନ୍ତ ମେଣ୍ଡୁଲି, ଆଦିତ୍ୟ ବେହେରା ଏବଂ ଦୀପକ ପଟ୍ଟନାୟକଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ସେନାପତି ବିବରଣୀ ଉପସ୍ଥାପନ କରିଥିବା ବେଳେ ମୁଖ୍ୟ ବିତ ଅଧିକାରୀ ପ୍ରଭାତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋଆରେ ସ୍ଥାୟୀ କୃଷି ଏବଂ ଶିକ୍ଷା ଉପରେ ଆନ୍ତର୍ଜାତିକ ସମ୍ମିଳନୀରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

ଜୟପୁର,୧୧/୪(ନି.ପ୍ର): ୨୦୨୫ ଫେବ୍ରୁଆରି ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଗୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ସମନ୍ୱିତ କୃଷି ଓ ପ୍ରାକୃତିକ ସମ୍ପଦ ବିଦ୍ୟାଳୟର କୃଷି ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କୃଷି ପ୍ରଯୁକ୍ତି ବିଦ୍ୟା ବିକାଶ ସୋସାଇଟି (ଏଟିଡିଏସ୍) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଶୀର୍ଷକ ଥିଲା 'ନିରନ୍ତର ଶିକ୍ଷା, ପରିବେଶ ଓ କୃଷିରେ ଅତ୍ୟାଧୁନିକ ଗବେଷଣା ଉଦ୍ଭାବନ' । ସହକାରୀ ପ୍ରଫେସର ଡ. ଅନୁପମ ଡାକୁଆ ବ୍ୟକ୍ତିଗତ ଭାବେ ସିୟୁଓର ପ୍ରତିନିଧିତ୍ୱ କରିବା ସହ ୩ଟି ଦ୍ୱିତୀୟ ବର୍ଷ ଇ.ଏସସି (ଅନର୍ସ) କୃଷି ବିଦ୍ୟାର୍ଥୀଙ୍କୁ ସାଙ୍ଗରେ ନେଇଥିଲେ। ଆସୋସିଏଟ୍ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହ ମୁଖ୍ୟ ବକ୍ତା ଭାବେ 'ଜଳବାୟୁ-ସ୍ମାର୍ଟ କୃଷିରେ ରିମୋଟ୍ ସେନ୍ସିଂ ଏବଂ ଜିଆଇଏସ୍‌ର ସମନ୍ୱିତ ଆଭିମୁଖ୍ୟ' ଶୀର୍ଷକ ଆଲୋଚନାଚକ୍ର ଉପସ୍ଥାପନ କରିଥିଲେ। ଅନେକ ଅଧ୍ୟାପକଙ୍କୁ ସେମାନଙ୍କର ଶିକ୍ଷାଗତ ଉତ୍କର୍ଷତା ପାଇଁ ପୁରସ୍କୃତ କରାଯାଇଥିଲା । ଲୋପାମୁଦ୍ରା ବେହେରା (ପ୍ଲାଣ୍ଟ ପାଥୋଲୋଜି), ଡ. ଦେବଦତ ପଣ୍ଡା (ଜେନେଟିକ୍ସ ଆଣ୍ଡ ପ୍ଲାଣ୍ଟ ବ୍ରିଡିଂ) ଏବଂ ଡ. ଅନୁପମ ଡାକୁଆ (କୃଷି ସମ୍ପ୍ରସାରଣ)ଙ୍କୁ ଶ୍ରେଷ୍ଠ ପିଏଚ୍ଡି ଥିସିସ୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଥିଲା। ଆଗ୍ରୋନୋମିରେ ଅବଦାନ ପାଇଁ ଅତିଥି ଅଧ୍ୟାପକ ଡ. ପ୍ରଦୋଷ କୁମାର ପରିଡ଼ାଙ୍କୁ ଶ୍ରେଷ୍ଠ ଗ.ଏସମ ଥିସିସ୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଥିଲା। ଏତଦ୍ ବ୍ୟତୀତ ବିଭାଗର ଜୀବନ୍ତ ଗବେଷଣା ସଂସ୍କୃତିକୁ ପ୍ରଦର୍ଶିତ କରି ସମ୍ମିଳନୀ ସ୍ମାରକୀରେ ଚତୁର୍ଥ ସେମିଷ୍ଟରର ୮ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରକାଶନ ପାଇଁ ଚୟନ କରାଯାଇଥିଲା। ଏହି ଅବସରରେ ସମନ୍ୱିତ କୃଷି ଓ ପ୍ରାକୃତିକ ସମ୍ପଦ ବିଦ୍ୟାଳୟ ସମୂହର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରିବା ସହ ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ଅଗ୍ନିକାଣ୍ଡରେ ୬ ବଖରା ଘର ଭସ୍ମୀଭୂତ

ଭଦ୍ରକ,୧୧/୪(ନି.ପ୍ର): ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଣ୍ଡତଡ଼ା ଗ୍ରାମ ପଂଚାୟତ ଅଧୀନ ମଉଦା ଗ୍ରାମରେ ଭୟବହ ଅଗ୍ନିକାଣ୍ଡ ଘଟି ୬ଟି ପରିବାର ସର୍ବସ୍ୱ ହରାଇଛନ୍ତି। ଏହି ପରିବାର ମଧ୍ୟରେ ରଙ୍ଗାଧର ବାରିକ, ହିମାଂଶୁ ବାରିକ, ସୁଧାଂଶୁ ବାରିକ,ସୁରେନ୍ଦ୍ର ବାରିକ, ଆଶୁତୋଷ ବାରିକ, ପୂର୍ଣଚନ୍ଦ୍ର ବାରିକଙ୍କ ଘରପୋଡି ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଏହି ଅଗ୍ନିକାଣ୍ଡକୁ ଲିଭାଇବାକୁ ଯାଇ ଉକ୍ତ ଗ୍ରାମର ୬/୭ ଜଣ ଲୋକ ଆହତ ହୋଇଥିବାର ଜଣାପଡିଛି। ଅଗ୍ନିକାଣ୍ଡର ଖବର ପାଇ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ। ଦୁର୍ଗତଙ୍କୁ ଭେଟିବା ସମୟରେ ବିଜୁ ଜନତା ଦଳର ପୂର୍ବତନ ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ପୂର୍ବତନ ଭଦ୍ରକ ବ୍ଲକ ସମ୍ପାଦକ ରଘୁନାଥ ପଣ୍ଡା, ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ବିଶ୍ୱନାଥ ନାୟକ, ପୂର୍ବତନ ସରପଂଚ ଅମିୟ କୁମାର ଖୁଂଟିଆ, ସମିତି ସଭ୍ୟାଙ୍କ ପ୍ରତିନିଧି ସୁବ୍ରତ କୁମାର ଦିକ୍ଷୀତ, ବିଜୁ ଯୁବ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ବିକାଶ ଶ୍ରେଷ୍ଠା ପ୍ରମୁଖ ପୀଡ଼ିତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇ ବ୍ୟକ୍ତିଗତ ସହାୟତା କରିବା ସହ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ତହସିଲଦାର ଓ ଜିଲ୍ଲା ପ୍ରଶାସନଙ୍କ ସହିତ ଆଲୋଚନା କରିଛନ୍ତ।

# ୨୧ କେଜି ଗଞ୍ଜେଇ ଜବତ: ୨ ଗିରଫ

ମାଲକାନଗିରି,୧୧/୪(ନି।ପ୍ର): ମାଲକାନଗିରି ଜିଲ୍ଲା ଓର୍କେଲ ପୁଲିସ ଦୁଇ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୧ କେଜି ଗଞ୍ଜେଇ ଜବତ କରିଛି।ଅଭିଯୁକ୍ତ ଉତରପ୍ରଦେଶର ଅରବିନ୍ଦ (୨୪)ଏବଂ ତୁଫାନ ଗିରି(୩୩)। ସୂଚନା ଅନୁଯାୟୀ ଗତକାଲି ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳରୁ ଦୁଇ ଜଣ ଗଞ୍ଜେଇ ଧରି ଆସୁଥିବା ନେଇ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ଖବର ପାଇଥିଲେ।ଶ୍ରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମିଳନ ସିଂ ବରିହାଙ୍କ ନେତୃତ୍ୱରେ ପୁଲିସ ଟିମ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଚିତ୍ରକୋଣ୍ଡା ଛକ ନିକଟରେ ବ୍ୟାଗ ଧରି ବସକୁ ଅପେକ୍ଷା କରିଥିବା ଦୁଇ ଜଣଙ୍କୁ ଧରିଥିଲେ। ଯାଂଚ ବେଳେ ସେମାନଙ୍କ ବ୍ୟାଗରେ ଥିବା ୨୧ କି.ଗ୍ରା ଗଞ୍ଜେଇ ଜବତ କରିଥିଲେ ପୁଲିସ ଟିମ।ଏନେଇ କେସ ନଂ ୧୧୪/୨୫(ଏନଡ଼ିପିଏସ ଆକ୍ଟ)ରେ ମାମଲା ରୁଜ୍ଜୁ କରାଯାଇଛି। ଜବତ ଗଞ୍ଜେଇ ଉତରପ୍ରଦେଶ ଚାଲାଣ କରାଯାଉଥିବା ଜଣାପଡ଼ିଛି।ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବା ସହ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଶନିବାର, ୧୨ ଏପ୍ରିଲ ୨୦୨୫

# ଭଲ ପରଫର୍ମ କରନ୍ତୁ: ନଚେତ୍ ପଛରେ ରହିଯିବେ



**ସାହସ ଓ ଦୃଢ଼ ମନୋବଳ:** ବେଳେବେଳେ କମ୍ପାନିର ଏଭଳିକିଛି ଘଟଣା ଘଟେ। ଫଳରେ କମ୍ପାନିର ଟିମ୍ ଲିଡର ହେଉ କି ମ୍ୟାନେଜର ହଠାତ୍ ଚାକିରି ଛାଡ଼ି ଚାଲି ଯାଆନ୍ତି। ସେତେବେଳେ ତାଙ୍କ ପୋଷ୍ଟରେ କେହି ନଥାନ୍ତି ଦାୟିତ୍ୱ ସମ୍ଭାଳିବାକୁ। ଏହି ସମୟରେ କମ୍ପାନିର ମୁଖ୍ୟ, ସମସ୍ତ କର୍ମଚାରୀଙ୍କ ମଧ୍ୟର ଜଣଙ୍କୁ ବାଛି ଏହି କାମ କରିବାକୁ ସୁଯୋଗ ଦେଇଥାନ୍ତି। ଏହି ଦାୟିତ୍ୱ ବୋଧ ବୋହିବାକୁ ପ୍ରାୟ କର୍ମଚାରୀଙ୍କ ମନରେ ଡର ଥାଏ, ତେଣୁ ସେମାନେ ମନା କରିଦିଅନ୍ତି। ଯଦି କେବେ ଆପଣଙ୍କ କର୍ମକ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଉଛି, ତେବେ ବିନା ଦ୍ୱିଧାରେ ସାହସ ଓ ଦୃଢ଼ ମନୋବଳ ସହିତ ଦାୟିତ୍ୱ ତୁଲେଇବାକୁ ରାଜି ହୋଇଯାନ୍ତୁ। ଯଦି ଅଫିସ୍ର ଉଚ୍ଚପଦାଧିକାରୀ ଆପଣଙ୍କୁ ଏହି ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରିଛନ୍ତି, ତେବେ ତାଙ୍କୁ ସମ୍ମାନ ଜଣାଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ। ଦେଖିବେ ଅତି କମ୍ ସମୟରେ ଆପଣ ବସ୍ଙ୍କ ପ୍ରିୟପାତ୍ର ହୋଇପାରିବେ।

**ସ୍ୱତନ୍ତ୍ର ପରିଚୟ ହେବ ପଦୋନ୍ନତି:** ସ୍ୱତନ୍ତ୍ର ପରିଚୟ ଅର୍ଥ ନୁହେଁ, ମ୍ୟାନେନଜମେଣ୍ଟ କିମ୍ବା ଉଚ୍ଚପଦାଧିକାରିଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିବା। ବରଂ କମ୍ପାନିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା। ଯାହା କର୍ମଚାରୀଟିଏ ନିଜର କାର୍ଯ୍ୟଶୈଳୀ ଏବଂ ବ୍ୟବହାରରୁ ହାସଲ କରିଥାଏ। କୌରସି ବି କର୍ମକ୍ଷେତ୍ର ହେଉନା କାହିଁକିଖୁବ୍ କମ୍ ଲୋକ ଥାନ୍ତି, ଯିଏ ଦାୟିତ୍ୱର ସହ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାନ୍ତି।

ସେଥିପାଇଁ ଅଧିକାଂଶ ଲୋକ ବସଙ୍କ ନଜରକୁ ଲୁଚି ରହିବାକୁ ପସନ୍ଦ କରିଥାନ୍ତି। ସେମାନଙ୍କ ଧାରଣା ଯେ କିଏ ଜଣେ ବସ୍ କେତେବେଳେ କେଉଁ ମୁହୂର୍ତ୍ତରେ କେଉଁ କାମ କରିବାକୁ ଦେଇ ଦେବେ। ଏହିଭଳି ନକାରାତ୍ମକ ଭାବନା ନେଇ ଆପଣ ଆଗକୁ ଯିବା ହଏତ ବିପଦ ସାବ୍ୟସ୍ତ ହୋଇପାରେ। ବରଂ ଏଭଳି ମାନସିକତା ଠାରୁ ଦୂରେଇ ରହି ପ୍ରଫେସନାଲ ଭାବେ କାମ କରିବା ସହ ବସଙ୍କ ସହ ନିଜର ଆଇଡିଆ ବାଣ୍ଟନ୍ତୁ। ଏପରି କରିବା ଦ୍ୱାରା ବସ୍ ଆପଣଙ୍କୁ ସବୁବେଳେ ଟିମରେ ରଖିବାକୁ ପସନ୍ଦ କରିବେ। ଆଉ ଆପରଙ୍କ କାମରେ ତାରିଫ ମଧ୍ୟ କରିବେ।



**ନିଜକୁ କରନ୍ତୁ ପ୍ରମାଣିତ:** କମ୍ପାନି ଛୋଟ ହେଉଅବା ବଡ଼ ନିଜକୁ ପ୍ରମାଣିତ କରିବା ପାଇଁ କଷ୍ଟ କରିବାକୁ ହିଁ ପଡ଼ିଥାଏ। କେତେକ ନୂଆ କର୍ମଚାରୀଙ୍କର ଧାରଣା ରହିଛି ଯେ ଟ୍ରେନିଂ ପିରିୟଡ଼ ସାରି ପରମାନେଣ୍ଟ ହେବା ପରେ ଚିନ୍ତା ଗଲା। ମାତ୍ର ଏହା ଆଦୌ ଠିକ୍ ନୁହେଁ। ଆଜିର ଟେକ୍ନୋଲୋଜି ଦୁନିଆରେ କମ୍ପାନି ଗୁଡ଼ିକ ଭିତ୍ତିଭୂମିର ବୋଝ ତଳେ ଚାପି ହୋଇଯାଉଛନ୍ତି। ଯାହା ଫଳରେ କମ୍ପାନିର ଦୈନିକ ଖର୍ଚ୍ଚ ଓ ଦରମା ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା କଷ୍ଟସାଧ୍ୟ। ତେଣୁ ବିଭିନ୍ନକମ୍ପାନି କର୍ମଚାରୀଙ୍କ ଦକ୍ଷତାକୁ ଗୁରୁତ୍ୱ ଦେଇଥାନ୍ତି। ଅଳସୁଆ ଓ ଦକ୍ଷତା ନଥିବା କର୍ମଚାରୀଙ୍କୁ କମ୍ପାନିରୁ ବାହାର କରିବାକୁ ପ୍ରସ୍ତାବ ଦେଇଥାନ୍ତି। ତେଣୁ କର୍ମଚାରୀଟିଏ ସବୁବେଳେ ନିଜ କାମ ଜରିଆରେ ହିଁ ନିଜକୁ ପ୍ରମାଣିତ କରିବା ଆବଶ୍ୟକ। ଆପଣ ନିଜକୁ ପ୍ରମାଣିତ କରିବା ଦ୍ୱାରା ହିଁ କମ୍ପାନି ଫାଇଦାରେ ରହିବ। ଆଉ ଆପଣଙ୍କ ପରିଚୟ ସ୍ୱତନ୍ତ୍ର ହେବ। ଯଦି ଆପଣ ଭଲ ପ୍ରଦର୍ଶନ କରି ନପାରନ୍ତି, ତେବେ ପଛରେ ରହିଯିବେ।




# ଫଳ ପଚାଯାଏ କିପରି ?



ଫଳକୁ ପକ୍ୱ କରିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ୍ ଉପଯୋଗ କରାଯାଏ, ଯାହାକି ସାମାନ୍ୟ ଘାତକ। ଆମ୍ବ, କଦଳୀ ବିଭିନ୍ନ ପ୍ରକାରର ଫଳକୁ ପଚାଇବା ପାଇଁ ଏହାକୁ ଉପଯୋଗ ହୁଏ। କ୍ୟାଲସିୟମ କାର୍ବାଇଟର ଛୋଟ ପ୍ୟାକେଟକୁ (ଯାହାକି ଦୁଇ-ତିନି ଟଙ୍କାର ଦୋକାନରେ ଉପଲବ୍ଧ) ଫଳ ପେଡ଼ି ମଧ୍ୟରେ ରଖି ଘୋଡ଼ାଇ ଦିଆଯାଏ। ତା'ପରଦିନ ହିଁ ପ୍ରସ୍ତୁତ ହୋଇଯାଏ ପାଚିଲା ଫଳ। ବେପାରୀମାନେ କ୍ୟାଲସିୟମ କାର୍ବାଇଡ୍ ପ୍ୟାକେଟକୁ ଫଳ ମଧ୍ୟରେ ରଖି ତା' ଉପରେ ବରଫ ରଖନ୍ତି। ଫଳରେ ସେହି ପ୍ୟାକେଟ ଉପରେ ଜଳ ବିନ୍ଦୁ ବିନ୍ଦୁ ହୋଇ ପଡ଼େ। ଏପରି କଲେ ଫଳ ଜଲଦି ପାଚିଥାଏ କିନ୍ତୁ ଏହି ଫଳ ଶରୀର ପ୍ରତି କ୍ଷତିକାରକ। ଫଳକୁ ପଚାଇବା ପାଇଁ ସବୁଠାରୁ ସୁବିଧାଜନକ ଉପାୟ ହେଲା, ଏଥିଲିନ ଗ୍ୟାସ। ଏହା ପ୍ରାକୃତିକ ଯେଉଁଥିରେ ଫଳ ମଧ୍ୟ ତିଆରି ହୋଇଥାଏ। ପୃଥିବୀସାରା ଆମ୍ବକୁ ପକ୍ୱ କରିବା ପାଇଁ ଏହାକୁ ବ୍ୟବହାର କରନ୍ତି। ମାତ୍ର ଏଥିଲିନ ଗ୍ୟାସ କ୍ୟାଲସିୟମ କାର୍ବୟାଇଡ଼ ଅପେକ୍ଷା ମହଙ୍ଗା ପଡ଼େ। ଏହି ଗ୍ୟାସକୁ ବ୍ୟବହାର କରିବା ପାଇଁ ଭିନ୍ନ (ସ୍ପେଶାଲ୍) ସ୍ୱତନ୍ତ୍ର ଧରଣର କୋଠରି ନିର୍ମିତ କରି ନିର୍ଦ୍ଧିଷ୍ଟ ତାପମାତ୍ରା ସ୍ଥିର ରଖାଯାଏ।

ଏଥିଲିନ୍ ଓ କାର୍ବାଇଡ୍ ଉଭୟେ ହାଇଡ୍ରୋକାର୍ବନ ଅଟନ୍ତି କିନ୍ତୁ କାର୍ବାଇଡ଼ ଫଳ ମଧ୍ୟରେ ଥିବା ପୋଷାକ ତତ୍ତ୍ୱ ସହ ମିଶି ଏସିଟିଲିନ୍ ଗ୍ୟାସ୍ ତିଆରି କରେ। ତାପରେ ପୁଣି ଏସିଟେଲ ଡିହାଇଡ୍ ପ୍ରସ୍ତୁତ ହୋଇଯାଏ। ଏହାହିଁ ରୋଗର କାରଣ ବନିଯାଏ। ତେଣୁ ଏହି ପ୍ରଣାଳୀରେ ପଚାଯାଇଥିବା ଫଳ ଖାଇଲେ ଶରୀର ପ୍ରତି କ୍ଷତିକାରକ ଏବଂ ଶରୀରର ମାରାତ୍ମକ ରୋଗ ସୃଷ୍ଟିକରେ। ଆଜିକାଲି କ୍ୟାଲସିୟମ କାର୍ବାଇଡ଼କୁ ପାଣିରେ ମିଶାଇ ଇଞ୍ଜେକ୍ସନ ସିରିଞ୍ଜ ସାହାଯ୍ୟରେ ଫଳ ଦେହରେ ପୁରାଇ ଫଳକୁ ପଚାଯାଉଥିବା ଅନେକ ଦୃଷ୍ଟାନ୍ତ ଅଛି। ଏହା ଆହୁରି ମାରାତ୍ମକ।

# ମସ୍ତିଷ୍କ ବିକାଶର ନୂଆ ଉତ୍ସ



ବୈଜ୍ଞାନିକମାନେ ମସ୍ତିୀଷ୍କ ବିକାଶର ଏକ ଉତ୍ସ ଆବିଷ୍କାର କରିଛନ୍ତି। ସ୍ନାର୍ୟବିକ ପ୍ରଣାଳୀ ନିର୍ମାଣରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେସାମନେ କହିଛନ୍ତି। ବୈଜ୍ଞାନିକମାନେ ଅଣ ସ୍ନାୟବିକ କୋଷଗଉଡ଼ିକର ସଂକଳନ 'ଗ୍ଲିୟା' ଚିହ୍ନଟ କରିଛନ୍ତି, ଯାହା ଦୀର୍ଘ ସମୟରୁ ପରୋକ୍ଷ କାର୍ଯ୍ୟରତ କୋଷିକା ଭାବେ ପରିଚିତ ଥିଲା। ପ୍ରକୃତରେ ଏହି ଗ୍ଲିୟା ମସ୍ତିଷ୍କରେ ସ୍ନାୟୁକୋଷ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରେ। ମସ୍ତିଷ୍କ ବିକାଶରେ ଗ୍ଲିଆ ଭଳି ଅଣ ସ୍ନାର୍ୟବିକ କୋଷଗଉଡ଼ିକର ଅବଦାନକୁ ତର୍ଜମା କରିବାପାଇଁ ଅଧ୍ୟୟନର ଫଳାଫଳ ନୂଆ ଦିଗ ବୋଲି ଗବେଷଣାର ମୁଖ୍ୟ ଲେଖକ ଆମେରିକାର ନ୍ୟୁୟର୍କ ୟୁନିଭର୍ସିଟିରେ ଭିଲାଇଓ୍ୱାନ ଫର୍ଣ୍ଣାଡେସ୍ କହିଛନ୍ତି। ମସ୍ତିଷ୍କ ବିକାଶଷରେ ଗ୍ଲିୟାର ଅବଦାନକୁ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଅଣଦେଖା କରି ଆସଉଥିଲେ। କିନ୍ତୁ ଗ୍ଲିୟାକୁ ବାଦଦେଲେ ମସ୍ତିଷ୍କ ବିକାଶରେ ସମୟ, ପରିଚୟ ଓ ସ୍ନାୟୁକୋଷ ଜନ୍ମର ସମନ୍ୱୟ ସମବନ୍ଧରେ ବୁଝିବା ଅମ୍ଭବ ବୋଲି ଫର୍ଣ୍ଣାସେ କହିଛନ୍ତି। ସ୍ନାୟୁ କୋଷ କିମ୍ବା ନ୍ୟୁରେନ୍ସ ଓ ଗ୍ଲିୟା, ଏହି ଦୁଇଟି ବ୍ୟାପକ କୋଷିକା ପ୍ରକାରରେ ମସ୍ତିଷ୍କ ଗଠିତ ହୋଇଛି।

# ଖରାଦିନେ କେଉଁ ଜଳଖିଆ ଦେହ ପାଇଁ ଭଲ: ଜାଣନ୍ତୁ କ'ଣ ଖାଇବେ



ଖରାଦିନ ଆସିଗଲେ ଦିନର ତାପମାତ୍ରା ବଢ଼ିବା ସହ ଥଣ୍ଡା ଜିନିଷ ଖାଇବାକୁ ମନ କରେ। ଏହି ସମୟରେ ଦେହକୁ ଯଥାସମ୍ଭବ ଡିହାଇଡ୍ରେସନ୍ରୁ ବଞ୍ଚାଇବା ପାଇଁ ଆମେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଆବଶ୍ୟକ। ଦିନ ଭିତରେ ଆମେ ଖାଉଥିବା ବିଭିନ୍ନ ଖାଦ୍ୟ ମଧ୍ୟରୁ ସକାଳ ଜଳଖିଆ ଖୁବ୍ ମହତ୍ତ୍ୱ ରଖେ। ସେ ପୁଣି ଯଦି ଖରାଦିନ ହୋଇଛି, ତେବେ ପେଟ ଓ ଦେହ ଥଣ୍ଡା ରଖିବା ପରି ଖାଦ୍ୟ ଟିକେ ନିହାତି ଜରୁରୀ। ଆସନ୍ତୁ ଆଜି କେତୋଟି ସେହିଭଳି ଖାଦ୍ୟ ବିଷୟରେ ଜାଣିବା ଯାହା ସକାଳ ଜଳଖିଆ ଭାବେ ଆମକୁ ଖରାଦିନେ ତୃପ୍ତି ଦେବ ଏବଂ ସ୍ୱାସ୍ଥ୍ୟ ମଧ ଭଲ ରହିବ।

ଆମ ଓଡ଼ିଆରେ ଗୋଟେ କଥା ଅଛି। ସକାଳ ଭୋଜନ ରାଜା ପରି ଖାଇବ। ଆମ ମହାପ୍ରଭୁ ଜଗନ୍ନାଥ ବି ସକାଳ ଭୋଜନରେ ସୁଆଦିଆ ପିଠା, ଖେଚୁଡ଼ି ଆଦି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତି। ପୋଷଣ ବିଜ୍ଞାନ କୁହେ, ସକାଳ ଜଳଖିଆ ପ୍ରୋଟିନ୍ ଓ ଫାଇବରରେ ପରିପୁଷ୍ଟ ଏବଂ ଆବଶ୍ୟକ ମୁତାବକ ସ୍ନେହସାରଯୁକ୍ତ ହେବା ଆବଶ୍ୟକ। ଯେହେତୁ ଖରାଦିନେ ଆମ ଚାରିପାଖର ତାପମାତ୍ରା ଅଧିକ ରୁହେ, ଆମ ପାଚନ କ୍ରିୟା ମଧ ସେହି ଅନୁସାରେ ପ୍ରଭାବିତ ହୁଏ।. ସେଥିପାଇଁ ଅତ୍ୟଧିକ ଛଣାଖାଦ୍ୟ, ତେଲଯୁକ୍ତ ଖାଦ୍ୟ ଓ ମିଠା ଖାଦ୍ୟ ଖାଇବା ଉଚିତ୍ ନୁହେଁ। ସକାଳ ସମୟରେ ହାଲକା ଓ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଖାଇଲେ ଠିକ୍ ହଜମ ହେବା ସହ ଦେହ ଅତ୍ୟନ୍ତ ଗରମ ଲାଗିବ ନାହିଁ। ଆମ ଓଡ଼ିଆ ଘରେ ସହଜରେ ମିଳୁଥିବା ଏପରି କିଛି ସ୍ୱାସ୍ଥ୍ୟକର ଉପାଦେୟ ଖରାଦିନିଆ ଜଳଖିଆ ଉପରେ ଏବେ ନଜର



ପକାଇବା।

**ଚୁଡ଼ା କଦଳୀ-** ଆମର ପିଲାଦିନର ମୁଖ୍ୟ ଜଳଖିଆ ଥିଲା ଚୁଡ଼ା କଦଳୀ ସହ ଦହି ମିଶାଇ ପ୍ରସ୍ତୁତ ଏକ ଚକଟା। ଲୋକମୁଖରେ ବ୍ରାହ୍ମଣ ଭୋଜନ ଭାବେ ଆଦୃତ ଏହି ଚୁଡ଼ା ପାଗ କିନ୍ତୁ ଖରାଦିନେ ପେଟ ଥଣ୍ଡା ରଖିବାର ଏକ ବଢ଼ିଆ ଉପାୟ। ଚୁଡ଼ା, ଦହି, ଛେନା, କଦଳୀ ମିଶାଇ, ସ୍ୱାଦ ପାଇଁ ଅଳ୍ପ ଗୁଡ଼ ଓ ଲୁଣ ଦେଇ ଖାଇଲେ ଆମକୁ ଏକ ସନ୍ତୁଳିତ ଆହାର ମିଳେ। ଚୁଡ଼ାରେ ଶ୍ୱେତସାର, ଛେନାରୁ ପୁଷ୍ଟିସାର, ରିଫାଇନ୍ଡ ଚିନି ବଦଳରେ ଗୁଡ଼, ଯାହା ମିନେରାଲ୍ସରେ ପରିପୂର୍ଣ୍ଣ ଏବଂ ଦହି ସ୍ନେହସାର ଓ ପ୍ରେବାୟୋଟିକ୍ର ଏକ ଭଲ ଉତ୍ସ, ଏ ସବୁକୁ ମିଶାଇ ହୋଇଥିବା ଜଳଖିଆ ଆପଣଙ୍କ ଦେହର ଜଳୀୟ ଅଂଶ ନିୟନ୍ତ୍ରଣରେ ରଖିବା ସହ ହାଲିଆ ଲାଗିବାରୁ ବଞ୍ଚାଏ।

**ଚକୁଳି ପିଠା-** ଓଡ଼ିଆ ଘରେ ଚକୁଳି ଓ ଇଟିଲିର ମହତ୍ୱ କଣ ଆପଣ ଭଲରେ ଜାଣନ୍ତି। ପୂର୍ବରୁ ପ୍ରସ୍ତୁତ ଚାଉଳ ଓ ବିରି ଘୋଳରେ ପ୍ରସ୍ତୁତ ଚକୁଳି ତଥା ଇଟିଲି ସହ ଡାଲି ଓ ଅନ୍ୟ ପରିବାରେ ପ୍ରସ୍ତୁତ ଡାଲମା କିମ୍ବା ମୁଗ ସନ୍ତୁଳା ଏକ ଉତ୍ତମ ଜଳଖିଆ। ଏହା ସହ କାକୁଡ଼ି ଓ ଟମାଟୋ ମିଶା ସାଲାଡ୍ ନେବା ଜରୁରୀ। ଏହା ଆବଶ୍ୟକ ଫାଇବର୍, ପ୍ରୋଟିନ୍ ଓ କାର୍ବୋହାଇଡ୍ରେଟ୍ର ଉତ୍ସ। ସାଲାଡ୍ ସହ ଏହା ଖାଇବା ଦ୍ୱାରା ଆବଶ୍ୟକ ଜଳୀୟ ଅଂଶ ମଧ



ଶରୀରକୁ ମିଳେ ଯାହା ପ୍ରବଳ ଖରାରେ ମଧ ଆପଣଙ୍କୁ ଫିଟ୍ ରଖେ।

**ପଖାଳ ଭାତ-** ଓଡ଼ିଆଟିଏ ପାଇଁ ଖରାଦିନେ ପଖାଳ ଭାତରୁ ଉପଯୁକ୍ତ ତଥା ସ୍ୱାସ୍ଥ୍ୟକର ଜଳଖିଆ ଆଉ କିଛି ହୋଇନପାରେ। ପ୍ରୋବାୟୋଟିକ୍ ଓ ଖାଦ୍ୟନଳୀ ଅନୁକୂଳ ବ୍ୟାକ୍ଟେରିଆ ରହିଥିବା ପଖାଳ ଭାତ ସହ କୌଣସି ପରିବା କିମ୍ବା ଶାଗ ଭଜା ନିଶ୍ଚିତ ଭାବେ ଆବଶ୍ୟକ କ୍ୟାଲୋରୀ ଭରଣ କରିବା ସହ ଦେହକୁ ଥଣ୍ଡା ରଖିବ। ଆପଣ ଯଦି କୌଣସି ଶାରୀରିକ ପରିଶ୍ରମ ଜନିତ ବୃତ୍ତିଧାରୀ ତେବେ ଏହା ଆପଣଙ୍କ ପାଇଁ ଉତ୍ତମ ଖାଦ୍ୟ। ପଖାଳ ତୋରାଣିକୁ ଆପଣ ଦିନସାରା ମଧ ଥଣ୍ଡା ପାନୀୟ ଭାବେ ପିଇପାରିବେ। ଏଥିସହିତ ପେଜ ଓ ତୋରାଣିରୁ ପ୍ରସ୍ତୁତ କାଞ୍ଜି ମଧ ଦେହର ଜଳୀୟ ଅଂଶ ଠିକ୍ ରଖିବା ସହ ଆବଶ୍ୟ ମିନେରାଲ୍ସ ଯୋଗାଇଥାଏ।

**ଛତୁଆ ପଣା-** ବୁଟ, ଗହମ, ଚୁଡ଼ା, ଆଦି ବିଭିନ୍ନ ଶସ୍ୟ ଗୁଣ୍ଡରୁ ପ୍ରସ୍ତୁତ ଛତୁଆ ଏକ ଅତ୍ୟନ୍ତ ପୁଷ୍ଟିକର ଜଳଖିଆ। ଏଥିରେ ପୁଷ୍ଟିସାର, ଶ୍ୱେତସାର ତଥା ମିନେରାଲ୍ସ ଆବଶ୍ୟକ ପରିମାଣରେ ଥିବା ବେଳେ ଏହାକୁ ପଣା ଭାବେ କଦଳୀ, ଛେନା ଆଦି ପକାଇ ପ୍ରସ୍ତୁତ କରି ଖରାଦିନେ ସକାଳେ ପିଇଲେ ଏହା ଆବଶ୍ୟକ କାଲୋରୀ ଯୋଗାଇଥାଏ। ଏସିଡିଟି ପରି ପାଚନ ଜନିତ ସମସ୍ୟାରୁ ମୁକ୍ତି ଦିଏ ଏବଂ ଫାଇବରଯୁକ୍ତ ହୋଇଥିବାରୁ ପେଟକୁ ହାଲକା ଲାଗେ। ଏପ୍ରିଲ୍ ?ର ପ୍ରଚଣ୍ଡ ଖରାରେ ଆମର ପାଳିତ ନୂଆବର୍ଷ ପଣାସଂକ୍ରାନ୍ତିରେ ଛତୁଆ ପଣା ଏହି କାରଣରୁ ଠାକୁରଙ୍କ ପାଖରେ ସମର୍ପିତ ହୁଏ। ଏଥିସହିତ ବିଭିନ୍ନ ପ୍ରକାର ପଣା ଯେପରିକି ବେଲ, କ୍ଷୀର ଓ ଛେନା ପଣା, ଦହି ସରବତ, ପାନମଧୁରୀ ସରବତ ଆଦି ମଧ ଆପଣ ସେବନ




କରିପାରିବେ।

**ଓଟସ୍ ସହ ଫଳ-** ଏସବୁ ବ୍ୟତୀତ ଯଦି ଆପଣଙ୍କ ପାଖରେ ଓଟ୍ସ ଭଳି ହୋଲ୍ ଗ୍ରେନ୍ ଅଛି, ତେବେ ରାତିରେ ଏହାକୁ କ୍ଷୀର କିମ୍ବା ପାଣିରେ ଭିଜାଇ ସକାଳେ ସେଓ, ଅଙ୍ଗୁର, ଡ୍ରାଏ ଫ୍ରୁଟ୍ସ, ଇତ୍ୟାଦି ବିଭିନ୍ନ ପ୍ରକାର ଫଳ ସହ ଖାଇପାରିବେ। କ୍ଷୀର ବଦଳରେ ସକାଳେ ଦହି ପକାଇ ମଧ ଆପଣ ଖାଇପାରିବେ। ଓଟ୍ସ ପସନ୍ଦ ନଥିଲେ ଅଧିକ ଜଳୀୟ ଅଂଶ ଥିବା ଫଳ ଯେପରି ତରଭୁଜ, କମଳା, ଅଁଳା ଆଦିର ଜୁସ୍ ମଧ ଆପଣ ଉପମା କିମ୍ବା ଚକୁଳି ସହ ନେଇପାରିବେ।

ବିଭିନ୍ନ ପ୍ରକାର ଖାଦ୍ୟର ବିକଳ୍ପ ଆଜିକାଲି ଖାଦ୍ୟ ବିଶେଷଜ୍ଞମାନେ ଉପଲବ୍ଧ କରାଉଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଆମେ ନିଜ ସ୍ୱାସ୍ଥ୍ୟ ବିଷୟରେ ସଚେତନ ହୋଇ ପ୍ରଚୁର ଜଳୀୟ ଅଂଶ ଥିବା ଖାଦ୍ୟ ଖାଇବା ଆବଶ୍ୟକ। ଆଇସ୍କ୍ରିମ୍ ତଥା କୋଲ୍ଡଡ୍ରିଙ୍କ୍ସ ପରି ଖାଦ୍ୟ ପାଟିକୁ ଥଣ୍ଡା ଲାଗୁଥିଲେ ମଧ ଏହା ଦେହ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏଣୁ ଆମେ ନିଜେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି ପୋଷଣଯୁକ୍ତ ସ୍ୱାସ୍ଥ୍ୟକର ଖାଦ୍ୟ ସେବନ କରିବା।

# ଇ-ବ୍ୟାଙ୍କିଙ୍ଗ୍ କରୁଥିଲେ ...



ସଭିଙ୍କ ପାଇଁ ବିଶେଷକରି ମହିଳାମାନେ ବାହାରକୁ ଗଲେ ପର୍ସରେ କ୍ୟାଶ୍ ରଖି ଯାଉଥିବାରୁ ଟଙ୍କା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ରହିଥାଏ; ଯାହାକି ଇ-ବ୍ୟାଙ୍କିଙ୍ଗ ଆସିବା ପରଠୁ ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ବି ବିଭିନ୍ନ ସମସ୍ୟାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଇ-ବ୍ୟାଙ୍କିଙ୍ଗ କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ...

ଲ୍ୟାପ୍ଟପ୍ କିମ୍ବା ମୋବାଇଲ୍ରେ ଅନ୍ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍ରେ ଅନେକ ସମୟରେ ହ୍ୟାକରମାନଙ୍କୁ ଆପଣଙ୍କ ଡିଟେଲ୍ସ ମିଳିବାରେ ସହଜ ହୋଇଥାଏ। ବ୍ୟାଙ୍କିଙ୍ଗ୍ କରୁଥିଲେ ଟ୍ରାଞ୍ଜାକ୍ସନ ସରିବା ପରେ ଲଗ୍ଆଉଟ୍ କରନ୍ତୁ। ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ପର୍ସନାଲ କମ୍ପ୍ୟୁଟର, ଲ୍ୟାପ୍ଟପ୍ କିମ୍ବା ମୋବାଇଲ୍ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର କିମ୍ବା ସାଇବର କାଫେରେ ଏହା ଅସୁରକ୍ଷିତ। ମୋବାଇଲ୍ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢିବା ପରେ ଇନ୍ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୪

୧୨ ଏପ୍ରିଲ ୨୦୨୫, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନାଟକ ନା ଫାଟ ?...

ଏଇ କେତେଦିନ ହେଲା ୱାକଫ୍ ବିଲ୍‌କୁ ନେଇ ବିଜେଡିରେ ସୃଷ୍ଟି ହୋଇଥିବା ଝଡ଼ ମଧ୍ୟରେ ବୁଧବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି। ଦଳର ନିଷ୍ପତ୍ତି ଅନୁସରେ ବିଲ୍‌କୁ ବିରୋଧ କରାଯିବାର ଥିଲା। କିନ୍ତୁ ହୁଇପ୍ ଜାରି ହେଇନଥିଲା । ପରେ କୁହାଗଲା ଯେ ବିଜେଡି ସାଂସଦମାନେ ବିବେକାନୁସାରେ ଭୋଟ୍ ଦେବେ। କେଉଁ ପରିସ୍ଥିତିରେ ୱାକଫ୍ ସଂଶୋଧନ ବିଧେୟକ ଉପରେ ଭୋଟିଂ ପୂର୍ବରୁ ଦଳର ନିଷ୍ପତ୍ତି କାହିଁକି ବଦଳିଲା ଏବଂ କିଏ ନିର୍ଦ୍ଦେଶ ଦେଲା ତା' ଉପରେ ନବୀନ ବି କୌଣସି ବରିଷ୍ଠ ନେତା ପ୍ରତିକ୍ରିୟା ଦେଇ ନାହାନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଶା ସରକାରରେ ପୂର୍ବତନ ୫-ଟି ଅଧକ୍ଷ ତଥା ବିଜେଡିରୁ ଇସ୍ତଫା ଦେଇଥିବା କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନୟକ ବୁଧବାର ସନ୍ଧ୍ୟାରେ ମୁହଁ ଖୋଲିଛନ୍ତି । କେଉଁ ପରିସ୍ଥିତିରେ ୱାକଫ୍ ସଂଶୋଧନ ବିଧେୟକ ଉପରେ ଭୋଟିଂ ପୂର୍ବରୁ ଦଳର ନିଷ୍ପତ୍ତି କାହିଁକି ବଦଳିଲା ଏବଂ କିଏ ନିର୍ଦ୍ଦେଶ ଦେଲା, ତାକୁ ଏଡେଇଯାଇ ଓଲଟା ପୁଣି ଥରେ ପାଣ୍ଡିଆନ୍‌ଙ୍କ ସମର୍ଥନରେ ବାହାରିଛନ୍ତି ନବୀନ। କେବଳ ବାହାରି ନାହାନ୍ତି ପାଣ୍ଡିଆନ୍‌ଙ୍କୁ ଟାର୍ଗେଟ୍ କରୁଥିବା ନେତାଙ୍କୁ ନବୀନ କଡ଼ା ଜବାବ ମଧ୍ୟ ଦେଇଛନ୍ତି। ନବୀନ କହିଛନ୍ତି ଯେ ପାଣ୍ଡିଆନ୍ କେବଳ ରାଜ୍ୟ ପାଇଁ ନୁହେଁ ଦଳ ପାଇଁ ବହୁତ କାମ କରିଛନ୍ତି । ତାଙ୍କୁ କୌଣସି ପ୍ରକାର ବଦନାମ କରାଯିବା ଉଚିତ ନୁହେଁ । ସେ ୧୦ ମାସ ତଳୁ ଦଳ ଛାଡ଼ି ସାରିଛନ୍ତି । ସେ କୌଣସି ଦଳୀୟ କାର୍ଯ୍ୟରେ ସାମିଲ ହେଉ ନାହାନ୍ତି । ଦଳୀୟ କାର୍ଯ୍ୟକ୍ରମରେ ତାଙ୍କର କୌଣସି ଭୂମିକା ନାହିଁ । ଏହା ସହିତ ପାଣ୍ଡିଆନ୍‌ଙ୍କୁ ଆକ୍ରମଣ କରୁଥିବା ନେତାଙ୍କୁ ନବୀନ କଡ଼ା ଜବାବ ଦେଇଛନ୍ତି । ସେହିପରି ବିଭିନ୍ନ ହୋଟେଲ୍‌ରେ ନେତାଙ୍କ ବୈଠକକୁ ନାପସନ୍ଦ କରିଛନ୍ତି ନବୀନ। ବୈଠକ ପାଇଁ ଶଙ୍ଖଭବନ ଉତ୍କୃଷ୍ଟ ସ୍ଥାନ ବୋଲି କହିବା ସହିତ ଦଳର ମୁଖ୍ୟାଳୟ ଶଙ୍ଖ ଭବନ ବହୁତ ବଡ଼ ଓ ଅନେକ ସୁବିଧା ମଧ୍ୟ ରହିଛି ବୋଲି ନବୀନ କହିଛନ୍ତି । ସୂଚନାଥାଉ କି, ୱାକଫ୍ ବିଲ୍ ଭୋଟିଂକୁ ନେଇ ବିଜେଡି ମଧ୍ୟରେ ଫାଟ ସୃଷ୍ଟି ହୋଇଛି । କେତେକ ରାଜନୈତିକ ବ୍ୟକ୍ତି ମତ ଦେଲେ ସେ ବିଜେଡି ଦୁଇଫାଳ ହେଉଛି । ଏହା କେତେଦୂର ସତ୍ୟ ଅବଶ୍ୟ ଆମକୁ ଜଣାନାହିଁ । ଲଗାତର କେତେଦିନ ଧରି ବିଜେଡିର ନେତା ଓ ସାଂସଦ ପାଣ୍ଡିଆନ୍‌ଙ୍କୁ ନେଇ ମୁହାଁମୁହିଁ ହୋଇଛନ୍ତି। କିଛି ନେତା ପାଣ୍ଡିଆନ୍‌ଙ୍କ ସପକ୍ଷରେ କହୁଥିବା ବେଳେ ଆଉ କିଛି ତାଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି । ଏହାକୁ ନେଇ ରାଜ୍ୟ ରାଜନୀତିରେ ଦେଖାଦେଇଛି ତୁମ୍ବିତୋଫାନ । ଏହା ସତ୍ତ୍ୱେ ନବୀନ ଉକ୍ତ ପ୍ରସଙ୍ଗରେ ମୁହଁ ଖୋଲି ପାଣ୍ଡିଆନ୍‌ଙ୍କୁ ପ୍ରଶଂସା କରିଛନ୍ତି। ତେବେ ୱାକଫ୍ ବିଲ୍ ପ୍ରସଙ୍ଗକୁ ନେଇ ବଳରେ ଯେଉଁ ସ୍ଥିତି ଉପୁଜିଲା, ଦଳରେ ଝଡ଼ ସୃଷ୍ଟି ହେଲା, ତା' ଉପରେ ନବୀନ କୌଣସି ସ୍ପଷ୍ଟୀକରଣ ଦେଲେନି। କେଉଁ ପରିସ୍ଥିତିରେ ଶେଷ ମୁହୂର୍ତ୍ତରେ ରାଜ୍ୟସଭାରେ ଦଳର ଅଭିମୁଖ୍ୟ ବଦଳିଲା ଏବଂ ସମ୍ପୃକ୍ତ ପାତ୍ର କାହା ଇସରାରେ ଟୁଇଟ୍ କଲେ ତା' ଉପରୁ ଏ ପର୍ଯ୍ୟନ୍ତ ପରଦା ହଟି ପାରିଲାନି । କିଛି ନେତା ବି ନବୀନଙ୍କ ପାଖକୁ ଚିଠି ଲେଖିଛନ୍ତି। ସେମାନେ ଚିଠିରେ ଦର୍ଶାଇଛନ୍ତି ଯେ ସେମାନେ ବିଜୁ ଜନତା ଦଳ ତଥା ବିଜୁଙ୍କ ଆଦର୍ଶରେ ଅନୁପ୍ରାଣିତ । ପିଢି ପରେ ପିଢି ସେମାନଙ୍କ ପରିବାର ଧର୍ମନିରପେକ୍ଷ ରାଜନୀତିକୁ ସମ୍ମାନ ଦେଇ ଆସିଛନ୍ତି। ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନ ନିର୍ମାଣ ସ୍ୱପ୍ନରେ ସେମାନେ ଜଣେ ଜଣେ କ୍ଷୁଦ୍ର ଅଂଶବିଶେଷ। ଅତୀତରେ ଦଳର ଧର୍ମନିରପେକ୍ଷ ନିଷ୍ପତ୍ତି ସାରାଦେଶ ଏବଂ ରାଜ୍ୟରେ ଖୁବ୍ ପ୍ରଶଂସିତ ହୋଇଛି । କିନ୍ତୁ ରାଜ୍ୟସଭାରେ ଦଳର ସଂସଦମାନେ ୱାକଫ୍ ବିଲ୍ ମତଦାନକୁ ନେଇ ଯେଭଳି ବିଭାଜିତ ହେଲେ ତାହା ଆମ ସମସ୍ତଙ୍କୁ ହତବାକ୍ କରିଛି ବୋଲି ସେମାନେ ଲେଖିଛନ୍ତି । ଏତଦବ୍ୟତୀତ ସାରା ରାଜ୍ୟର ବିଜୁପ୍ରେମୀଙ୍କ ମନରେ ଆଘାତ ଦେଇଛି। ଦଳର ନୀତି ଆଦର୍ଶରୁ କେଉଁମାନେ କିପରି, କାହିଁକି ଓ କେଉଁ କେଉଁ କାରଣରୁ ବିଚ୍ୟୁତ ହେଲେ ତାହାର ସମୀକ୍ଷ ପୂର୍ବକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଯୁବନେତାମାନେ ଚିଠିରେ ଉଲ୍ଲେଖ କରିଛନ୍ତି । ପୁଣି କିଛି ବରିଷ୍ଠ ନେତା କହିଛନ୍ତି ଯେ ଏବେ ବି ଆମ ମନ ଏବଂ ଓଡ଼ିଶାବାସୀଙ୍କ ମନରେ ନବୀନବାବୁଙ୍କ ଭାବମୂର୍ତ୍ତି ନିଖୁଣ ରହିଛି । ନିର୍ବିବାଦୀୟ ନେତା ନବୀନ ପଟ୍ଟନାୟକ। ଆମେ ନବୀନଙ୍କ ସାଥିରେ ଅଛୁ, ତାଙ୍କୁ କୌଣସି ବାହ୍ୟଶକ୍ତି ଦୁର୍ବଳ କରିବାକୁ ଆସିଲେ ଆମେ ବରଦାସ୍ତ କରିବୁ ନାହିଁ । ସୋମବାର ପଟିଆସ୍ଥିତ ଏକ ହୋଟେଲ୍‌ରେ ବରିଷ୍ଠ ଓ ଯୁବ ବିଜେଡି ନେତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବରିଷ୍ଠ ନେତାଙ୍କ ସହ ସାମିଲ ହୋଇଥିଲେ ଯୁବ ବିଜେଡି ନେତା । ବୈଠକ ପରେ କୁହାଗଲା ଯେ ଦଳୀୟ ରାଜନୀତି କରୁଥିବା ବ୍ୟକ୍ତିମାନେ ଏକାଠି ବସିବାରେ କିଛି ଅସୁବିଧା ନାହିଁ । ଆମେ ଏକାଠି ବସିବା କଥା ନବୀନ ଜାଣିଛନ୍ତି । ଦଳ ସଭାପତିଙ୍କ ଠାରୁ ଅନୁମତି ନେଇ ଆମେ ଏକାଠି ବସିଥିଲୁ । କିନ୍ତୁ ନବୀନ ଗତକାଲି ଯେଉଁ ପ୍ରେସ୍‌ମିଟ୍ କଲେ, ସେଥିରେ ଶଙ୍ଖଭବନ ବାହାରେ ଦଳୀୟ ନେତୃବର୍ଗ ମିଟିଂ କରିବା ଆଦୌ ଶୋଭନୀୟ ଓ ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କହିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିଜେଡି ଦୁଇ ଗୋଷ୍ଠୀରେ ବିଭାଜିତ ହେଉଛି । ସମସ୍ତେ ନବୀନଙ୍କ ନେତୃତ୍ୱକୁ ସମର୍ଥନ କରୁଥିଲେ ମଧ ଦଳେ ପାଣ୍ଡିଆନ୍‌ଙ୍କୁ ସନ୍ଦେହ ଚକ୍ଷୁରେ ଦେଖି ତାଙ୍କର ଦଳର ଅଲକ୍ଷ୍ୟରେ ଆଧିପତ୍ୟକୁ ବରଦାସ୍ତ କରିପାରୁନାହାନ୍ତି । ବିଜେଡି ନେତାଙ୍କ ଏ ସମସ୍ତ ବିବୃତି ଭିତରେ ସ୍ପଷ୍ଟ ବାରି ହେଇଯାଉଛି ଅସଂଗତି ଓ ମତପାର୍ଥକ୍ୟ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ୱାକଫ୍ ବିଲ୍ ଭୋଟିଂକୁ ନେଇ ଉପୁଜିଥିବା ମୂଳ ପ୍ରସଙ୍ଗ ଉପରେ ନବୀନ ନା ଅନ୍ୟ ବିଜେଡି ନେତୃବର୍ଗ ସ୍ପଷ୍ଟୀକରଣ ଦେଲେନାହିଁ । ଏହି ୱାକଫ୍ ବିଲ୍‌କୁ ଏଡାଇବା ପାଇଁ ବିଜେଡିର ଏହା ନାଟକ ନା ସତସତିକା ବିଜେଡିରେ ଫାଟ ତାହା ସାଧାରଣ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇବା ସ୍ୱାଭାବିକ ।

# ଥାନାରେ ମହିଳାଙ୍କ ଅଭିଯୋଗ ଓ ନିର୍ଯାତନା



**ପୁଷ୍ପମିତ୍ର ମହାପାତ୍ର**

ଆପଣ ଅନେକ ସମୟରେ ଗଣମାଧ୍ୟମରେ ପ୍ରାୟତଃ ଦୁଇଟି ଶୀର୍ଷକ ପଢ଼ିବାକୁ ପାଉଥିବେ 'ଖାକି ପୋଷାକରେ ଦାଗ' କିମ୍ବା 'ରକ୍ଷକ ଯଦି ଭକ୍ଷକ ହୁଏ'। ଏହି ଶୀର୍ଷକ ଯେ କେହି ପାଠକ ପଢ଼ିବା ମାତ୍ରେ ମନ ଭିତରେ ପୋଲିସ ପ୍ରତି ନକରାତ୍ମକ ଛବିଟିଏ ଆଙ୍କି ହୋଇଯାଏ। ଥାନାରେ ମହିଳାଙ୍କୁ ନିର୍ଯାତନା ଖବର ପୋଲିସର ଭାବମୂର୍ତ୍ତିକୁ ଆହୁରି ମଳିନ କରିଦିଏ। ଖାକି ପୋଷାକରେ ଏ ଦାଗକୁ ଆହୁରି ଗାଢ଼ କରିଦିଅନ୍ତି କିଛି ଅସାଧୁ ପୋଲିସ। ଗତ ବର୍ଷ ଭୁବନେଶ୍ୱରର ଭରତପୁର ଥାନାରେ ଯେଉଁ ଅଘଟଣଟି ଘଟିଥିଲା ତାହା ପୁରା ଦେଶକୁ ଏକ ପ୍ରକାର ହଲଚଲ କରିଦେଇଥିଲା। ପରବର୍ତ୍ତୀ ସମୟରେ ସରକାର ବିଚାର ବିଭାଗୀୟ ତଦନ୍ତ ଘୋଷଣା କରିଥିଲେ ଓ ଏହାର ରିପୋର୍ଟ ମଧ ନିକଟରେ ସରକାର ପାଇଛନ୍ତି। ଏଠାରେ ଆମେ କିଛି ପ୍ରସଙ୍ଗ ଉଲ୍ଲେଖ କରୁଛୁ। ଗତ ବର୍ଷ ସେପ୍ଟେମ୍ବର ୧୪ ତାରିଖରେ ଏହି ଘଟଣାଟି ଘଟିଥିଲା। ସେହିପରି ଗତ ବର୍ଷ ଅଗଷ୍ଟ ୨୩ ତାରିଖରେ ଖଣ୍ଡଗିରି ଥାନାରେ ଲକ୍ଷ୍ମୀ ଡାକୁଆ ନାମକ ଜଣେ ଅଭିଯୋଗକାରୀ ମହିଳାଙ୍କୁ ଜନୈକ ସବଇନସପେକ୍ଟର ପାୟଲ ପ୍ରଧାନ ବିନା କାରଣରେ କଦର୍ଯ୍ୟ ଭାଷାରେ ଗାଳି ମନ୍ଦ କରିବା ସହ କୋଠରୀରେ ପୁରାଇ ନିର୍ଘୁମ ମାଡ଼ ମାରିଥିବା ସମ୍ପର୍କରେ ଅଭିଯୋଗ ହେବାପରେ ସଂପୃକ୍ତ ଏସଆଇ ନିଲମ୍ବିତ ହୋଇଥିଲେ। ସେହିପରି ୨୦୧୮ରେ ରାଜଧାନୀର ନୂଆପଲ୍ଲୀ ଥାନାରେ ଦୁଇ ଦଳିତ ଯୁବତୀ ଗାୟତ୍ରୀ ଓ ଇତିଶ୍ରୀ ଥାନାରେ ନିର୍ଯାତନା ପାଇ ଜେଲ ଯାଇଥିଲେ ଓ ପରବର୍ତ୍ତୀ ସମୟରେ ତାଙ୍କ ହାଜତ ବର୍ବରତା ଘଟଣା ଚହଳ ସୃଷ୍ଟି କରିଥିଲା। ତତ୍କାଳୀନ କମିସନର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଓ ସଂପୃକ୍ତ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ଦାୟିତ୍ୱରୁ ଅପସରଣ କରାଯାଇଥିଲା। ସେହିପରି କଟକ ବଜ୍ରକବାଟି ପ୍ରଫେସରପଡ଼ା ଅଞ୍ଚଳର ୮୨ ବର୍ଷୀୟା ନିରୂପମା ଦାସ ଏକ ମାମଲା ନେଇ ବାଦାମବାଡ଼ି ଥାନାକୁ ଯାଇ ମାନସିକ ନିର୍ଯାତନା ପାଇବା ପରେ ହାଇକୋର୍ଟରେ ମାମଲା (ପିଏସ କେସ ନଂ.୨୦୮/୨୨ ଦାଏର କରିଥିଲେ)। ସେହିପରି ୨୦୨୩ ଅପ୍ରେଲ ୧୮ ତାରିଖରେ ତମାଣ୍ଡୋ ପୋଲିସ ୬୫ ବର୍ଷ ବୟସ୍କା ସୁଲୋଚନା ଭଦ୍ରଙ୍କୁ ତଦନ୍ତ ନାମରେ ନିଷ୍ଠୁର ମାଡ଼ ମାରିଥିଲେ। ଏହାର ରେକର୍ଡ଼ିଂ ତାଙ୍କ ଅପ୍ରାପ୍ତ ବୟସ୍କା ନାତୁଣୀ ରେକର୍ଡ଼ିଂ କରୁଥିବାରୁ ସେ ମଧ୍ୟ ନିର୍ମମ ମାଡ଼ ଖାଇଥିଲେ। ତମାଣ୍ଡୋ ଥାନା ଏତଲା ନରଖିବାରୁ ହାଇକୋର୍ଟରେ ତମାଣ୍ଡେ ପୋଲିସ ବିରୁଦ୍ଧରେ ମାମଲା (ସିଆରଏଲଏମପି ୧୦୭୦/୨୦୨୩) ଦାଏର ହୋଇଥିଲା। ତେବେ ଡିସିପି ମାନ୍ୟବର ହାଇକୋର୍ଟଙ୍କୁ କୌଣସି ରିପୋର୍ଟ ନ ଦେବାରୁ ତାଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା (ସିଓଏନଟିଆର ୪/୨୦୨୪) ରୁଜୁ ହୋଇଥିଲା। ସେହିପରି ଚୌଦ୍ୱାରର ଜନୈକ ଆଇନଜୀବୀ ପ୍ରତୀମା ଦାସଙ୍କର ରାସ୍ତାରେ କୌଣସି ଏକ ଘଟଣାକୁ ନେଇ ପୋଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା ଏବଂ ପୋଲିସ ତାଙ୍କୁ ଚୌଦ୍ୱାର ଥାନାକୁ ନେଇ କେବଳ ଅମାନବୀୟ ନିର୍ଯାତନା ଦେଇ ନଥିଲେ ଅନେକ ମିଛ ମାମଲାରେ ଜେଲ ପଠାଇଥିଲେ। ୨୦୦୮ ଅଗଷ୍ଟ ୧୩ରୁ ୨୦୧୦ ନଭେମ୍ବର ୧୭ ପର୍ଯ୍ୟନ୍ତ ଜେଲରେ ରହିବା ପରେ ନିର୍ଦ୍ଦୋଶରେ ଖଲାସ ହୋଇଥିଲେ। ସେହିପରି ୨୦୨୩ ନଭେମ୍ବର ୧୮ରେ ରାଇରଙ୍ଗପୁରର ମାଳହ ମୁର୍ମୁ ମଧ ରାଇରଙ୍ଗପୁର ଟାଉନ ଥାନାର ତତ୍କାଳୀନ ଅଧିକାରୀ ରୋଜାଲିନ ବେହେରାଙ୍କ ନାମରେ ଶାରୀରିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ୨୦୧୭ ଜାନୁଆରୀ ୩୦ରେ ଜୟପୁର ଥାନା ପୋଲିସ ଜନୈକ ପରିଣତ ବୟସର ବୃଦ୍ଧା ପ୍ରବୀଣା ମୋହରିଆଙ୍କୁ ନିର୍ଯାତନା ଦେଇଥିବା ଖବର ଆଲୋଡ଼ନ ସୃଷ୍ଟି କରିଥିଲା। ତେବେ ତାଙ୍କ ଅଭିଯୋଗ ଥିଲା ବିନା କାରଣରେ ତାଙ୍କ ପୁଅ ଆକାଶର ମୁକ୍ତି ପାଇଁ ସେ ଅଦାଲତର ଦ୍ୱାରସ୍ଥ ହେବାରୁ ପୋଲିସ ନିର୍ଯାତନା ପାଇଥିଲେ। ତେବେ ସତକୁ ସତ ପୋଲିସ ହାଜତରେ ହିଁ ଆକାଶଙ୍କର ହିଁ ମୃତ୍ୟୁ ହୋଇଥିଲା। ଏହି ଘଟଣା ଅନେକ ଚର୍ଚ୍ଚା ସୃଷ୍ଟି କରିଥିଲା। ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୩୦୨, ୩୨୩, ୩୪୨, ୩୨୫, ୫୦୫ ଓ ୩୪ (ତତ୍କାଳୀନ ସମୟର) ଅନୁଯାୟୀ ଜୟପୁର ଥାନାର ସେ ସମୟର ପଦାଧିକାରୀ ତପନ ନାରାୟଣ ରଥ, ଶିବ ପ୍ରସାଦ ସାହୁ, ରାଜେନ୍ଦ୍ର ବଳିଆର ସିଂହ ଓ ରାଜେନ୍ଦ୍ର ପ୍ରସାଦ ସେନାପତିଙ୍କ ନାମରେ ଆପରାଧିକ ମାମଲା ଦାଏର ହେଲା ଓ ସେମାନେ ଗିରଫ ହେଲେ। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ପ୍ରଶାସନ ୧୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେଇଥିଲା।

ଉପରୋକ୍ତ ଘଟଣା ଗୁଡ଼ିକ ପରୋକ୍ଷ ଭାବେ ସୂଚୀତ କରୁଛି କି ଯେ କିଛି ଅଣପେଷାଦାର ଆଚରଣ ପୋଲିସଙ୍କ ବିପଜ୍ଜନକ ବ୍ୟବହାର ଓଡ଼ିଶା ପୋଲିସର ଭାବମୂର୍ତ୍ତିକୁ କଳଙ୍କିତ କରୁଛି। କେବଳ ସେତିକି ନୁହେଁ ଥାନାରେ ମହିଳା କର୍ମଚାରୀ ମଧ ସୁରକ୍ଷିତ ନୁହଁନ୍ତି। ଅନେକ ଉଦାହରଣ ରହିଛି। ୨୦୨୪ ମସିହାରେ ରାଉରକେଲାର ବନ୍ଧମୁଣ୍ଡା ଥାନାଧିକାରୀ ଜନୈକ ମହିଳା କର୍ମଚାରୀଙ୍କୁ ଅସଦାଚରଣ ପ୍ରସଙ୍ଗ ନେଇ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଏ ଯେ ଭିତ୍ତିଭୂମିର ଅଭାବ ଓ ଅନେକ ଚାପ ଭିତରେ ପୋଲିସ ରହୁଛି। ସବୁ ପୋଲିସ ଅଫିସର ମଧ ଯେ ଦୁର୍ନୀତି ଗ୍ରସ୍ତ ବା ସେମାନେ ନିଜ ବର୍ଦ୍ଦିରେ ଯେ କଳଙ୍କ ଲଗାନ୍ତି ତାହା ନୁହେଁ। ଏ ପ୍ରସଙ୍ଗରେ ବଡ଼କଥାଟି ହେଉଛି ମହିଳାମାନେ ନିଜ ଅଧିକାର ବିଷୟରେ ସଚେତନ ହେବା ଜରୁରୀ। ମହିଳାମାନେ ଆଇନ ବିଷୟରେ ବ୍ୟାପକ ଭାବେ ଜାଣିବା ସହ ଏବେ ନୂଆ ଦଣ୍ଡ ବିଧି ବ୍ୟବସ୍ଥା ଓ ଇ-ମେଲରେ ମଧ ଯେ କୌଣସି ଥାନାରେ ଅଭିଯୋଗ ଦିଆଯିବାର ସୁବିଧା ରହିଥିବାରୁ ମହିଳାମାନେ ଏହାର ସୁଯୋଗ ନେବା ଉଚିତ।

ସଂପ୍ରତି ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ପୀଡ଼ିତା ପୁଲିସ ନିର୍ଯାତନାର ଶିକାର ହେଉଥିବା ଘଟଣା ଦେଶର ବିଭିନ୍ନ ରାଜ୍ୟରୁ ଆସୁଛି। ଏହି ପରିପ୍ରେକ୍ଷୀରେ ମହିଳାମାନେ ଆଇନ ସେମାନଙ୍କୁ ଦେଉଥିବା ସୁରକ୍ଷା ଓ ଅଧିକାର ବାବଦରେ ଅବଗତ ହେବା ଜରୁରୀ।

**ଥାନାକୁ ଓକିଲଙ୍କ ସହ ଯାଆନ୍ତୁ :** ମହିଳା ଅଭିଯୋଗକାରୀଙ୍କର ମାଗଣା ଆଇନଗତ ସହାୟତା ଅଧିକାର ରହିଛି। ବୟାନ ରେକର୍ଡ ହେଉ କିମ୍ବା ଅଭିଯୋଗ ଦାଖଲ ହେଉ, ମହିଳାମାନେ ସାଥିରେ ଓକିଲଙ୍କୁ ନେଇ ଥାନାକୁ ଯିବା ଉଚିତ। ଏଫଆଇଆର ଦାଏର କରିବାକୁ ଯାଉଥିଲେ ବି ସାଥିରେ ଓକିଲ ନେଇ ଯାଆନ୍ତୁ।

**ବିଳମ୍ବ ହେଉଥିଲେ ବି ପୁଲିସ ଏଫଆଇଆର କରିବ :** ଦୁଷ୍କର୍ମ କିମ୍ବା ଯୌନଉତ୍ପୀଡ଼ନ ହେବାର ବହୁ ଦିନ ବିତି ଯାଇଥିଲେ ବି ପୁଲିସ ଏତଲା ଦାଏର କରାଇବାକୁ ମନା କରିପାରିବ ନାହିଁ। ସୁପ୍ରିମ କୋର୍ଟଙ୍କ ରାୟ ଅନୁସାରେ ଘଟଣା ଘଟିବା ଏବଂ ରିପୋର୍ଟ କରାଯିବା ମଧ୍ୟରେ ଯଥେଷ୍ଟ ବ୍ୟବଧାନ ଥିଲେ ବି ପୁଲିସ ଏତଲା ଗ୍ରହଣକୁ ଅଗ୍ରାହ୍ୟ କରିପାରିବ ନାହିଁ।

**ସୂର୍ଯ୍ୟାସ୍ତ ପରେ ଗିରଫଦାରି ମନା :** ସୁପ୍ରିମ କୋର୍ଟଙ୍କ ରାୟ ଅନୁସାରେ ସୂର୍ଯ୍ୟାସ୍ତ ପରେ ଓ ସୂର୍ଯ୍ୟୋଦୟ ପୂର୍ବରୁ କୌଣସି ମହିଳାଙ୍କୁ ଗିରଫ କରାଯାଇ ପାରିବ ନାହିଁ। ଯଦି ମହିଳାଜଣକ ଧର୍ତ୍ତବ୍ୟ ଅପରାଧ କରିଥାନ୍ତି, ତାହେଲେ ରାତିରେ ତାଙ୍କୁ କାହିଁକି ଗିରଫ କରାଯିବା ପ୍ରୟୋଜନ ତାହା ଦର୍ଶାଇ ପୁଲିସକୁ ମାଜିଷ୍ଟ୍ରେଟଙ୍କ ପାଖରୁ ଲିଖିତ ଅନୁମତି ଆଣିବାକୁ ପଡ଼ିବ।

**ଇ-ମେଲ ଜରିଆରେ ଅଭିଯୋଗ :** ଦିଲ୍ଲୀ ପୁଲିସ ଜାରି କରିଥିବା ଗାଇଡ଼ଲାଇନ ଅନୁସାରେ, ଜଣେ ମହିଳା ଇ-ମେଲ ଅଥବା ରେଜିଷ୍ଟ୍ରି ଡାକରେ ଡେପୁଟି କମିସନର କିମ୍ବା ପୁଲିସ କମିସନର ପାହ୍ୟାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପଠାଇ ପାରିବେ। ତାପରେ ସମ୍ପୃକ୍ତ ଅଧିକାରୀ ଘଟଣା ଘଟିଥିବା ଅଞ୍ଚଳର ଥାନା ଅଧିକାରୀଙ୍କୁ ଏଫଆଇଆର ଦାଏର ଲାଗି ନିର୍ଦ୍ଦେଶ ଦେଇ ପାରିବେ।

**ଜିରୋ ଏଫଆଇଆରର ସୁବିଧା ନେଇପାରିବେ :** ବେଳେ ବେଳେ ଘଟଣା ଘଟିଥିବା ଅଞ୍ଚଳର ଥାନା ଅଧିକାରୀ ପୀଡ଼ିତାଙ୍କ ଅଭିଯୋଗ ଗ୍ରହଣ କରିବାକୁ ଅଗ୍ରାହ୍ୟ କରନ୍ତି ଓ ତାଙ୍କୁ ଅନ୍ୟ ଥାନାକୁ ପଠାଇବା ଲାଗି ଉଦ୍ୟମ କରନ୍ତି। ଏଭଳି ପରିସ୍ଥିତିରେ ସୁପ୍ରିମକୋର୍ଟଙ୍କ ଜିରୋ ଏଫଆଇଆର ରାୟ ଅନୁସାରେ ପୀଡ଼ିତା ସହରର ଯେ କୌଣସି ଥାନାରେ ଏତଲା କରିପାରିବେ।

**ଥାନାକୁ ଆସିବା ବାଧ୍ୟତାମୂଳକ ନୁହେଁ :** ପ୍ରଚଳିତ ଅପରାଧିକ ଆଇନ ଅନୁସାରେ ଜେରା ପାଇଁ ମହିଳା ମାନଙ୍କୁ ଥାନାକୁ ଆସିବାକୁ ବାଧ କରାଯାଇ ପାରିବ ନାହିଁ। ଏ ସଂକ୍ରାନ୍ତରେ ସୁପ୍ରିମ କୋର୍ଟଙ୍କ ଗାଇଡ଼ ଲାଇନ ବି ରହିଛି। ମହିଳା କନେଷ୍ଟବଳ, ପରିବାର ସଦସ୍ୟ ଓ ବନ୍ଧୁଙ୍କ ଉପସ୍ଥିତିରେ ପୁଲିସ ଜଣେ ମହିଳାଙ୍କୁ ତାଙ୍କ ବାସ ଭବନରେ ଜେରା କରିପାରିବେ।

ପୋଲିସର ଏକ ବଡ଼ ସ୍ଲୋଗାନଟି ହେଉଛି 'ପୋଲିସ ଶତ୍ରୁ ନୁହେଁ ବନ୍ଧୁ' ଏସବୁ କଥା ଅନେକ ପ୍ରଚାର ପ୍ରସାର ହେଉଥିଲେ ମଧ କିଛି ପୋଲିସଙ୍କ ଭାବମୂର୍ତ୍ତି ତମାମ ବ୍ୟବସ୍ଥାର ଚେହେରାକୁ ଖରାପ କରୁଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସହାୟତା ଓ ଅଭିଯୋଗ ପାଇଁ ଆସୁଥିବା ମହିଳା ମାନଙ୍କ ପ୍ରତି ଏପରି ନିଷ୍ଠୁର ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ମହିଳାଙ୍କ ସୁରକ୍ଷା ପାଇଁ ଆଇନ ଓ ଅଦାଲତ ଅନେକ ବିଧି ବ୍ୟବସ୍ଥା ରଖୁଛନ୍ତି। ତେବେ ଏବେ ବି ଅସୁବିଧାରେ ପଡ଼ିଲେ ପ୍ରାୟତଃ ମହିଳାମାନେ ଥାନାକୁ ଯିବାକୁ ଅନେକ ଥର ଚିନ୍ତା କରୁଛନ୍ତି। ପୋଲିସ ନିଜ ଆଚାରଣଗତ ଢ଼ଙ୍ଗରଙ୍ଗ ବଦଳାଇବା ସହ ସମସ୍ତଙ୍କର ପୋଲିସ ହୋଇପାରିଲେ ଥାନାରେ ନାରୀ ନିର୍ଯାତନା ପ୍ରସଙ୍ଗ ନେଇ ଭାବମୂର୍ତ୍ତି ହୁଏତ ଉଜ୍ଜ୍ୱଳ ହୋଇପାରନ୍ତା।

+ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ
ମୋ : ୯୪୩୭୨୨୫୬୮୯

# ବିଳମ୍ବିତ ମାତୃତ୍ୱ : ବୟସ୍କା ପ୍ରଥମ ଗର୍ଭା



**ଡାକ୍ତର କାନ୍ତୀ ନାୟକ**

ଭାରତ ଭଳି ଏକ ବିକାଶଶୀଳ ଦେଶମାନଙ୍କରେ କ୍ରମାଗତ ଭାବେ ବିଳମ୍ବିତ ବିବାହ ବଢ଼ି ଚାଲିଥିବାରୁ ଏହା ଏବେ ଚିନ୍ତାର କାରଣ ପାଲଟିଛି। ଏହାର କାରଣ ହେଉଛି ମହିଳାମାନେ ଏବେ ନିଜର କ୍ୟାରିୟର ପ୍ରତି ସଜାଗ ରହୁଥିବାରୁ ବିବାହର ପ୍ରକୃତ ବୟସ ଗଡ଼ିଯାଉଛି। ଭାରତରେ ମାତୃତ୍ୱର ପ୍ରକୃତ ବୟସ ୩୦ ବର୍ଷକୁ କୁହାଯାଉଥିବା ବେଳେ ଏହା ଏବେ ୩୫ ବର୍ଷ ସୀମାକୁ ଟପିବାରେ ଲାଗିଛି। ଫିଗୋ (ଦି କାଉନ୍‌ସିଲ ଅଫ୍ ଇଣ୍ଟରନ୍ୟାସନାଲ ଫେଡ଼େରେସନ ଅଫ୍ ଅବଷ୍ଟେଟ୍ରିକ୍ସ ଆଣ୍ଡ ଗାଇନୋଲୋଜି) ଅନୁଯାୟୀ ୩୫ବର୍ଷରୁ ବେଶୀ ବୟସର ପ୍ରଥମ ଗର୍ଭଧାରଣକୁ 'ବୟସ୍କା ପ୍ରଥମାଗର୍ଭା' ବୋଲି କୁହାଯାଇଥାଏ। ନିଜ ପ୍ରଜନନ ସମୟ ସୀମା ଶେଷ ପର୍ଯ୍ୟାୟରେ ଗର୍ଭଧାରଣର ଗୁରୁତର ଜଟିଳତା ସହିତ ବୟସର ଯେଉଁ ସାଧାରଣ ଜଟିଳତାକୁ ସାମନା କରିଥାନ୍ତି ସେଗୁଡ଼ିକ ହେଉଛି - ରକ୍ତଚାପ, ମଧୁମେହ ରୋଗ, ହୃଦ୍‌ରୋଗ, ବୃକକ୍‌ଜନିତ ଓ ଭେଷଜନିତ ରୋଗ। ଏହାଛଡ଼ା ବେଶୀ ବୟସରେ ଗର୍ଭ ଧାରଣ କଲାପରେ ଜନ୍ମଗତ ବିକଳାଙ୍ଗତା, ଯମଜଗର୍ଭ, ଅପରିପକ୍ୱ ପ୍ରସବ ଓ ସାଧାରଣ ଉପସ୍ଥାନ ଭଳି ସମସ୍ୟା ଆଦି ଦେଖାଦେଇଥାଏ। ଏହିଭଳି ସମସ୍ୟା ଦେଖାଦେଇଥିବା ମହିଳାମାନଙ୍କର ସାଧାରଣ ପ୍ରସବ ନହୋଇ ସିଜରିଆନ୍ ଅପରେସନ ଦ୍ୱାରା ପ୍ରସବ ହୋଇଥାଏ। ଏହି କାରଣରୁ ମଧ ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ ଦେଖିବାକୁ ମିଳିଥାଏ।

ଆଜି ନିରାପଦ ମାତୃତ୍ୱ ଦିବସ। ଜାତିସଂଘର ଏକ ସର୍ବଶେଷ ରିପୋର୍ଟ ମୁତାବକ ବିଶ୍ୱରେ ପ୍ରତି ୨ମିନିଟରେ ଜଣେ ଗର୍ଭବତୀ କିମ୍ବା ପ୍ରସୂତୀଙ୍କ ମୃତ୍ୟୁ ହାନୀ ହେଉଛି। ଭାରତରେ ହାରାହାରି ୫୨ ଗର୍ଭବତୀ ବା ପ୍ରସୂତୀ ମହିଳାଙ୍କ ଜୀବନ ପ୍ରତିଦିନ ଅକାଳରେ ଚାଲିଯାଉଛି। ଗତ ୨୦୨୩ରେ ଭାରତରେ ପ୍ରାୟ ୧୯ ହଜାର ଗର୍ଭବତୀଙ୍କ ମୃତ୍ୟୁ ଘଟିଥିଲା। ସମଗ୍ର ବିଶ୍ୱରେ ଏହି ତାଲିକାରେ ନାଇଜେରିଆର ସ୍ଥାନ ପ୍ରଥମ ଥିବାବେଳେ ଭାରତର ସ୍ଥାନ ଦ୍ୱିତୀୟ। ୨୦୨୩ରେ ମହିଳାଙ୍କ ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁଁ ବିଶ୍ୱରେ ପ୍ରାୟ ୨ଲକ୍ଷ ୬୦ ହଜାର ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦ରୁ ୨୦୨୩ ମଧ୍ୟରେ ଭାରତରେ ମାତୃ ମୃତ୍ୟୁହାର (ପ୍ରତି ୧ଲକ୍ଷ ଜୀବନ୍ତ ଶିଶୁ ଜନ୍ମ ଦେଉଥିବା ପ୍ରସୂତୀଙ୍କ ମଧ୍ୟରେ ମୃତ୍ୟୁ ଘଟୁଥିବା ମହିଳାଙ୍କ ସଂଖ୍ୟା)। ୨୦୦୦ ମସିହାରେ ୩୬୨ ଥିଲାବେଳେ ୨୦୨୩ରେ ତାହା ୮୦କୁ ହ୍ରାସ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ମୁତାବକ ସ୍ୱାସ୍ଥ୍ୟ ସେବା ସୁବିଧାର ବୃଦ୍ଧି ଯୋଗୁ ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ମାତୃମୃତ୍ୟୁ ହାର ୪୦% ହ୍ରାସ ପାଇଛି। ତେବେ ସ୍ୱାସ୍ଥ୍ୟଗତ ଜଟିଳତା ଦେଇ ଗତି କରୁଥିବା ଗର୍ଭବତୀ ମହିଳାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି। ଅତ୍ୟଧିକ ରକ୍ତସ୍ରାବ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ସଂକ୍ରମଣ, ଅସୁରକ୍ଷିତ ଗର୍ଭପାତ ଆଦି ମୃତ୍ୟୁର ପ୍ରମୁଖ କାରଣ। ସେହିଭଳି ମଧୁମେୟ ହୃଦରୋଗ ମଧ ଗର୍ଭବତୀଙ୍କ ଜୀବନକୁ ଅଧିକ ବିପଦରେ ପକାଉଥିବା ଜାତିସଂଘ ତା ରିପୋର୍ଟରେ ଦର୍ଶାଇଛି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ୩୫ରୁ ୪୯ ବର୍ଷ ବୟସରେ ପ୍ରଥମ ଗର୍ଭଧାରଣ ଶତକଡ଼ା ୮.୬ ଥିବାବେଳେ ପ୍ରଥମ ଗର୍ଭଧାରଣ ଶତକଡ଼ା ୨.୪ରୁ ୩.୪କୁ ବୃଦ୍ଧି ପାଇଛି। ତେଣୁ ୩୫ ବୟସ ବା ତଦୂର୍ଦ୍ଧ ବୟସରେ ମାତୃତ୍ୱ ଲାଭ କରୁଥିବା ମା' ଓ ଶିଶୁଙ୍କ ପାଇଁ ଏଭଳି ଗର୍ଭଧାରଣ ବିପଜ୍ଜନକ ପରିଲକ୍ଷିତ ହୋଇଥାଏ। ଏହାକୁ ହାଇରିସ୍କ ପ୍ରେଗ୍‌ନାନ୍ସି ବୋଲି କୁହାଯାଏ। ନିକଟରେ ଏକ ଚମକପ୍ରଦ ଖବର ଶୁଣିବାକୁ ମିଳିଥିଲାଯେ, ମାସିକ ଋତୁସ୍ରାବର ବିରତି ପରେ ମଧ ୬୫ ବର୍ଷ ବୟସରେ ଜଣେ ମହିଳା ଗର୍ଭଧାରଣ କରିବାରେ ସକ୍ଷମ ହୋଇଛନ୍ତି। ଆଣ୍ଡ୍ରୋପଜ୍ ପରେ ମଧ ପୁରୁଷମାନେ ୮୦ ବର୍ଷ ବୟସରେ ପିତୃତ୍ୱ ଲାଭ କରିପାରୁଛନ୍ତି। ବୟସ୍କା ମହିଳାମାନଙ୍କ ମଧ୍ୟରୁ କେତେଜଣ ଅଭାବନୀୟ ପରିସ୍ଥିତିରେ ଗର୍ଭଧାରଣ କଲାବେଳେ ଆଉକିଛି ବହୁବର୍ଷ ଧରି ବନ୍ଧ୍ୟା ରହିବା ପରେ ଗର୍ଭଧାରଣ କରିଥାନ୍ତି ଏବଂ ଅବଶିଷ୍ଟ ମହିଳା ନିଜ ଠାରୁ କମ୍ ବୟସର ମହିଳାଙ୍କ ନିଜ ଠାରୁ କମ୍ ବୟସର ମହିଳାଙ୍କ ଠାରୁ ଡିମ୍ବ ନେଇ ଗର୍ଭଧାରଣ କରିଥାନ୍ତି।

**ବିଳମ୍ବିତ ବିବାହରେ ସମସ୍ୟା :** ବନ୍ଧ୍ୟାଦୋଷ : ବୟସ ବଢ଼ିବା ସହିତ ଗର୍ଭଧାରଣ କରିବା ଶକ୍ତି କମି ଯାଏ, କାରଣ ବୟସ୍କା ମହିଳାମାନଙ୍କର ଡିମ୍ବ କୋଷରୁ ଡିମ୍ବ ନିର୍ଗତ ହେବା କମିଯାଏ। ଗର୍ଭପାତ : ବୟସ୍କା ମହିଳାମାନଙ୍କ ଡିମ୍ବରେ ଜନ୍ମଗତ ବିକଳାଙ୍ଗତା 'କ୍ରୋମୋ ଜୋମାଲ ଆନୋମାଲି' ଥିବାରୁ ବେଶି ଗର୍ଭନଷ୍ଟ ହୁଏ। ଏମାନଙ୍କର ଜରାୟୁ ଝିଲ୍ଲୀ ବିକଶିତ ହୋଇନଥିବାରୁ ଗର୍ଭପାତ ୬ଗୁଣ ଅଧିକ ହୋଇଥାଏ। ଶିଶୁ ବିକଳାଙ୍ଗତା : ୩୫ବର୍ଷରୁ ଅଧିକ ବୟସ୍କା ମହିଳାମାନଙ୍କର ମଲାଶିଶୁ ଜନ୍ମ ହେବାର ଆଶଙ୍କା ଅଧିକ ଦେଖାଦେଇଥାଏ। ଉଚ୍ଚରକ୍ତ ଚାପ : ବୟସ ବଢ଼ିବା ସହିତ ଉଚ୍ଚ ରକ୍ତଚାପ ଦେଖାଦେଇଥାଏ। ଯାହାଫଳରେ ବିଳମ୍ବରେ ବିବାହ କରୁଥିବା ମହିଳା ଅଧିକ ରକ୍ତଚାପର ସମ୍ମୁଖୀନ ହୋଇଥାନ୍ତି। ଜରାୟୁ ଅର୍ବୁଦ୍ ଫ୍ରଇବ୍ରଏଡ୍ : ଶତକଡ଼ା ୧୦ ଭାଗ ବୟସ୍କା ମହିଳାଙ୍କୁ ଏହି ରୋଗ ହୋଇଥାଏ। ଏହାଦ୍ୱାରା ଗର୍ଭପାତ ଓ ଅପରିଣତ ପ୍ରସବ ଆଦି ହୋଇଥାଏ। ମଧୁମେହ : ଅଧିକ ବୟସରେ ବିବାହ କରୁଥିବା ଶତକଡ଼ା ୧୦ ଭାଗ ମହିଳାଙ୍କ ଠାରେ ମଧୁମେହ ରୋଗ ଦେଖାଦେଇଥାଏ। ଏହାଦ୍ୱାରା ଗର୍ଭରେ ଶିଶୁ ମୃତ୍ୟୁ, ପ୍ରସବ ପରେ ଶିଶୁର ଅସୁବିଧା ଆଦି ଦେଖିବାକୁ ମିଳିଥାଏ।

**ଅପରିଣତ ପ୍ରସବ :** ବିଳମ୍ବରେ ଗର୍ଭଧାରଣ କଲେ ଅପରିଣତ ପ୍ରସବର ଜଟିଳତା ପ୍ରାୟ ୨ଗୁଣ ବଢ଼ିଯାଏ। ଶତକଡ଼ା ୧୦-୧୮ ଭାଗ ଶିଶୁ ଅପରିଣତ ବୟସରେ ଜନ୍ମଗ୍ରହଣ କରିବାରୁ ଶିଶୁମୃତ୍ୟୁହାର ଅଧିକ ଦେଖିବାକୁ ମିଳିଥାଏ। ଏତଦ୍‌ଭିନ୍ନ ଅଧିକ ବୟସରେ ଗର୍ଭଧାରଣ କରୁଥିବା ମହିଳାଙ୍କର ପ୍ରସବ ପୂର୍ବରୁ ପାଣିଥଳୀ ଫାଟିଯାଏ, ଯାହାଦ୍ୱାରାକି ସଂକ୍ରମଣ ଜନିତ ସମସ୍ୟା ପରିଲକ୍ଷିତ ହୋଇଥାଏ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ତ୍ରୀ ଓ ପ୍ରସୂତୀ ସମ୍ବନ୍ଧୀୟ ସମସ୍ତ ପ୍ରକାର ସୁବିଧା କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳ ଠାରୁ ସବୁଜବନାନୀର ଆଦିବାସୀ ବହୁଳ ଅଗମ୍ୟ ଇଲାକାରେ ଥିବା ସ୍ତ୍ରୀ ଲୋକଟି ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଛି। ଗର୍ଭବତୀ ହେବା ଠାରୁ ପ୍ରସୂତୀକୁ ବିଭିନ୍ନ ସରକାରୀ ପ୍ରଦତ୍ତ ମାଗଣା ଔଷଧ, ଉନ୍ନତମାନର ପୁଷ୍ଟିକର ଖାଦ୍ୟ ସହ ଟୀକାକରଣ ଓ ପ୍ରୋତ୍ସାହନ ରାଶିର ସୁଯୋଗ ବି ରହିଛି। ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀକେନ୍ଦ୍ର ଠାରୁ ଉପଖଣ୍ଡସ୍ତରୀୟ ସରକାରୀ ଡାକ୍ତରଖାନା। ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ବଡ଼ମେଡ଼ିକାଲରେ ଏହାର ପର୍ଯ୍ୟାପ୍ତ ସୁବିଧା ସରକାର ଦେଇଛନ୍ତି। ତେଣୁ ମାତୃତ୍ୱ ବିଳମ୍ବିତ ହେଲେ କୌଣସି ତୁଟୁକା ତୁଟୁକି ବା ଗୁଣିଗାରେଡ଼ି ଚିକିତ୍ସାକୁ ବିଶ୍ୱାସ ନରଖି ବରଂ ସରକାରୀ ଡାକ୍ତରଖାନାରେ ଥିବା ଅଭିଜ୍ଞ ଡାକ୍ତରଙ୍କ ଚିକିତ୍ସା ସେବା ନେବା ନିହାତି ଜରୁରୀ।

+ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,




## ବିରହ

**ହେମନ୍ତ କୁମାର ଗନ୍ତାୟତ**



ଭିନ୍ନ ବେନି ତନ ମନର ମିଳନ
ଲଭେ ଯେବେ ଏକାକାର
ମଧୁର ସମ୍ପର୍କ ହୃଦେ ଗଢ଼ି ଉଠେ
ପ୍ରେମ ହୁଏ ଉଜାଗର ।
ପ୍ରେମ ହେଲେ ସୃଷ୍ଟି ମଧୁ ହୁଏ ବୃଷ୍ଟି
ତୁଷ୍ଟି ଲଭେ ଅନ୍ତଃପୁର
ବେନି ଦିବା ରାତ୍ର ନିମିଷ ଲାଗଇ
ନର୍କ ଲାଗେ ସ୍ୱର୍ଗପୁର ।
ପ୍ରୀତି ହେଲେ ଗାଢ଼ ସମ୍ପର୍କ ନିବିଡ଼
ଏକ ଅଙ୍ଗ ପ୍ରାୟେ ଲାଗେ
ବିଚ୍ଛେଦ ଘଟିଲେ ପ୍ରେମିକ ପ୍ରେମିକା
ହୃଦୟେ ବିରହ ଜାଗେ ।
ବିରହର ଜ୍ୱାଳା ଫଗୁଣେ ଦିଅଇ
ନିଦାଘ ବୈଶାଖ ତାତି
ପୂର୍ଣ୍ଣିମାର ରାତ୍ରୀ ଶୀତଳ ଦିଏନା
ଜୋଛନା ଦିଅଇ ଭୀତି ।
ଇନ୍ଦ୍ରଧନୁ ରଙ୍ଗ ଫିକା ଫିକା ଲାଗେ
ତୁଚ୍ଛ ଲାଗେ ମଧୁବନ
ସରସ ସଂସାର ନିରସ ଲାଗଇ
ସାଥି ବିନା ସବୁ ସ୍ଥାନ ।
ଅବୁଝା ନୟନ ଖୋଜେ ରାତି ଦିନ
ସହଜେ ପାରେନା ବୁଝି
ଅତୀତର ସ୍ମୃତି ମାନସେ ନାଚଇ
ବକ୍ଷସ୍ଥଳ ଯାଏ ଭିଜି ।
ବିରହିଣୀ ତୃଷ୍ଣା ବିରହୀର ବାସ୍ନା
ବିଭ୍ରମିତ କରେ ମନ
ଜାଗ୍ରତ ନୟନ ସ୍ୱପ୍ନ ତୋଳୁଥାଏ
ମିଳନରେ ଥାଏ ଧ୍ୟାନ ।

+ ଅଧ୍ୟାପକ
ଆସିକା, ଗଞ୍ଜାମ

## ପ୍ରେମ ଆଜି ପଣବନ୍ଦୀ

**ନୂତନ କୁମାର ବେହେରା**



ପ୍ରେମ ଆଜି ପଣବନ୍ଦୀ
ମିଛ ମାୟା ଲୋଭ ମୋହର ସ୍ୱାର୍ଥ
ତାକୁ ବାଧ କରି ରଖିଛି ଛନ୍ଦି
ପ୍ରେମୀଯୁଗଳଙ୍କ ମଧ୍ୟେ ରହୁନି
ଆନ୍ତରିକତା
ଖଣ୍ଡ ବିଖଣ୍ଡିତ ହୁଅଇ ଏକତା
ପ୍ରତିଦ୍ୱନ୍ଦିତାର ଭିଡ଼ ଭିତରେ
ଲାଗେ ଏକା
ନିଛକ୍ ଭଲ ପାଇବାରେ ପ୍ରେୟସୀ
ସାଜେ ନାହିଁ ଅଭିସାରିକା
ପ୍ରୀତିର ପ୍ରତିଦାନେ ହୁଏନା ବିମଣ୍ଡିତା
ସର୍ତ୍ତରେ ବନ୍ଧା ହୁଏ ସଂପର୍କ
ହେଲେ ଖିଲାପ୍ ଚାଲେ ଯୁକ୍ତି ତର୍କ
ମାନସିକ ଚାପରେ ଚାପି ହୋଇ
ବଢ଼ଇ ଅଶାନ୍ତି ଆସେ ଖାଲି ଅବସାଦ
ରହେ ନାହିଁ ଆତ୍ମ ପ୍ରତ୍ୟୟ
କେବଳ ବାଦ୍ ବିବାଦ
ପ୍ରକୃତ ପ୍ରେମର ସଂଜ୍ଞାକୁ କରି ଅବଜ୍ଞା
କେହି ପାଳନ୍ତି ନାହିଁ କାହାରି ଆଜ୍ଞା
ପଣ୍ୟ ଦ୍ରବ୍ୟ ପରି
ମୂଲଚାଲ୍ ହୁଏ ମନର ଇଚ୍ଛା
ସ୍ୱପ୍ନ ହୁଏ ଦୁଃସ୍ୱପ୍ନ ଭାଙ୍ଗେ ସୁଖର ନିଦ
ଆକ୍ରୋଶରେ ବଢ଼େ
ପ୍ରତିବାଦ ପ୍ରତିହିଂସା
ଶୁଣାଯାଏ ନିନ୍ଦା ଅପବାଦ
ପ୍ରେମ ଆଜି ପଣବନ୍ଦୀ
କହି ପାରେନା କି ସହି ପାରେନା
କ୍ଷତାକ୍ତ ଛାତିର କୋହକୁ
ଆଖିର ଲୁହରେ ଭିଜାଏ କାନ୍ଦି କାନ୍ଦି
ସଂହତିରୁ ଛତ୍ରଭଙ୍ଗରେ
ଶାନ୍ତି ସନ୍ତୋଷ ହୁଅନ୍ତି ପଳାୟନ
ପନ୍ଥୀ
ବିଷ ଉଦ୍ଗାରନ୍ତି ଅନ୍ତରକୁ ମନ୍ଥି
ପ୍ରେମର ପ୍ରତ୍ୟାଶା କରାଏ ଉଦବିଗ୍ନ
ପରିହାସେ ରହେ ଉଦାସୀନ
ଚେତା ରହିତ ଚିନ୍ତାରେ
ହଜିଯାଏ ପ୍ରସନ୍ନତା
ଜୀବନେ ଆସେ ଦୁର୍ବିଷହ ନିଃସଙ୍ଗତା
ପ୍ରେମ ଆଜି ପଣବନ୍ଦୀ
ପବିତ୍ର ବନ୍ଧନର ସୂତ୍ରେ
ହୁଏନା ବାନ୍ଧି...।

+ କୋହି,ବାରିପଦା,ମୟୂରଭଞ୍ଜ,
ମୋ:୮୦୧୮୩୫୩୩୨୨







## କବିତା
ତୁମ ପାଇଁ

### ମୋ ମାଟି ମୋ ମା’
**ଶରତ କୁମାର ଦାସ**

ଉତ୍କଳ ମାଆର ସୁଯୋଗ୍ୟ ସନ୍ତାନ
ସଭିଏ ଏକାଠି ହୁଅରେ,
ମାଟି ମୋ’ ବଢ଼ିଆ ଭାଷା ମୋ’ ବଢ଼ିଆ-
ଏକ ସ୍ୱରେ ତମେ କୁହରେ ।

ଉଡ୍ର ଓ କଳିଙ୍ଗ ଶେଷରେ ଉତ୍କଳ
ତାପରେଟି ହେଲା ଓଡ଼ିଶା,
ଇତିହାସେ ଆମ କୀରତିକୁ ଦେଖି
ଚକିତ ହୋଇଲେ ପଡ଼ିଶା ।

କେତେ ଯେ ଲଢ଼େଇ କେତେ ବଳିଦାନ
ସବୁ ତ ଏ ମାଟି ଦେଖିଛି,
ବୀରପଣିଆର ଗଉରବ ଗାଥା
ଏଇ ଜାତି ପରା ଲେଖିଛି ।

ଫକିରମୋହନ, ରାଜା କୃଷ୍ଣଚନ୍ଦ୍ର
ମଧୁ, ଗୋପବନ୍ଧୁ ପରିକା,
ଲୁହଲହୁ ଢାଳି ଫୁଟାଇଲେ ହସ
କେହି ନୁହେଁ ତାଙ୍କ ସରିକା ।

ଭାଷାକୁ ନେଇତ ଏ ରାଇଜ ଆମ
ଗଢାହେଲା କେତେ ହରଷେ,
ଯିଏ ଯହିଁ ଥିଲେ ଏକ ଛତା ତଳେ
ଏକାଠି ହୋଇଲେ ସରସେ ।

ଯୋଉ ପରିଚୟ ପାଇଛୁ ଆଜି ତ
ଏ ମାଟି ଅଜାଡ଼ି ଦେଇଛି,
ତା’ ପାଣି ପବନ ସବୁ ତ ନିଆରା
ଦୁଃଖ ଆମ ଲୁଟି ନେଇଛି ।

କେତେ ନଦନଦୀ,କାନନ, କେଦାର
ପାହାଡ,ଝରଣା ସରବ
ସକାଳରୁ ସଂଜ କୋଳାହଳ ଲାଗେ
ସତେ ଆସିଛି କି ପରବ ।

ଜନମି ତା’ କୋଳେ ଭାବେ ମନେମନେ
କେଡେ ଭାଗ୍ୟବାନ ମୁହିଁରେ,
ମନେ ଭରେ ଖୁସି ତା’ ଧୂଳି-ମହକ
ଯେବେ ମୋତେ ଦିଏ ଛୁଇଁରେ ।

ଆଜି ଏ ଦିବସେ ନେବାରେ ଶପଥ
ରଖିବାପାଇଁ ତା’ ମାନରେ,
ଆସୁ ଯେତେ ଝଡ଼ ପଛାଇବା ନାହିଁ-
କହିବା ସବୁରି କାନରେ ।

+ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ଝୁମୁରୁ ଝାଇଁ...
**ରାମଚନ୍ଦ୍ର ବେହେରା**

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ପଣା ସଂକରାନ୍ତି ଆସିଛି ଧାଇଁ
ପହିଲି ବୈଶାଖ ଆମ ନୂଆ ବର୍ଷ
ପାଳିବେ ରାଇଜେ ଭଉଣୀ ଭାଇ।

ସାରା ଶକ୍ତିପୀଠ ହେବ ଗହଳି
ବାଜିବ ମୃଦଂଗ ଘଣ୍ଟ କାହାଳୀ
ଯଅ ଛତୁଆର ପଣା ଲାଗିହେବ
ସାଥିରେ ନଡିଆ ଛେନା କଦଳୀ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ବିଷୁବ ରେଖାରେ ତପନ ରହି
ଟାଣ ଖରା ଦେଇ ବଢାଇବେ ତାପ
ଶୁଖିଯିବ ଆମ ସବୁଜ ମହୀ।

ଆମ ରାଇଜରେ ଚଉଁରା ଶିରେ
ବସନ୍ତରା ଠେକି ବାନ୍ଧିବେ ନରେ
ଗ୍ରୀଷମ ଦାଉରୁ ତୁଳସୀ ମାଆକୁ
ବଂଚାଇବେ ଜନେ ଶୀତଳ ନୀରେ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ପ୍ରଭୁ ହନୁମାନ ଜୟନ୍ତୀ ପାଇଁ
ଶଂଖ ହୁଳହୁଳି ଧୂପ ନୈବେଦ୍ୟରେ
ଉଚ୍ଛୁଳି ପଡିବ ଉତ୍କଳ ଭୂଇଁ।

ପଣା ସଂକରାନ୍ତି ଅତି ପବିତ୍ର
ରାସ୍ତାରେ ଖୋଲିବ ଜଳର ଛତ୍ର
ପୂଣ୍ୟ ଝାମୁଯାତ ଦେଖିବେ ଶ୍ରଦ୍ଧାଳୁ
ସାରା ଶକ୍ତିପୀଠେ ହୋଇ ଏକତ୍ର।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଆସ ଆସ ମିତ ହରଷେ ଧାଇଁ
ପଶୁପକ୍ଷୀ ପାଇଁ ଜଳପାତ୍ରଟିଏ
ଗଛ ମୂଳେ ଦେବା ସରାଗେ ଥୋଇ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ଖରାର ଗୀତ
**କୀର୍ତ୍ତନ ସାହୁ**

ଆସିଛିରେ ଖରା ଆସିଛି
ଛାତ ହେଉ ଅବା
ଗଛ ଉପରେ ସେ
ଡେଣା ମେଲା କରି ବସିଛି ।

ଚାଇଁ ଚାଇଁ ଗୀତ ଗାଉଛି
ଦେହ ହାତ ସବୁ
ତତେଇ ଦୋଉଛି
କୋଉ ସୁଖ ସିଏ ପାଉଛି ।

ନଈ ନାଳ ଶୁଖି ଗଲାଣି
ଗୋରୁ ଗାଈ ଏବେ
ଡହଳ ବିକଳ
ପୋଖରୀ ଗାଡିଆ ମଲାଣି ।


ଛତାଟି ପୁଅର ଭରସା
ପାଣି ବୋତଲକୁ
ବସ୍ତାନିରେ ନେଇ
ସ୍କୁଲକୁ ଯିବ ସହସା ।

କରମ ହୋଇଲା ମନ୍ଦରେ
ଅଜା ଆଈ ଦୁହେଁ
ପଙ୍ଖା ତଳେ ବସି
ଗାଉଛନ୍ତି ଗୀତ ଛନ୍ଦରେ ।

କାହାକୁ କହିବା କୁହରେ
ଏମିତି ବେଳାରେ
ବାହାରକୁ ଯିବା
ଜମା ଭଲ ବୁଦ୍ଧି ନୁହଁରେ ।

ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ବନ୍ଧୁତ୍ୱ
**ଗୋପୀନାଥ ଦାଶ**



ଜଣେ ମାଲିକ ବଳଦଟିଏ ରଖିଥାନ୍ତି । ପ୍ରତିଦିନ ତାକୁ କୁଣ୍ଡା ପୁଆଳ ପାଣି ତୋରାଣି ଖାଇବାକୁ ଦିଅନ୍ତି । ତାହାର ଖୁବ ଯତ୍ନ ନିଅନ୍ତି । ବଳଦ ମାଲିକକୁ ତାଙ୍କ ଦୈନନ୍ଦିନ କାମରେ ସାହାଯ୍ୟ କରେ । ବୁଲା ବିରାଡ଼ିଟିଏ ବେଳେ ବେଳେ ବଳଦ ରହୁଥିବା ଗୁହାଳକୁ ଆସେ । କିଛି ଖାଇବା ଆଶାରେ ଜଗେ ହେଲେ କାଳେ ବଳଦ ମାରି ଗୋଡ଼ାଇବ, ଭୟରେ ଚାଲିଯାଏ । ଦିନେ ବିରାଡ଼ି କୋଉଠୁ ବି କିଛି ଖାଇବା ପାଇଲା ନାହିଁ । ଗୁହାଳ ପାଖକୁ ଆସିଲା । କୁଣ୍ଡରେ ବଳକା ଥିବା ଖାଦ୍ୟକୁ ଦେଖୁଥାଏ । ଭୋକ ବିକଳରେ ବଳଦକୁ ଚାହୁଁଥାଏ । ବଳଦ ତାର ମନକଥା ବୁଝି ପାରିଲା । ବଳକା ଖାଦ୍ୟକୁ ଖାଇବା ପାଇଁ ଛାଡିଦେଲା । ବିରାଡ଼ି ମନ ଖୁସିରେ କୁଣ୍ଡରେ ଥିବା ଖାଦ୍ୟକୁ ଖାଇ ବଳଦକୁ ଧନ୍ୟବାଦ ଜଣାଇଲା । ବଳଦ ମଧ ତାକୁ ଶୁଙ୍ଘିଲା ଓ ଚାଟି ଦେଲା । ଦୁହେଁ ସେହି ଦିନଠୁ ସାଙ୍ଗ ହେଲେ । ସମୟ ପାଇଲେ ବିରାଡ଼ି ଆସେ । ଦୁହେଁ ଗପ ସପ କରନ୍ତି । ଯେଉଁ ଦିନ ବିରାଡ଼ି କିଛି ଖାଇବାକୁ ପାଏ ନାହିଁ, ସେହିଦିନ ବଳଦର ବଳକା ଖାଦ୍ୟକୁ ଖାଇ ଆରାମ କରେ । ଏମିତି ବହୁ ଦିନ ବିତିଗଲା । ଦିନେ ବିରାଡ଼ି ଗୁହାଳକୁ ଆସି ଦେଖେ ତ ବଳଦ ନାହିଁ । ତାର ଭୋକ ଶୋଷ ହଜିଗଲା । ଏଣେ ତେଣେ ଚାରିଆଡେ ଖୋଜିଲା । ସନ୍ଧ୍ୟା ହୋଇଗଲା । ବିରାଡ଼ି ଆଖିରୁ ଲୁହ ଗଡି ଯାଉଥାଏ । ପରଦିନ ସକାଳେ ପୁଣି ଖୋଜି ବାହାରିଲା । ଦେଖିଲା ବେଳକୁ ଏକ ବରଗଛ ମୂଳେ ବଳଦ ପଡିଛି । ଦେହ ସୁଖି ଯାଇଛି । ହାଡ ଗୁଡିକ ଚମ ବାହାରକୁ ଦିଶୁଛି । ଆଖି ଦୁଇ ପଶି ଯାଇଛି । ବିରାଡ଼ି ତାକୁ ଶୁଂଘା ଶୁଙ୍ଘି କରି ସବୁକଥା ପଚାରିଲା । ବଳଦ କହିଲା ମୁଁ ଆଉ ଆଗପରି ମାଲିକର କାମକରି ପାରିଲିନାହିଁ । ମାଲିକ ଭାବିଲା ବଳଦ ବୁଢା ହୋଇଗଲାଣି । ଏହାକୁ ଆଉ ରଖି ଖାଇବା ପିଇବା ଦେଇ, ଟଙ୍କା ଖର୍ଚ୍ଚ କରି ଲାଭ ନାହିଁ । ତେଣୁ ଗାଁ ଶେଷ ମୁଣ୍ଡକୁ ଆଣି ଛାଡି ଦେଲା । ନ ଖାଇ ନ ପିଇ ଭୋକ ଉପାସରେ ଅସୁସ୍ଥ ହୋଇ ଏଇଠି ପଡି ରହିଛି । ସବୁକଥା ଶୁଣିଲା ପରେ ବିରାଡ଼ିର ଆଖି ଛଳ ଛଳ ହୋଇଗଲା । ବଳଦକୁ କିପରି ସାହାଯ୍ୟ କରିପାରିବ ଭାବିଲା । ତା ମନକୁ ଏକ ବୁଦ୍ଧି ଜୁଟିଲା । ଆଜି ତ ବୁଧବାର । ଏହି ଦିନ ଜଣେ ସହୃଦୟ ବ୍ୟକ୍ତି ବୁଲା ପଶୁ ମାନଙ୍କୁ ଖାଇବା ଦିଅନ୍ତି । ସେ ଆଗରୁ କେତେ ଥର ତାଙ୍କଠୁ ଖାଇଛି । ଆଉ ବିଳମ୍ବ ନ କରି ତାଙ୍କ ପାଖକୁ ଦଉଡିଲା । ବ୍ୟକ୍ତି ଜଣକ ଦେହରେ ଘଷି ହେଲା । ତାଙ୍କ ପ୍ୟାଣ୍ଟ କପଡାକୁ କାମୁଡି ଟାଣିଲା । କିଛି ବୁଝି ନ ପାରି ବ୍ୟକ୍ତି ଜଣକ ତା ପଛେ ପଛେ ଗଲେ । ବରଗଛ ମୂଳକୁ ଯାଇ ସବୁ ଦେଖିଲେ । ଆଣିଥିବା ଖାଦ୍ୟ ବଳଦକୁ ଦେଇ ଆଉଁସି ଦେଇ ଓଦା କନାରେ ପୋଛି ଦେଲେ । ବଳଦଟି ଖୁବ ଦୁର୍ବଳ ଦେଖାଯାଉଥାଏ । ତାକୁ ପଶୁ ଡାକ୍ତରଖାନା ନେଇ ଚିକିତ୍ସା କଲେ । ବଳଦଟି ସୁସ୍ଥ ହୋଇଗଲା । ଶେଷରେ ତାକୁ ନେଇ ନିକଟସ୍ଥ ଗୋଶାଳାରେ କହି ରଖାଇଦେଲେ । ବଳଦଟି ସେଠାରେ ଆରାମରେ ରହିଲା । ଉଭୟଙ୍କ ବନ୍ଧୁତ୍ୱ ଅତୁଟ ରହିଲା ।

+ବରପାଲିପଡ଼ା, ବଲାଙ୍ଗିର,
ମୋ -୬୩୭୧୮୦୫୦୭୦

## ନୂଆ ପରମ୍ପରା
**ରମେଶ ଚନ୍ଦ୍ର ଦାଶ**



ଛୁଟିଦିନ । କାଳିଆ, ଦାମ, ରାଧୁ, ମକରା, ଶାନ୍ତି, ରୀନା, ଛବି ପ୍ରଭୃତି ସାଙ୍ଗମାନେ ଦାଣ୍ଡରେ ଖେଳୁଥିଲେ । ସେମାନେ ସମସ୍ତେ ବୟସରେ ସମାନ ନହେଲେ ବି ଗୋଟିଏ ଗାଁ ପ୍ରାଥମିକ ବିଦ୍ୟାଳୟରେ ପଢ଼ନ୍ତି । କିଛି ସମୟ ପାଇଁ ସେମାନେ ଗୋଡ଼ିଆଗୋଡ଼ି ଖେଳିଲେ । ତାପରେ ବୋହୂଚୋରୀ । ରୀନା ବୋହୂ ହେବା ବେଳେ ଉଭୟ ଦଳରେ ତିନିଜଣ ଲେଖାଏଁ ବାଣ୍ଟିହୋଇଗଲେ । ସେମାନଙ୍କର ଖେଳ ଚାଲିଥିବା ବେଳେ ଶଙ୍କର ଆସି ପହଞ୍ଚିଲା । ସେ ଖେଳିବାକୁ ଅନୁରୋଧ କଲା । କିନ୍ତୁ ଉଭୟ ପଟେ ବଣ୍ଟା ସରିଥିବାରୁ ସମସ୍ତେ ତାକୁ ମିଶାଇବାକୁ ନାହିଁକଲେ । ସେ ଜିଦ୍ ଧରି ବସିଲା ଯେ ତାକୁ ନଖେଳାଇଲେ ସେ କାହାରିକୁ ଖେଳାଇଦେବ ନାହିଁ । ସେ ପଡ଼ିଆର ମଝିରେ ବସି ରହିଲା । ଅନ୍ୟ କେତେକ ପିଲା ସହିତ ବଡ଼ଲୋକମାନେ ବି କଡ଼ରେ ଠିଆ ହୋଇ ସେମାନଙ୍କ ଖେଳ ଦେଖିବା ସହିତ ଉପଭୋଗ କରୁଥାଆନ୍ତି । ଖେଳ ବନ୍ଦ ହୋଇଯିବାରୁ ଯିଏ ଯାହା ବାଟରେ ଚାଲିଗଲେ ।

ଶଙ୍କର ଖେଳପଡ଼ିଆରୁ ନଯିବା ଦେଖି ତାକୁ ସମସ୍ତେ କହିଲେ ଯେ ତୁ ଆଉ ଜଣଙ୍କୁ ଡାକିକରି ଆଣେ । ଦୁଇଜଣ ହେଲେ ଜଣେ ଜଣେ ବାଣ୍ଟହେବ । ଏହା ଶୁଣି ଶଙ୍କର କହିଲା, “କାହିଁ ତୁମମାନଙ୍କ ଭିତରୁ ଜଣେ ବାହାରିଗଲେ ତ ମୁଁ ଖେଳିବାକୁ ସୁବଧା ହେବ । ଶଙ୍କରର ଏ ଯୁକ୍ତ ଶୁଣି ପରସ୍ପର ପରସ୍ପରର ମୁହଁକୁ ଚାହିଁଲେ । କିଏ ଖେଳରୁ ବାହାରିଯିବ ସମସ୍ତେ ଭାବିଲେ । ତାପରେ ସମସ୍ତେ ଜଣ ଜଣ କରି ନିଜେ ନିଜେ ବାହାରିଯିବାକୁ କହିଲେ । ଶଙ୍କର ସମସ୍ତଙ୍କ ମୁହଁକୁ ଚାହୁଁଥାଏ । ସେ ଜାଣିଲା ଯେ ସମସ୍ତେ ଉପରେ କହିଲେ ମଧ ମନ ଭିତରେ ଦୁଃଖ ରହୁଛି । ସେ ମନେ ମନେ ଭାବିଲା- ମୋ ଜଣଙ୍କ ପାଇଁ ସମସ୍ତଙ୍କ ମନରେ ଦୁଃଖ । ତେଣୁ ହସି ହସି କହିଲା, “ମୋ ଜଣଙ୍କ ଖୁସି ପାଇଁ ତୁମେମାନେ ନିଜର ଖୁସିକୁ ତ୍ୟାଗ କରିବାକୁ ବାହାରିଛ ଯେତେବେଳେ ମୁଁ ଖେଳିବିନି । ତୁମେମାନେ ଖେଳ ମୁଁ ଦେଖିବି ।” ତା’ ପାଟିରୁ ଏତକ ଶୁଣିବା ପରେ ସମସ୍ତେ ଖୁସିରେ ନାଚିଉଠିଲେ ।

ସେମାନଙ୍କ ମଧ୍ୟରେ ଥିବା କାଳିଆ କହିଲା, “ଆମେ ସିନା ଦୁଇଦଳ ଖେଳିବା, ଠିକ୍ ଭୁଲ୍ ବିଚାର କରିବ କିଏ ?” ତା’ କଥା ଶୁଣି ସମସ୍ତେ କହିଲେ, “ଏ କାମଟି ଶଙ୍କର କଲେ ହିଁ ଠିକ୍ ହେବ ।” ଶଙ୍କର ନଖେଳିଲେ ବି ତାକୁ ପରିଚାଳନା ଦାୟିତ୍ୱ ମିଳିଯିବାରୁ ସେ ଖୁସି ହୋଇଗଲା । ପୂର୍ବରୁ ଏପରି ଖେଳ ହେଉନଥିଲା । ତେଣୁ ଯେଉଁ ଦର୍ଶକମାନେ କାଲି ଦେଖି ଫେରିଯାଉଥିଲେ ସେମାନେ ଫେରିଲେ ଓ ଖେଳକୁ ଉପଭୋଗ କରି ଖୁସିହେଲେ। ନିରପେକ୍ଷ ବିଚାର କରିବାରୁ ଶଙ୍କରକୁ ସବୁ ଖେଳାଳୀ ଖୁବ୍ ପ୍ରଶଂସା କଲେ । କିଛି ସମୟ ଖେଳିବା ପରେ ନିଜ ନିଜ ଘରକୁ ଖୁସିରେ ଗଲେ । ସେହିଦିନ ଠାରୁ ପ୍ରତ୍ୟେକ ଖେଳ ନିମନ୍ତେ ଜଣେ ବିଚାରପତି ରଖି ଖେଳିବାର ପରମ୍ପରା ଆରମ୍ଭ ହେଲା ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨ , ପୁରୀ
ମୋ: ୯୭୭୬୨୩୮୫୨୨

## ମାଙ୍କଡ଼ଙ୍କ ହୋଲି ଖେଳ
**ପ୍ରଦ୍ୟୁମ୍ନ ପଟ୍ଟନାୟକ**







ବାର ମାସରେ ତେର ପରବ । ଫଗୁଣ ମାସରେ ଆସେ ରଙ୍ଗର ପର୍ବ ହୋଲି । ବର୍ଷରେ ଥରେ ରଙ୍ଗ ଅବିର ହୋଲି ଖେଳିବା ପାଇଁ ପିଲାଙ୍କର ମନ ଉଚ୍ଛନ୍ନ । ଛୋଟରୁ ବଡ଼ ମନ ଆନନ୍ଦର ସହିତ ଏକାଠି ହୁଅନ୍ତି । ରାଗ ରୁଷା ଭୁଲି ନିଜ ନିଜ ଭିତରେ ରଙ୍ଗ ଅବିର ବୋଳାବୋଳି ହୁଅନ୍ତି । ରଙ୍ଗରେ ଭିଜି ଭିଜି ବେଶୀ ମଉଜ ମସ୍ତି କରନ୍ତି ଛୋଟ ଛୋଟ ପିଲାମାନେ ।

ହୋଲି ଦିନ ପପୁ ଏବଂ ତା’ ସାଙ୍ଗମାନେ ଘରୁ ଅବିର, ପାଣି ରଙ୍ଗ ଏବଂ ପିଚକାରୀ ଧରି ବାହାରି ଆସିଲେ । ଗାଆଁ ଦାଣ୍ଡରେ ସମସ୍ତଙ୍କର ହୋ ହଲ୍ଲା , ରଙ୍ଗ ଖେଳ, ମଉଜ ମସ୍ତି ଚାଲିଲା କେତେ ସମୟ । ତାଙ୍କ ଘର ଆଗରେ ସିମେଣ୍ଟ କୁଣ୍ଡଟିଏ ଥାଏ । ସେଥିରେ ଧୂଆ ଧୋଇ ହେବା ଲାଗି ପାଣି ରହେ । ପପୁ ଏବଂ ତା’ ସାଙ୍ଗମାନେ ସେ କୁଣ୍ଡରେ ପାଣି ଭର୍ତ୍ତି କରି ରଙ୍ଗ ଓଜାଡି ଦେଲେ । ପାଣି ରଙ୍ଗିନ୍ ହୋଇ ଗଲା । ସେଇ ରଙ୍ଗ ପାଣିକୁ ପିଚକାରୀରେ ଭରି ପିଲାମାନେ ଖେଳିବାକୁ ଲାଗିଲେ । ଏମିତି ରଙ୍ଗ ଜୁଡୁବୁଡୁ ହୋଇ ଖେଳିବାକୁ ତାଙ୍କୁ ଖୁସି ଲାଗୁଥିଲା ।

କେତେ ସମୟ ଖେଳାଖେଳି କରି ପିଲାମାନେ ଥକି ଗଲେ । ଭୋକ ଲାଗିବାରୁ ଖେଳ ବନ୍ଦ କରି ନିଜ ନିଜ ଘରକୁ ଯିବାକୁ ବାହାରିଲେ । ସେତେବେଳେ ପପୁର ମା’ ପିଲାମାନଙ୍କୁ ଘରକୁ ଡ଼ାକି ଦହି ବରା , ରସଗୋଲା, ଆରିସା ପିଠା ଆଦି ଖାଇବାକୁ ଦେଲେ । ପିଲାମାନେ ଜଳଖିଆ , ମିଠା ଖାଇ ଖୁସି ମନରେ ଘରକୁ ଫେରିଲେ ।

ପିଲାମାନଙ୍କର ଏପରି ରଙ୍ଗ ଖେଳ, ହୋ ହଲ୍ଲା ରାସ୍ତା କଡ଼ରେ ଥିବା ବର ଗଛରେ ବସି ମାଙ୍କଡ଼ମାନେ ଦେଖୁଥିଲେ । ପିଲାମାନେ ଘରକୁ ଯିବା ପରେ ସେମାନେ ତଳକୁ ଓହ୍ଲାଇ ଆସିଲେ । କୁଣ୍ଡରେ ବଳକା ଥିବା ରଙ୍ଗ ପାଣିରେ ସେମାନେ ବି ଖେଳିବାକୁ ଲାଗିଲେ । ଗୋଟିଏ ପରେ ଗୋଟିଏ ମାଙ୍କଡ଼ ସେ ରଙ୍ଗ ପାଣି କୁଣ୍ଡ ଭିତରକୁ ଡେଉଁଥାଆନ୍ତି । ତାଙ୍କ ଦେହ ବି ରଙ୍ଗରେ ଭିଜି ରଙ୍ଗିନ୍ ଦେଖା ଯାଉଥାଏ । ସେମାନେ କିଛି ସମୟ ରଙ୍ଗ କୁଣ୍ଡରେ ଡିଆଁ କୁଦା କରି ଯାଇ ପପୁ ଘର ଦାଣ୍ଡ ପିଣ୍ଡାରେ ବସିଗଲେ । ତା ’ ଭିତରୁ ଗୋଟିଏ ଦୁଇଟି ମାଙ୍କଡ଼ ଘର ଭିତରକୁ ଉଣ୍ଡି ଦେଖୁଥିଲେ । ମାଙ୍କଡ଼ ମାନଙ୍କୁ ଦେଖି ପପୁ ଘରୁ ବାହାରକୁ ଆସିଗଲା ।

ତାଙ୍କ ଦାଣ୍ଡ ପିଣ୍ଡାରେ ରଙ୍ଗ ବୋଳି ହୋଇଥିବା ମାଙ୍କଡ଼ଙ୍କୁ ଦେଖି ସେ ତା’ ମା’ଙ୍କୁ ଡାକିଲା । ପପୁର ମା’ ଜାଣିଗଲେ ମାଙ୍କଡ଼ମାନେ ତାଙ୍କ ପିଣ୍ଡାରେ କାହିଁକି ବସିଛନ୍ତି ! ସେ ଘର ଭିତରକୁ ଯାଇ ପାଚିଲା କଦଳୀ ଦୁଇ ଫେଣା ଆଣି ମାଙ୍କଡ଼ ମାନଙ୍କୁ ଗୋଟିଏ ଗୋଟିଏ ଦେଲେ । ହନୁମାନେ କଦଳୀ ନେଇ ଗଛ ଉପରକୁ ଡିଆଁ ମାରି ଚାଲିଗଲେ । ଏସବୁକୁ ପପୁ ଦେଖୁଥିଲା । ତା’ ବାପାଙ୍କୁ ପଚାରିଲା, ମାଙ୍କଡ଼ ମାନେ ଆପେ ଆପେ କାହିଁକି ଏମିତି ରଙ୍ଗରେ ଭିଜି ଗଲେ ? ପପୁର ବାପା କହିଲେ, ମାଙ୍କଡ଼ ମାନେ ଅନୁକରଣ ପ୍ରିୟ । ତୁମେ ପିଲାମାନେ ରଙ୍ଗ ଖେଳୁଥିବା ସେମାନେ ଗଛରେ ଥାଇ ଦେଖୁଥିଲେ । ତୁମେସବୁ ଘରକୁ ଆସିଯିବା ପରେ ସେମାନେ ଗଛରୁ ଓହ୍ଲାଇ ଆସି ତୁମପରି ରଙ୍ଗ ଖେଳିବାକୁ ଲାଗିଲେ । ଖେଳ ସାରି ତୁମେ ଜଳଖିଆ ଖାଇଲ । ସେମାନେ ସେମିତି କିଛି ଖାଇବା ପାଇଁ ଆମ ବାରଣ୍ଡାରେ ବସି ଥିଲେ । ତାଙ୍କୁ କଦଳୀ ମିଳିବାରୁ ଖୁସି ହୋଇ ଗଛକୁ ଡିଆଁ ମାରି ଚାଲିଗଲେ ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

### ଯାଉଛି ପାଠ ପଢ଼ି
**ଅନନ୍ତ କୁମାର ସେନାପତି**

ମାଆ ଡାକଦେଲେ ସକାଳ ହେଲାଣି ଉଠରେ ଉଠ,
ବାଜିଯିବ କାଳେ ବିଦ୍ୟାଳୟ ଘଣ୍ଟି କରନି ମଠ ।

ଖରା ତାତି ପାଇଁ ସଅଳ ସଅଳ ପାଠ ପଢିବ,
ସାହିତ୍ୟ, ଗଣିତ, ବିଜ୍ଞାନ, ଭୂଗୋଳ ଜ୍ଞାନ ବଢ଼ିବ ।

ସାଙ୍ଗେ ଧର ଛତା, ପାଣିବୋତଲଟି ସୁରକ୍ଷା ଦେବ,
ଛୁଟି ହେଲେ ତୁମେ କେଉଁଠି ନ ଯାଇ ଫେରି ଆସିବ ।

ଦିନକୁ ଦିନ ଯେ ବଢୁଅଛି ଖରା ତାତୁଛି ଧରା,
ଟାଣିନେଇ ଜଳ ବାଷପ ହୋଇବ ଶୂନ୍ୟକୁ ପରା ।

ଥକିଗଲେ କେବେ ଗଛର ଛାଇ ରେ ପଡ଼ିବ ବସି,
ସିଏ ପରା ଆମ ଆପଣାର ସାଥି ହୋଇବ ଖୁସି ।

ଯାହା ପଢ଼ାଇବେ ଶିକ୍ଷକ ତୁମକୁ ରଖିବ ଧ୍ୟାନ,
ଭଲ କାମ କଲେ ଦେଶର ଜାତିର ବଢ଼ିବ ମାନ ।

ତୁମ ହସ ଟିରେ ସରଗର ସୁଖ ରହିଛି ଭରି,
ମନ ଲଗାଇ ପଢିଲେ ପାଠ
ଆସିବ ଦିନେ ସୁଖ ଝରଣା ଝରି ।

ପୋଷାକ ପିନ୍ଧି ଆସିଲା କାହ୍ନା ମାଆ କୁ କହେ ହସି,
ଯାଉଛି ମୁହିଁ ବିଦ୍ୟାଳୟକୁ ସାଥୀଙ୍କ ସହ ମିଶି ।

କହିଲ ଯାହା ମାନିବି କଥା ଅବୁଝା ହେବି ନାହିଁ,
ମମତା ତୋର ଏତେ ଯେ ଟାଣ
ଯେତେ ଅସାଧ ସବୁ ପାରିବ ହୋଇ ।

+ବାଣ୍ଡୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

### ଆମରି ଉତ୍କଳ
**ଆଦ୍ୟାଶା ମହାପାତ୍ର**

ସବୁ ରାଜ୍ୟ ମଧ୍ୟେ ଆମରି ଉତ୍କଳ
ଶ୍ରେଷ୍ଠ ବୋଲି ବିବେଚିତ
ପ୍ରକୃତି ମାତାର ଅପୂର୍ବ ସୌନ୍ଦର୍ଯ୍ୟ
ଏଠି ପରା ସମବେତ ।

ପର୍ବତ କାନନ ଚଉଦିଗେ ଘେରି
ବଢ଼ାଉଛି ତା’ର ଶୋଭା,
ସୁନୀଳ ସାଗର ଚରଣ ଧୁଏ ତା
ହ୍ରଦ, ଝର ମନଲୋଭା ।

ପ୍ରଭୁ ଜଗନ୍ନାଥ ନୀଳାଚଳେ ଉଭା
କୋଟି ଜନ ପ୍ରାଣ ଧନ
ରଥଯାତ୍ରା ତାଙ୍କ ପୃଥିବୀ ପ୍ରସିଦ୍ଧ
ଭକ୍ତ ପାଶେ ଆର୍ତ୍ତତ୍ରାଣ ।

କଳା ଭାସ୍କର୍ଯ୍ୟର ନାହିଁ ପଟାନ୍ତର
ମୂକ ସାକ୍ଷୀ କୋଣାରକ
ସପ୍ତାଶ୍ଚର୍ଯ୍ୟ ମଧ୍ୟେ ପରିଗଣିତ ସେ
ଅନେକରେ ସେ ଯେ ଏକ ।

ମୋ ଜାତି ଜନତା କଣ୍ଠେ ଘୋଷିତ
ମଧୁସ୍ରାବୀ ଐକ୍ୟତାନ
ଏ ମାଟି ଐତିହ୍ୟ ସଂସ୍କାର ସଂସ୍କୃତି
ପରମ୍ପରା ମହୀୟାନ ।

ବୀର ପ୍ରସବିନୀ ଉତ୍କଳ ଜନନୀ
ଆମେ ତା’ ସନ୍ତାନଗଣ
ଜାତି ନନ୍ଦିଘୋଷ କର୍ଣ୍ଣଧାର ହୋଇ
ରଖିବା ତା’ର ସମ୍ମାନ ।

+ନୂଆପଡା, କଟକ

# ଓଡ଼ିଆ ପକ୍ଷ ପାଳନର ଦଶମ ଦିନରେ 'ଲୋକକଳା ପାଇଁ ଦିନ ଟିଏ' ଉତ୍ସବ

ସମ୍ବଲପୁର,୧୧/୪(ନି।ପ୍ର): ଓଡିଆ ପକ୍ଷ ପାଳନ ଅବସରରେ ଆଜି ଦଶମ ଦିନରେ 'ଲୋକକଳା ପାଇଁ ଦିନ ଟିଏ' ଉତ୍ସବ କୁଚିଣ୍ଡାର କଳାଗ୍ରାମ, ଖଣ୍ଡୋକଟ୍ଟା ଠାରେ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯାହା ଓଡିଶାର ଲୋକକଳାକୁ ବିଶ୍ୱ ବିଦିତ କରିବା ପାଇଁ ଓଡ଼ିଶାର ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଥିଲା। ଉତ୍ସବରେ ବିଭିନ୍ନ ପାଲା ଦଳ, ସଂକୀର୍ତ୍ତନ ଦଳ ଓ ଭାଗବତ ଦଳମାନେ ସ୍ୱାଦେଶୀ ଲୋକ ସଂସ୍କୃତିର ଅଦ୍ଭୁତ ପ୍ରଦର୍ଶନ କରିଥିଲେ। ପରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ କଳାକାରମାନଙ୍କୁ ସମ୍ମାନ ଦିଆଯାଇଥିଲା। ସମ୍ମାନିତ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ପାଲା ପାଳିଆ ଦିଲେଶ୍ୱର ସାହୁ, ବରିଷ୍ଠ ପାଲା ଉପେନ୍ଦ୍ର ଠାକୁର, ବରିଷ୍ଠ ପାଲା ଗାୟକ ଭରତ ରାଉତ, ବରିଷ୍ଠ କୀର୍ତନ ଗୁରୁ ସୁରେଶ ଚନ୍ଦ୍ର ପଟେଲ, ବରିଷ୍ଠ ପାଲା ପାଳିଆ ରମଣୀ ରଞ୍ଜନ ମାକର, ସଂକୀର୍ତ୍ତନ କୃତୀ କଳାକାର କୌଶଲ୍ୟା ସାହୁ, ଭାଗବତ ଦଳ ବିରେନ୍ଦ୍ର ପଟେଲ, ବରିଷ୍ଠ ସପ୍ରଦା ପାଳିଆ ବିଷ୍ଣୁ ଚରଣ ନାଏକ, ବରିଷ୍ଠ ପାଲା ଗାୟକ ପ୍ରଶନ୍ନ ନଗରିଆ, କୃଷ୍ଣଗୁରୁ ବରିଷ୍ଠ ପାଳିଆ ପଦ୍ମନଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲ। ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ, ଭାରତ ସରକାର ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକପ୍ରତିନିଧି ରୁଦ୍ର ପ୍ରତାପ ଦେଓ, ଉପନିର୍ଦ୍ଦେଶକ ପର୍ଯ୍ୟଟନ ବିଭାଗ ରବୀନ୍ଦ୍ର ଦଳେଇ, କୁଚିଣ୍ଡା ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ମାମୁନି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁଙ୍କ ସମେତ କଳାକାର ମାନେ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥ ୫୨୦ରେ ମର୍ମନ୍ତୁଦ ଦୁର୍ଘଟଣା : ଜଣେ ମୃତ, ଦୁଇ ଗୁରୁତର

ଯୋଡ଼ା,୧୧/୪(ନି।ପ୍ର): ପାଣିକୋଇଲି - ରାଜାମୁଣ୍ଡା ଜାତୀୟ ରାଜପଥ ସଂଖ୍ୟା ୫୨୦ ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହିର ଟୋଣ୍ଟୋ ନିକଟସ୍ଥ ଝାଡ଼ ଗାଁ ନିକଟ ରେ ପୁଣି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଯେଉଁଥିରେ ଅସମୟରେ ପୁଣି ଏକ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମିଳିଥିବା ସୂଚନା ଅନୁସାରେ, ଗୁରୁବାର ଅପରାହ୍ନ ୨ଟା ସମୟରେ ଗୋଟିଏ ବାଇକ୍ ?ରେ ଯାଉଥିବା ତିନି ଜଣ ଯୁବକ ଆଗରେ ଯାଉଥିବା ଏକ କଙ୍କ୍ରିଟ୍ ମିକ୍ସର୍ ଟ୍ରକକୁ ପଛ ଭାଗରୁ ଜୋରଦାର ଧକ୍କା ଦେଇଥିଲେ। ଧକ୍କା ଏତେ ଭୟଙ୍କର ଥିଲା ଯେ, ବାଇକ୍ ରେ ଥିବା ତିନି ଯୁବକ କଙ୍କ୍ରିଟ୍ ମିକ୍ସର୍ ମେସିନ୍ ?ର ତଳେ ପସିଯାଇଥିଲେ । ଦୁର୍ଘଟଣା ପରେ ଗୁରୁତରଙ୍କୁ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣେ ଯୁବକଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ରହିଥିବା ନେଇ ସୂଚନା ଦେଇଛନ୍ତି । ମୃତ ଯୁବକ ମଂଟୁ କେର୍କେଟ୍ଟା ବୋଲି ଜଣାପଡ଼ିଛି । ଅନ୍ୟ ଦୁଇ ଯୁବକ ରାମୁ ମୁଣ୍ଡା ଓ ପରମସିଂହ ମୁଣ୍ଡା ଗମ୍ଭୀର ଭାବେ ଆହତ ହୋଇଛନ୍ତି ଏବଂ ସେମାନଙ୍କର ଚିକିତ୍ସା ଚାଲିଛି। ସମସ୍ତ ଯୁବକ ଟୋଣ୍ଟୋ ଗାଁର ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ପୁଲିସ୍ ପହଂଚିଛି ଓ ସମ୍ପୂର୍ଣ୍ଣ ଘଟଣାର ଅନୁସନ୍ଧାନ କରି ଆଗାମୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

# ବାସୁଦେବପୁରରେ ଆୟୁଷ୍ମାନ କାର୍ଡ ଯୋଜନା ବଣ୍ଟନର ଶୁଭାରମ୍ଭ

ବାସୁଦେବପୁର, ୧୧/୦୪ (ନି.ପ୍ର) ବାସୁଦେବପୁର ବ୍ଲକର ସାତଟି ପଂଚାୟତର ଆୟୁଷ୍ମାନ କାର୍ଡ ଯୋଜନା ବଂଟନର ଶୁଭାରମ୍ଭ ହୋଇ ଯାଇଛି । ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ର ନୂଆ ଏକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଆରୁହା ପଂଚାୟତର ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟା ଜୟନ୍ତୀ ବାରିକ୍, ବରଣ୍ଡଆ ପଂଚାୟତ ସରପ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଆରୁହା ସରପ ରାଜେନ୍ଦ୍ର ପ୍ରସାଦ ସାହୁ । ଅନ୍ୟ ମାନଙ୍କ ମଧ୍ୟରେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେଜ,ବିଜେପିର ସୁବାସ ଚନ୍ଦ୍ର ପ୍ରଧାନ, ପ୍ରତାପ ସେନାପତି, ଅମରେନ୍ଦ୍ର ନାୟକ, ତୁଷାର ରଥ, ପ୍ରଭାସ ଚନ୍ଦ୍ର ମହାନ୍ତି । ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ଭାରତର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସମସ୍ତେ ପ୍ରଶଂସା କରିଥିଲେ । ସେହିପରି ଏଡତାଳ, ଇରମ ଓ ଅନ୍ୟ ପଂଚାୟତରେ



ଆୟୁଷ୍ମାନ କାର୍ଡ ଯୋଜନା ବଂଟନର ଶୁଭାରମ୍ଭ ହୋଇ ଯାଇଛି ।

# କେନାଲ ବନ୍ଧ ମରାମତିରେ ଅନିୟମିତତା ଅଭିଯୋଗ: ଉଚ୍ଚସ୍ତରୀୟ ତଦନ୍ତ ଦାବି

ସାଲେପୁର,୧୧/୪(ନି।ପ୍ର): ଡବଲ ଇଞ୍ଜିନ ସରକାର ଦୁର୍ନୀତି ହଟାଇବା ପାଇଁ ସମସ୍ତ ପ୍ରକାର ଯୋଜନା କରୁଥିଲା ବେଳେ ବିଭାଗୀୟ କର୍ମଚାରୀ ଓ ଠିକାଦାରଙ୍କ ବୈମାତୃକ ମନୋଭାବ ପାଇଁ ଦୁର୍ନୀତି ବଢି ଚାଲିଥିଲା ବେଳେ ସାଧାରଣ ଲୋକମାନେ ନାହିଁ ନଥିବାର ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ଲୁଣା-ଚିତ୍ରୋପ୍ତଳା ଦ୍ୱୀପାଚଂଳର ମଣ୍ଡନଠାରୁ ପୁନ୍ଦାଲ ଯାଇଥିବା କେନାଲବନ୍ଧର ଉନ୍ନତିକରଣ ପାଇଁ ୨୦୨୨-୨୩ ମସିହାରେ ସରକାରଙ୍କ ପକ୍ଷରୁ ୧୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଓଡିଶା ଗୃହ ନିର୍ମାଣ ବିଭାଗ ଦ୍ୱାରା କରାଯାଇଥିବା ଏହି କାମ ଠିକ୍ ତଦାରଖ ହୋଇନଥିବାରୁ ମାତ୍ର ୨/୩ ବର୍ଷରେ ସ୍ଥାନେ ସ୍ଥାନେ ଫାଟି ଆଁ ହେବା ସହିତ ନୂତନ ଭାବରେ ହୋଇଥିବା ପିଚୁ ଉଠିଯାଇଥିବା ଦେଖାଯାଇଛି । ସରକାରଙ୍କ ଚୁକ୍ତି ମୁତାବକ କାର୍ଯ୍ୟଭାର ନେଇଥିବା ଠିକାଦାର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ଦାୟିତ୍ୱ ନେବାର ନିୟମ ଥିବା ବେଳେ ରାଜନେତାମାନେ ନିଜର କର୍ମୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ମରାମତି ଦାୟିତ୍ୱ ଅନ୍ୟ ଠିକାଦାରଙ୍କୁ ଦେବାଦ୍ୱାରା ତାହା ମଧ୍ୟ ଠିକ୍ ଭାବେ ହେଉନଥିବା ଦେଖିବାକୁ ମିଳିଛି । ପିଚୁ କାମ ଠିକ୍ ଭାବେ ହୋଇନଥିବା ବେଳେ ମରାମତି କାମ ଠିକ୍ ସେହିପରି ହେଉଥିବାରୁ ଆଗାମୀ ଦିନରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକାଶ ଥାଉ କି, ସରକାରଙ୍କର ଉନ୍ନୟନ ବିଭାଗ କାମ ହେଉଥିବା ବେଳେ କାର୍ଯ୍ୟସ୍ଥଳକୁ ବିଭାଗୀୟ କର୍ମଚାରୀ ନଆସିବା ଦ୍ୱାରା ଠିକାଦାର କୌଣସି ପ୍ରକାରେ କାମ ସାରି ରାଜକୋଷରୁ ଅର୍ଥ ନେଇ ଚମ୍ପଟ ମାରିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଯଦିବା ରାସ୍ତାର ମରାମତି କରାଯାଉଛି ମରାମତି ସ୍ଥଳରେ କୌଣସି କର୍ମଚାରୀ ରହୁନଥିବା ଆଲୋଚନା ହେଉଛି । ଏହି କେନାଲ ବନ୍ଧର ନରେନ୍ଦ୍ରପୁର ପାଖରୁ ନାହାଳପୁର ପର୍ଯ୍ୟନ୍ତ ହୋଇଥିବା ମରାମତି ଠିକ୍ ଭାବେ ହେଉନଥିବା ଅଭିଯୋଗ ହେଉଥିଲେ ବି ଅଭିଯୋଗକୁ କେହି କର୍ଣ୍ଣପାତ କରୁନଥିବା ଜଣାପଡିଛି । ଉଚ୍ଚ ପଦାଧିକାରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ତଦନ୍ତ କରାଗଲେ ଠିକାଦାରଙ୍କର ବହୁ ଲୁକ୍କାୟିତ ତଥ୍ୟ ଲୋକ ଲୋଚନକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ଝିଅ ମୃତ୍ୟୁର ନ୍ୟାୟ ପାଇଁ ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୧୧/୪(ନି।ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଆୟବା ଗ୍ରାମ ପଂଚାୟତ ବାଲିଗୋଠ ଗ୍ରାମର ଝିଅକୁ ବିଷ ପିଆଇ ଶାଶୁ, ଯା, ଦେଢ଼ଶୁର ମାରିଦେବା ପ୍ରତିବାଦରେ ନ୍ୟାୟ ପାଇବା ନିମନ୍ତେ ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ମୃତା ମହିଳାଙ୍କ ଦୁଇଟି କୁନି କୁନି ଛୁଆଙ୍କୁ ଧରି 'ମା' ଏବଂ ଭଉଣୀ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ତାଙ୍କ ଝିଅ ପ୍ରଯୁକ୍ତା ଦାସ ୨୭ କେନ୍ଦ୍ରାପଡ଼ା ବ୍ଲକ ଆୟବା ଗ୍ରାମ ପଂଚାୟତ ଅନ୍ତର୍ଗତ ବାଲି ଗୋଠ ଗ୍ରାମର ଅକ୍ଷୟ କୁମାର ଦାସଙ୍କ ପୁଅ ଜ୍ଞାନ ରଞ୍ଜନ ଦାସଙ୍କୁ ୨୦୧୭ ମସିହାରେ ପ୍ରେମ ବିବାହ କରିଥିଲା। ବିବାହର ଦୀର୍ଘ :୭ ରୁ ୮ ବର୍ଷ ହେବ ସେ ତାର ଶାଶୁ ଘରେ ରହି ଏହି ମାତ୍ର ୩ ବର୍ଷ ତଳେ ଅଙ୍ଗନବାଡି ଶିକ୍ଷୟିତ୍ରୀ ଭାବେ କାମ କରି ଆସୁଥିଲା। ତାର ଗୋଟେ ୬ ବର୍ଷର ଝିଅ ଏବଂ ଆଉ ଏକ ମାତ୍ର ୭ ମାସର କୁନି ଝିଅ ମଧ୍ୟ ରହିଛି। ସେ ବିବାହ କରିବା ଦିନ ଠାରୁ ତାର ଶାଶୁ ଆଉ ଯା ମିଶି ସବୁ ବେଳେ ମାଡ଼ ଗାଳି ଦେବା ସହିତ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ । ସେ ବାରମ୍ବାର ଶାଶୁ ଘରେ ତାକୁ ନିର୍ଯାତନା ଦିଆଯାଉଛି ବୋଲି ବାପଘର ଲୋକଙ୍କୁ ଫୋନ ଯୋଗେ ଅଭିଯୋଗ କରି ଆସୁଥିଲେ। ସ୍ୱାମୀ ବିଦେଶରେ ରହୁଥିବାରୁ ତାହାରି ସୁଯୋଗ ନେଇ ଗତ ଏପ୍ରିଲ ମାସ ଏକ ତାରିଖ ଦିନ ଜୋର ଜବରଦସ୍ତ ତାର ଶାଶୁ ଘରଲୋକ ତାକୁ ବିଷ ପିଆଇ ଦେଇଥିଲେ। ଯାହା ଫଳରେ ସେ ସେହି ଠାରେ ତଳେପଡି ଛଟପଟ ହେଉଥିବା ଦେଖି ପଡ଼ୋଶୀ ଲୋକ ତାଙ୍କୁ ମେଡିକାଲ ନେବା ସହିତ ତାର ବାପ ଘରକୁ ଲୋକଙ୍କୁ ମଧ୍ୟ ଖବର ଦେଇ ଥିଲେ। ପରେ ମେଡିକାଲରେ ତାଙ୍କ ଝିଅ ପ୍ରଯୁକ୍ତା ଦୀର୍ଘ ୧୮ ଦିନ ରହିବା ପରେ ମୃତ୍ୟୁବରଣ କରିଥିଲା। ଝିଅର ମୃତ୍ୟୁପରେ 'ମା' ସଦର ଥାନାରେ ପ୍ରଯୁକ୍ତଙ୍କ ଶାଶୁ, ଯା ଓ ଦେଢ଼ଶୁର ତିନି ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ସଦର ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ନକରିବାରୁ ମୃତକଙ୍କ ପରିବାର ଲୋକେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଆଜି ଅଭିଯୋଗ କରିଛନ୍ତି।

## ଅବକାରି ଚଢଉ: ଜଣେ ଗିରଫ

ଜୟପୁର,୧୧/୪(ନି।ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଗଡପଦର ଜଙ୍ଗଲରେ ଆଜି ସକାଳ ୮ଟାରେ ଚଢଉ ହୋଇ ଅପରାହ୍ନ ୨ଟାରେ ଅବକାରି ଚଢଉ ଶେଷ ହୋଇଛି । ଦେଶି ବିଷାକ୍ତ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଚଢାଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗି ୧୫ ଶହ ଲିଟର ପୋଚ ଓ ୬୫ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବାକାରି ନିରିକ୍ଷକ ଶଶି କାନ୍ତ ଦତ ସୂଚନା ଦେଇଛନ୍ତି । ସେହିପରି ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟାଳୟ ସୂଚନା ପାଇ ଚଢଉ କରିଛି ।

# ନିଶା ଓ ପ୍ରେମ ବ୍ୟାପାର ଲାଗି ପୁଣି ଲୋକଙ୍କ ସମ୍ମୁଖରେ ଦୁଇଟି ହତ୍ୟାକାଣ୍ଡ ପେଟରେ ଖଣ୍ଡା ପୁରାଇ ବୁଲାଇ ଦେଲେ ହତ୍ୟାକାରୀ

ରାଉରେକଲା,୧୧/୪(ନି।ପ୍ର): ରାଉରେକଲେର ଅପରାଧର ମାତ୍ରା ଧିରେଧିରେ ବଢିବା ସହ ଚୋରା ବନ୍ଧୁକ କାରବାର ବଢ଼ି ଚାଲିଛି ବୋଲି ସହରେର ଘଟୁଥିବା ଅପରାଧିକ କାରବାର ତାର ବୟାନ କରୁଥିବା ବେଳ ପୁଲିସର ସାଇବର ଶାଖା ଗତକାଲି ଏକ ବଡଧରଣର ସାଇବର ଠକଙ୍କୁ ଧରି ନିଜର ପାରିବା ପଣିଆ ଖୋଇବାର କେଇ ଘଂଟା ପେର ସହରର ଦୁଇଟି ସ୍ଥାନେର ନିଶା ଓ ଭଲପାଇବା କିମ୍ବା ପୂର୍ବ ଶତୃତା ଲାଗି ଦୁଇଟି ଜଘନ୍ୟ ହତ୍ୟାକଣ୍ଡ ସହର ବାସୀଙ୍କୁ ଦୋହଲାଇ ଦେଇଛି । ଏଭଳି ଘଟଣା ପେର ଲୋକେ ଏ ନେଇ ସୁରକ୍ଷିତ କି ନାହିଁ ଚିନ୍ତା କରିବା ଆରମ୍ଭ କେଲଣି । ପ୍ରଥମ ଘଟଣା ରାଉରେକଲାର ଛେଣ୍ଡ କେଲାନୀ ଅଂଚଳର । ଗତକାଲି ରାମନବମୀ ଶୋଭାଯାତ୍ରା ଚାଲିଥିବା ବେଳ ଛେଣ୍ଡର ଭିଏସଏସ ମାେକର୍ଟ ଖୋଲାଥିଲା ଓ ହାଟ ମଧ୍ୟ ଥିଲା, ଲୋେକ ମଧ୍ୟ ଅନେକ ପରିମାଣେର ଉପସ୍ଥିତ ଥିଲେ, କିଛି ସାମ୍ଧୀକ ପ୍ରତିନ ଭଳି ମାେକର୍ଟ ପ୍ରେବଶେର ଥିବା ଏକ ବେଲଗଛ ପିଣ୍ଡି ପାଖେର ପ୍ରତିନ ଭଳି ବସିଥିଲେ, ଏତିକି ବେଳ ଖଣ୍ଡା ଧରି ଗୋଡା ଗୋଡି ଆଲମ୍ଭ ହେବା ସହ ଜେଣ ପିଲାକୁ ପ୍ରଥେମ ତାର ଗୋଡକୁ ହାଣିବା ପେର ସେ ପ୍ରାଣ ବିକଳେରଚିକ୍ରାର କରି ତାକୁ ବଂଚାଇବାକୁ କାନ୍ଦି ଉଠି କହିଥିଲା ହେଲ ସେହି ୃଶ୍ୟକୁ ଖେୁଥିବା ଓ ଶୁଣୁଥିବା ସେହି ପାଖେର ଥିବା ଲୋକେ କେହି ଶୁଣିନଥିଲେ, ଫଳେର ହତ୍ୟାକାରୀ ପୁଣି ଏକ ଖଣ୍ଡାେର ତାର ପେଟକୁ ଭୁଷୀ ଖଣ୍ଡା ଟିକୁ ତାର ପେଟ ରେ ବୁଲାଇ ଇେଥିଲା , ଫଳେର ସଂପୃକ୍ତ ଯୁବକ ସେହିଯାଗାେର ଟଳିପଡିଥିଲା, ଦେଖଣାହାରି ସେମିତି ବସି ଖେଳିେ ,ଚା ସିଗାରେଟ ଟାଣିଲେ ଓ ପେଳଇ ଗେଲ । କିଛି ୋକାନୀକିଛି ନଜାଣିଲା ଭଳି ୋକାନ ବନ୍ଦ କରି ଚାଲିଗେଲ ।ପେର ପୁଲିସ ଖବର ପାଇ ଶବକୁ ଧରି ଆଜି ବ୍ୟେବଛ ଲାଗି ପଠାଇଛି । ମୃତକ ହେଲ ମଟୁକେଶ କର କଳିଙ୍ଗବିହାର ଅଁଚଳର, ବୟସ ୨୦ ରୁ ୨୫ ଭିତେର ।ତାଙ୍କ ବାପା ସୁଧୀର କର, ସେ ଗାଡୀ ବେପାର କରନ୍ତି । ଏହି ଲଖବର ପାଇ ଆଜି ଛେଣ୍ଡର କିଛି ବାସିନ୍ଦା ଛେଣ୍ଡ ଥାନାକୁ ଯିବାରୁ ପୁଲିସି ଏହି ଘଟଣାେର ୬ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ନେଇ ସୂଚନା ଇେଛି ବୋଲି ଲୋେକ କହିଛନ୍ତି । ସେପେଟ ଏହି ଘଟଣାକୁ ନେଇ ଆଜି ସାଧାରଣେର ତିବ୍ର ପ୍ରତିକ୍ରୀୟା ପ୍ରକାଶ ପାଇବା ସହ ଅଅଉ ସାଧାରଣ ଲୋକେ ଘରୁ ନିରାପେର ଯାଇ ଫେରିବା ସମ୍ଭବ ନହେଁ ବୋଲି ଅାଲୋଚନା ହେଉଛି, ଯେଉଁଠି ଲୋକଙ୍କ ସମ୍ମୁଖେର ବଜାର ଉପେର ଏହି ଭଳି ହଣା କଟା ୨୨/୨୩ ବର୍ଷର ପିଲା ଖୋଲା ଖୋଲି କରୁଛନ୍ତି ସେଠି ଆଉ ପୁଲିସି ପ୍ରତି ଭୟ କେଉଁଠି ରହିଲା ଓ ଲୋେକ ସୁରକ୍ଷିତ ବୋଲି ଧରାଜିବ ବୋଲି ପ୍ରଶ୍ନ ହେଉଛି । ମୃତ୍ୟୁ ଖବର ଉପେର ରାଉରେକଲା ଏସପି ମିଡିଆ କୁ କିଛି କହିନଥିବା ବେଳ ଥାନା ଅଧିକାରୀ ବିଜୟ ସିଂ କହିଛନ୍ତି ପଚରା ଉଚରା ଚାଲିଛି, ହତ୍ୟାକାରୀ ମାନଙ୍କୁ ଖୁବ ଶିଘ୍ର ଧରା ଜିବ, କାହାକୁ ଛଡା ଜିବ ନାହିଁ ଖେଣାହାରୀ ମାନଙ୍କୁ ଡକାଯାଇ ପଚରା ଉଚର ହେବ ସେ ସାମ୍ଧିକ ହେେଲ ବି ଡକା ଜିବ ତେେବ ଘଟଣା ପଛେର ଏକ ଭଲପାଇବା ମାମଲା ଥିବା କୁହାଯାଉଥିବା ବେଳ ପୁଲିସି ତାର ତନ୍ତ କରୁଛି । ଠିକ ସେହି ଭଳି ପ୍ଲାଂଟସାଇଟ ଥାନା ଇଲାକାର ଗାନ୍ଧୀ ରୋଡ ଅଁଚଳର ଏକ ଟାୟାର ୋକାନ ରେ କାମ କରୁଥିବା ଜେଣ ବଙ୍ଗୀୟ ଯୁବକ କୁ ଟାୟାର ୋକାନ ଛୁଁରୀେର ଗତ କାଲି ଗଳାକାଟି ହତ୍ୟା କରାଯାଇଛି । ପିଲାର ପରିଚୟ ଏଯାଏ ଡପୁଲିସି ଷ୍ପଷ୍ଟ କରିନାହିଁ,ତେବ ମୃତକର ବୟସ ପ୍ରାୟ ୨୫ ବର୍ଷ ହେବ ନିଶା ଲାଗି ପଇସା ମାଗି ବିଫଳ ହେବାରୁ ସେ ଏଭଳି କାଣ୍ଡ ଭିଆଇଯାଇଥିବା କୁହାଯାଉଛି ,ହତ୍ୟାକାରୀ କୁ ପୁଲିସ ଧରିଛି । ତେେବ ସହରେର ନିୟମିତ ସିଟି ପେଟ୍ରାକିଂ ସାଙ୍ଗକୁ ଅେନକ ପାରିବା ଅଧିକାରୀ ଥାନା ଗୁଡିକେର ଅଛନ୍ତି, ତଥାପି ପୁଲିସି ପ୍ରତି ଅପରାଧୀଙ୍କର ଭୟ ରହୁନାହିଁ ସେମାେନ ମନଇଛା ଅପରାଧ କରୁଛନ୍ତି । ଖୋଲା ଖୋଲି ବଂନ୍ଧୁକ ଗୁଳି ସାଙ୍ଗକୁ ଛତିଶଗଡରୁ ଆସି ଅପରାଧୀ ମାେନ ରାଉରେକଲାେର ରହି ଶେ ବାସୀଙ୍କୁ ସାଇବର ମାଧମେର ଠକୁଥିବା ଖବର ଖୋ ପୁଲିସି ଇେଛି । ବଡ କଥା ହେଲା ପୁଲିସି ସେହି ପୁରୁଣା ବ୍ୟବସ୍ଥା ଅନୁଶାେର କାମ କରିବା ସହ ଲୋକଙ୍କ ସହ ସଂପର୍କ ରଖିବାେର ବିଫଳ ହେଉଛି ପୁଲିସି ର ଗୁଇନ୍ଦା ବିଫଳ ହୋଇଛିତାର ଉାହରଣ ଅେନକ ଥାନା ଅଁେଚର ଖୋଯାଉଥିବା କୁହାଯାଉଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଯାହା କହୁଛନ୍ତି ପୁଲିସ ଲୋକଙ୍କ ସେବାେର ପୁଲିସି ଏଠି ରାଉରେକଲା ମାମଲାେର ମୁଖ୍ୟମନ୍ତ୍ରୀ କୁହାନ୍ତୁ ଏହା କିଭଳି ସେବା ଓ ପୁଲିସି ବ୍ୟବସ୍ତା । ଏହା ଭାଷଣେର ସିମିତ ନା ଏହା ପଛେର କିଛି ଷଡଯନ୍ତ୍ର ରହିଛି।

# ୩୯ ତମ ସବ ଜୁନିୟର ବାଳକ ହ୍ୟାଣ୍ଡବଲ ଚମ୍ପିୟାନସିପରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୧/୪(ନି।ପ୍ର): ଆଜି ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଠାରୁ ହେଲିକ୍ୟାପଟର ଯୋଗେ ଆସି ଦିନ ୧୦.୪୦ ଟା ମିନିଟ ସମୟରେ ରିଜର୍ଭ ପୋଲିସ ଗ୍ରାଉଣ୍ଡ ଠାରେ ପହଂଚି ସେଠାରୁ ଦିନ ୧୧ ଟା ସମୟରେ ହ୍ୟାଣ୍ଡବଲ ଷ୍ଟାଡିୟମ ଯାଇ ସେଠାରେ ଚାଲିଥିବା ୩୯ ତମ ସବ ଜୁନିୟର ବାଳକ ହ୍ୟାଣ୍ଡବଲ ଚମ୍ପିୟାନସିପ ରେ ଯୋଗ ଦେଇଥିଲେ । ତାଙ୍କ ସହ ପାଟଣା ବିଧାୟକ ଡାକ୍ତର ଫକିର ମୋହନ ନାଏକ ଉପସ୍ଥିତ ଥିଲେ ଓ ମୁଖ୍ୟମନ୍ତ୍ରୀଙ୍କୁ ଏଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜୟ ଜଗନ୍ନାଥ ଜୟ ମା ତାରିଣୀ କହି ଖେଳାଳି ଙ୍କୁ ସମ୍ବୋଧନ କରିଥିଲେ । ପରେ ପରେ ହିନ୍ଦିରେ ମଧ୍ୟ ଖେଳାଳୀ ମାନଙ୍କୁ ଅଭିଭାଷଣ ଓ ଶୁଭେଚ୍ଛା ଜଣାଇଥିଲେ । ହ୍ୟାଣ୍ଡବଲ ଖେଳ ପାଇଁ କେନ୍ଦୁଝର ପ୍ରସିଦ୍ଧ ଓ ୧୯୮୦ ରେ ପ୍ରଥମେ ଏଠାରେ ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗୀତା ହେଇଥିଲା ଦୀର୍ଘ ୪୫ ବର୍ଷ ପରେ ପୁଣି ଆଜି ଏଠାରେ ଜାତୀୟ ପ୍ରତିଯୋଗିତା ର ସୌଭାଗ୍ୟ ମିଳିଛି ବୋଲି କହିଥିଲେ । ହ୍ୟାଣ୍ଡବଲ ଖେଳ ଆଜି ସମସ୍ତଙ୍କୁ ଏକାଠି କରି ପାରିଛି । ଏହି ଖେଳ ର ମୂଲ୍ୟବୋଧକୁ ବୁଝି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ । ଏ ସରକାର କ୍ରୀଡା କୁ ପ୍ରାଧାନ୍ୟ ଦଉଛନ୍ତି। କ୍ରୀଡାକୁ ଜୀବନ ର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗଢ଼ି ତୋଳିବାକୁ ପ୍ରତି ବ୍ଲକ ରେ ମଧ୍ୟ ଖେଳକୁ ଗୁରୁତ୍ୱ ଦିଆଯାଉଛି । ପ୍ରତି ବ୍ଲକ ରେ ଖେଳ ପଡିଆ ଓ ପଂଚାୟତ ରେ ମିନି ଷ୍ଟାଡିୟମରେ ହେବ ଓ ଗୋଟିଏ ଗୋଟିଏ ଇନଡୋର ଷ୍ଟାଡିୟମ ମଧ୍ୟ ହେବ । ୧୪ ଟି ଇନଡୋର ସୁଇମିଂ ପୁଲ , ତୀରନ୍ଦାଜ ଉନ୍ନତି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି । ଏ କେନ୍ଦୁଝର ର ହଣ୍ଡବଲ ପଡିଆ ଏସିଆ ମହାଦେଶର ପ୍ରଥମ ସିନ୍ଥେଟିକ ପଡ଼ିଆ । ଆମ ସରକାର ଖେଳ ସହ ରାଜ୍ୟ ର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି । ହ୍ୟାଣ୍ଡବଲ ର ଆହୁରୀ ଉନ୍ନତି ସହ ଅନ୍ତର୍ଜାତୀୟ ସ୍ତର ର ଖେଳାଳୀ ପ୍ରସ୍ତୁତ ପାଇଁ ଯାହା ଦରକାର ସରକାର ପ୍ରଦାନ କରିବେ ଏବଂ ସହ ଆସି ଆଲୋଚନା କରି ପାରିବେ ବୋଲି ଆହ୍ୱାନ ଦେଇଥିଲେ । ଏଥି ସହ ରାଜ୍ୟ ରୁ ପ୍ରଥମ ଥର ପାଇଁ ଭାରତ ର ଜୁନିୟର ଟିମ ର ଯୁଗ୍ମ ପ୍ରଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ପ୍ରଣୟ କୁମାର ପାଣି ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଗୋରୁ ବୋଝେଇ ଗାଡ଼ି ଜବତ: ୩ ଅଟକ, ୬ ଗୋରୁ ଉଦ୍ଧାର

ଭଦ୍ରକ,୧୧/୪(ନି।ପ୍ର): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୁବେରା ପଂଚାୟତ ମନ୍ଦାରମାଳ ଗ୍ରାମ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଗାଡ଼ିକୁ ପୁଲିସ ଜବତ କରିଥିବା ସହିତ ୩ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି । ଗୋରୁଗାଡ଼ିରୁ ୬ଟି ଗୋରୁ ପୁଲିସ ଉଦ୍ଧାର କରି ଅସୁରାଳି ସ୍ଥିତ ଗୋଶାଳାରେ ଛଡ଼ିଥିବା ଜଣାପଡ଼ିଛି। ପୁଲିସ ଏ ସମ୍ପର୍କରେ ୧୩୯/୨୫ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି । ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଗାଡ଼ି କୁବେରା ମନ୍ଦରାମାଳ ଦେଇ ଭଦ୍ରକ ଅଭିମୁଖେ ଯାଉଥିଲା।

# ୧୫ ବର୍ଷରୁ କମ୍ ଇଂଟର କ୍ଲବ୍ ଫୁଟବଲ୍ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଖେଳ ଅନୁଷ୍ଠିତ

ସୁବର୍ଣ୍ଣପୁର,୧୧/୪(ନି।ପ୍ର): ସୋନପୁର ଗାନ୍ଧୀ ଷ୍ଟାଡିୟମ ରେ ୧୫ ବର୍ଷରୁ କମ୍ ଇଂଟର କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ ୨୦୨୫ ର ଚତୁର୍ଥ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲା କ୍ରିଡ଼ା ସଂଘ, ଫୁଟବଲ୍ ଆସୋସିଏସନ୍ ଓଡିଶା, ଯୁବ କ୍ରୀଡା ବିଭାଗ ଓଡ଼ିଶା ସରକାର ମିଳିତ ସହଯୋଗ ରେ ଅନୁଷ୍ଠିତ ଆଜିର ଏହି ଟର୍ଣ୍ଣାମେଂଟକୁ ଅତିଥି ଭାବରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଚିତ ରଞ୍ଜନ ମିଶ୍ର, ଭେଟରାନ ଫୁଟବଲ ଖେଳାଳୀ ତଥା ବିନିକା ଏନ୍ ଏ ସି ର ପ୍ରାକ୍ତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାରାମ ନାଏକ, ସ୍ୱଚ୍ଛ ଭାରତ ସଂଗଠନ ସୋନପୁର ମନମୁଣ୍ଡା ର ସଭାପତି ଶୟଦ୍ ଅଲିମୁଲ୍ ଇସଲାମ ଯୋଗ ଦେଇ ମ୍ୟାଚ୍‌କୁ ଉଦ୍ଘାଟନ କରି ଖେଳାଳୀ ଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲା ର ସମସ୍ତ ବ୍ଲକ୍ ରୁ ୧୦ ଗୋଟି ଫୁଟବଲ୍ ଦଳ ଏଥିରେ ଭାଗ ନେବାକୁ ଥିବା ବେଳେ ଆଜି ର ପ୍ରଥମ ମ୍ୟାଚ୍ ବିଏସଏ ଉଲୁଣ୍ଡା ଓ ରାମ ଧୂନ୍ ବି ମଧ୍ୟ ରେ ଅନୁଷ୍ଠିତ ସୋଇଥିବା ବେଳେ ରାମଧୂନ୍ କ୍ଲବ୍ (ଏ) ଓ ରାମଜୀ କ୍ଲବ୍ ନିମ୍ନା ମଧ୍ୟରେ ଦ୍ୱିତୀୟ ମ୍ୟାଚ, ଓ ରାମ ଧୂନ୍ କ୍ଲବ୍ ସି ଓ ବି ଏମ୍ ପୁର ଇଲେ ଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ପ୍ରଥମ ମ୍ୟାଚ୍ ରେ ୧-୦ ଗୋଲ ରେ ଉଲୁଣ୍ଡା ଦଳ ବିଜୟୀ ହୋଇ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ୧-୦ ଗୋଲରେ ନିମ୍ନା ଦଳ ଓ ତୃତୀୟ ମ୍ୟାଚ ୧-୦ ଗୋଲରେ ରାମଧୂନ ସି ବିଜୟୀ ହୋଇଛି। ସମସ୍ତ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ଅନିଲ ଭୋଇ, ଫୋର୍ଥ ଅଫିସିଆଲ୍ ଭାବେ ସଞ୍ଜୀବ ସାହୁ ସହଯୋଗି ରେଫରି ଭାବେ ପ୍ରଶାନ୍ତ ସେଠି, ନରେଶ ମାଝୀ , ଅନିଲ ଭୋଇ ଅନିତା ମହାକୁଡ, ଖେଳ ପରି ଚାଳନା କରିଥିଲେ। ଦିଲ୍ଲୀପ ପାତ୍ର ଓ ମନୋରଞ୍ଜନ ତ୍ରୀପାଠୀ ଓ ଦିଗାମ୍ବର ଶତପଥି ଖେଳ ର ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା କ୍ରିଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଖେଳ ରେ ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀଙ୍କ ସମେତ ଚନ୍ଦନ, ରଂଜୁ, ଅନିଲ, ଶିବ, ଚାହଦ, ରବି, ଚୈତ୍ୟନ୍ୟ, କିରଣ, ସଦା, ପୁରେନ, କଲିମ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ

କେନ୍ଦ୍ରାପଡ଼ା,୧୧/୪(ନି।ପ୍ର):– କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଗୋପସ୍ଥିତ ରାମମନ୍ଦିରରେ ସଭାପତି ଡଃ ଉପେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଘର ପ୍ରଥମ ସଭାପତି ସ୍ୱର୍ଗତ ଇଂ ମନ୍ମଥ ରାଉତ, ସଭ୍ୟ ସ୍ୱର୍ଗତ ଗୋଖେଇ ପାତ୍ର ଓ ସ୍ୱର୍ଗତ ଗୋଲଖ ଚନ୍ଦ୍ର ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ତତ୍‌ପରେ ବାର୍ଷିକ ଉତ୍ସବର ସମୀକ୍ଷା କରାଯାଇଥିଲା । ଭବିଷ୍ୟତର କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ସଂଗଠନର କଳେବର ବୃଦ୍ଧି ପାଇଁ ପ୍ରସ୍ତାବ ଆଗତ କରାଗଲା ଓ ସର୍ବସମ୍ମତି କ୍ରମେ ଗୃହୀତ ହୋଇ ସଂଗଠନର କାର୍ଯ୍ୟକର୍ତା। ପୁନଃ ଚୟନ କରାଗଲା । ପୁନଃଗଠିତ କାର୍ଯ୍ୟକର୍ତାମାନେ ହେଲେ ଯଥା – ଉପଦେଷ୍ଟା ଅଜୟ କୁମାର ସାମଲ, ସଭାପତି ଡଃ ଉପେନ୍ଦ୍ର ନାଥ ପ୍ରଧାନ, କାଯ୍ୟକାରୀ ସଭାପତି ଡଃ ଦିଲ୍ଲୀପ କୁମାର ମିଶ୍ର, ଉପସଭାପତି ଗୋଲଖ ମହାଭୋଇ ଓ ନିମାଇଁ ଚରଣ ମହାନ୍ତି, ସମ୍ପାଦକ କରୁଣାକର ଦାସ, ସଂଗଠନ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଶ୍ରୀନିବାସ ପରିଡା ଓ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ସୁରେଶ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ମଧୁସୂଦନ ବାରିକ ଓ ବଳରାମ ସାହୁ, ବାର୍ତା ସମ୍ପାଦକ ନୃସିଂ ଚରଣ ତ୍ରିପାଠୀ କାର୍ଯ୍ୟକାରୀ କମିଟିରେ ସର୍ବଶ୍ରୀ ଅଜିତ୍ ରାଉତ, କୃଷ୍ଣଚନ୍ଦ୍ର ଜେନା, ପ୍ରସନ୍ନ ସାହାଣୀ, ମଦନ ରାଉତ, ପ୍ରତାପ ନାୟକ, ପ୍ରତାପ ଲେଙ୍କା, ଧୀରେନ୍ ବେହେରା, ଶ୍ରୀଚରଣ ସାମଲ, ବେଣୁଧର ଶତପଥୀ, ଉପେନ୍ଦ୍ର ନାଥ ସ୍ୱାଇଁ, ଅକ୍ଷୟ ନାୟକ, ଗୌରାଙ୍ଗ ସାହୁ, ଅଧିକାରୀ ରାଧାକାନ୍ତ ଦାଶ, ପ୍ରଭାକର ସାମଲ ଓ ଦୟାନିଧି ପାତ୍ର । ପ୍ରସ୍ତାବରେ ଦିନତମାମ ବିଦ୍ୟୁତ୍ ଖୁଂଟରେ ବଲ୍ ଜଳି ଶକ୍ତି ଅପଚୟ ହେଉଥିବାରୁ ଏହାର ପ୍ରତିକାର ନିମନ୍ତେ କେନ୍ଦ୍ରାପଡା ପୌରସଂସ୍ଥାର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ ଓ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଆସନ୍ତା ୨୦.୪.୨୫ ରବିବାର ଦିନ ଗୋପଛକ ନିକଟସ୍ଥ କେନାଲ ପୋଲ ନିକଟରେ ଜଳଛତ୍ର ଉଦ୍‌ଘାଟନ କରିବା ଓ ପଶୁପକ୍ଷୀମାନଙ୍କର ତୃଷା ନିବାରଣ ନିମନ୍ତେ ନିଜ ନିଜର ବାସଗୃହ ସମ୍ମୁଖ ଓ ଛାତ ଉପରେ ପାନୀୟ ଜଳର ସୁବନ୍ଦୋବସ୍ତ କରିବା । ଶେଷରେ ପ୍ରକୃତି ବନ୍ଧୁ ନୃସିଂହ ଚରଣ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସଂଯୁକ୍ତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା, ୧୧/୦୪ (ନି.ପ୍ର) : ଆଜି କଟକ ବାଲିଯାତ୍ରା ପଡିଆ ଠାରେ ରାଜ୍ୟ ସ୍ତରୀୟ ଉତ୍ସବ ରେ ଆଭାସୀ ଜରିଆରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜେ. ପି. ନଡ୍ଡା ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଆରୋଗ୍ୟ ସଂଯୁକ୍ତ ଯୋଜନା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ମୟୁରଭଞ୍ଜ ଜିଲ୍ଲାରେ ସମସ୍ତ ବ୍ଲକ, ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ରେ ସମୁଦାୟ ୮୮ ଟି କେନ୍ଦ୍ରରେ ଉକ୍ତ କାର୍ଡ ବଣ୍ଟନର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କ୍ରମରେ ଆଜି ବାରିପଦା ପୌର ପାଳିକା ଆନୁକୂଲ୍ୟରେ ଦେବେନ୍ଦ୍ରପୁର ଠାରେ ଏହି କାର୍ଡ ବଣ୍ଟନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ, ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା, ପୌର ପାଳିକା ଅଧ୍ୟକ୍ଷ ଶ୍ରୀ କୃଷ୍ଣା ନନ୍ଦ ମହାନ୍ତି, ଉପାଧ୍ୟକ୍ଷା ଶ୍ରୀମତୀ ସୀମା ଦାସ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବି ପ୍ରସାଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେକି ରାଜ୍ୟ ସରକାରଙ୍କ ଏକମାତ୍ର ଲକ୍ଷ୍ୟ, ଧାଡ଼ିର ଶେଷ ବ୍ୟକ୍ତି ଯେମିତି ସୁବିଧାରେ କାର୍ଡ ଓ ଅନ୍ୟାନ୍ୟ ସୁବିଧା ପାଇପାରିବ। ଏହି ଯୋଜନା ର ବିଶେଷତ୍ୱ ହେଉଛି ଏଥିରେ ପରିବାରର ରାସନ କାର୍ଡ ରେ ଯେତେ ଜଣଙ୍କ ନାମ ଥିବ ସମସ୍ତ ସଦସ୍ୟଙ୍କୁ ଗୋଟିଏ ଗୋଟିଏ କାର୍ଡ ମିଳିବ ଏବଂ ଦେଶରେ ୨୯୦୦୦ ତାଲିକା ଭୁକ୍ତ ଅଗ୍ରଣୀ ଘରୋଇ ଏବଂ ସରକାରୀ ଚିକିତ୍ସାଳୟରେ ଲୋକମାନେ ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ପାଇପାରିବେ । ସେହିପରି ୭୦ ବର୍ଷ ବୟସରୁ ଅଧିକ ବୟସର ଲୋକ ମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯିବ । ପ୍ରତ୍ୟେକ ପରିବାର ପିଛା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବା ବେଳେ ପରିବାରର ମହିଳା ହିତାଧିକାରୀଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା ପ୍ରଦାନ କରାଯିବ । ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ପାଇପାରିବେ । ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ଼ ମିଳିଥିଲା ମାତ୍ର ଏହି ଯୋଜନା ରେ ଏବେ ପରିବାରର ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ ଲେଖାଏଁ କାର୍ଡ ପ୍ରଦାନ କରାଯିବ ଯାହାଫଳରେ ବିଶେଷକରି ରାଜ୍ୟ ବାହାରେ ରହୁଥିବା ହିତାଧିକାରୀ ମାନଙ୍କୁ ଆଉ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରେ କୌଣସି ଅସୁବିଧା ହେବନାହିଁ । ଗୋଟିଏ ପରିବାରର ଜଣେ ସଦସ୍ୟ ଙ୍କ ଇ କେ ୱାଇ ସି ଆଧାର ଅଥେଣ୍ଟିକେସନ ହୋଇଗଲେ ପରିବାରର ଅନ୍ୟ ସଦସ୍ୟଙ୍କୁ ବି କାର୍ଡ ମିଳିବାର ବ୍ୟବସ୍ଥା ହୋଇଛି। ବୟୋବନ୍ଦନା ଯୋଜନାରେ ହିତାଧିକାରୀମାନେ ଅଲଗା ଏକ କମ୍ପ୍ୟୁଟର ଆଇ ଡି ଜେନେରେଟେଡ଼ ସ୍ୱତନ୍ତ୍ର କାର୍ଡ ପାଇବେ। ନୂତନ ଏକକ କାର୍ଡ଼ ପାଇବା ପର୍ଯ୍ୟନ୍ତ ହିତାଧିକାରୀମାନେ ତାଲିକା ଭୁକ୍ତ ହସ୍ପିଟାଲମାନଙ୍କରେ ନିଜର ଆଧାର କାର୍ଡ଼/ବର୍ତ୍ତମାନ ପାଖରେ ଥିବା ପୁରାତନ ସ୍ୱାସ୍ଥ୍ୟ କାର୍ଡ଼ ନମ୍ବର କିମ୍ବା ରାସନ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ । ଏହାକୁ ନେଇ କେହି ସଂଶୟ ପ୍ରକାଶ କରିବା ଅନୁଚିତ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଅର୍ଥ କେବେ ବାଧକ ହେବ ନାହିଁ। ଏହି ଯୋଜନାରେ ଆଜି ରାଜ୍ୟର ପ୍ରାୟ ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୪୬ ଲକ୍ଷ ହିତାଧିକାରୀ ଉପକୃତ ହେବେ। ପ୍ରତି ପରିବାରଙ୍କୁ ସରାଦେଶର ବିଭିନ୍ନ ରାଜ୍ୟରେ ତାଲିକାଭୁକ୍ତ ୨୯ ହଜାର ଘରୋଇ ଏବଂ ସରକାରୀ ହସ୍?ପିଟାଲରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ। ପରିବାରର ମହିଳା ସଦସ୍ୟମାନଙ୍କ ପାଇଁ ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ। ଏହାଛଡ଼ା, ୭୦ ବା ତା'ଠୁ ଅଧିକ ବୟସ୍କ ବରିଷ୍ଠ ନାଗରିକମାନଙ୍କୁ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ପରିବାର ପିଛା ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ମିଳିବ । ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ପ୍ରାୟ ୨୩ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ଉପକୃତ ହେବେ । ପୂର୍ବରୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଥିବା ବୟୋଜ୍ୟେଷ୍ଠ ଲୋକଙ୍କ ସହିତ ଅତିରିକ୍ତ ଛ ଲକ୍ଷ ଲୋକ କାର୍ଡ ପାଇବେ। ଏ ସମସ୍ତ ମିଳିତ ଯୋଜନାରେ ୩କୋଟି ୫୨ଲକ୍ଷ ଲୋକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ପରିବାର ନୁହେଁ, ସମନ୍ୱିତ ଯୋଜନାରେ ପରିବାରର ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଗୋଟିଏ ଲେଖାଏ ଏକକ କାର୍ଡ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବାବଦରେ ଓଡ଼ିଶା ସରକାର ୬୦:୪୦ ଅନୁପାତରେ କେନ୍ଦ୍ରୀୟ ଅଂଶଧନ ପାଇବେ। ନୂଆ ସରକାର ଗଠନ ପରେ ବର୍ତ୍ତମାନ ସୁଦ୍ଧା ୩ଟି ପର୍ଯ୍ୟାୟରେ ବିଭିନ୍ନ ବର୍ଗର ୪ ହଜାର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ଆଉ ଅଧିକ ୫ ହଜାର ୩୭୪ ଡାକ୍ତର ଓ ଦନ୍ତ ଚିକିତ୍ସକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ବହୁତ ଶୀଘ୍ର ଆମେ ଏହି ଲକ୍ଷ୍ୟ ହାସଲ କରିବୁ।ଓଡ଼ିଶା ବାହାରେ ରହୁଥିବା ହିତାଧିକାରୀମାନେ ସାରା ଭାରତର ବିଭିନ୍ନ ସ୍ଥାନରେ ଥିବା ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ। ତାଲିକାଭୁକ୍ତ ହସ୍ପିଟାଲ ମାନଙ୍କର ନାମ ଓ ଠିକଣା ସ୍ୱାସ୍ଥ୍ୟ ବିଭାଗ କିମ୍ବା ଆୟୁଷ୍ମାନ ଭାରତ ୱେବ ସାଇଟ୍ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ହେବ ।ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଅଧୀନରେ ସ୍ୱାସ୍ଥ୍ୟ ଭିତିଭୂମି ପ୍ରକଳ୍ପ ପାଇଁ ଚଳିତ ବର୍ଷ ବଜେଟ୍?ର ୩ ହଜାର ୮୮୧ କୋଟି ଟଙ୍କା ଏବଂ ଆମ ହସ୍ପିଟାଲ ଅଧୀନରେ ୪୨୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ପର୍ଯ୍ୟାୟକ୍ରମେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ । ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ରାଜ୍ୟରେ ୧୨ଟି ମେଡିକାଲ କଲେଜ ଅଛି। ଚଳିତ ବର୍ଷ ବଜେଟ୍‌ରେ ୪ଟି ମେଡିକାଲ କଲେଜ ପାଇଁ ଅର୍ଥ ବରାଦ କରାଯାଇଛି। ଏଗୁଡିକ ହେଲା ଜଗତସିଂହପୁର, ଭଦ୍ରକ, ନବରଙ୍ଗପୁର ଓ ଢେଙ୍କାନାଳ। ଏହି ଅବସରରେ କଟକରେ ସାତ ମହଲା ବିଶିଷ୍ଟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍‌ସ ବା ଶିଶୁ ଭବନର ନୂଆ ବିଲ୍‌ଡିଙ୍ଗ ଓ ଡାକ୍ତରମାନଙ୍କ ପାଇଁ ହଷ୍ଟେଲର ଉଦ୍‌ଘାଟନ କରାଯାଇଛି। ଏହି ନୂଆ ବିଲ୍‌ଡିଙ୍ଗରେ ଶଯ୍ୟା ସଂଖ୍ୟା ୪୨୨ରୁ ୮୪୬କୁ ବୃଦ୍ଧି ହୋଇଛି । ଏଥିରେ ୧୪୦ଟି ଓଉଟ ବେଡ୍ ରହିଛି। ହଷ୍ଟେଲରେ ପ୍ରାୟ ୧୮୦ ଜଣ ରେସିଡେଂଟ ଡାକ୍ତର ରହିପାରିବେ। ଏହା ସହିତ ଭୁବନେଶ୍ୱରର ରାଜ୍ୟ ମେଡିକାଲ କର୍ପୋରେସନ କ୍ୟାମ୍ପସ୍‌ରେ ଏକ ମାଇକ୍ରୋ-ବାୟୋଲୋଜିକାଲ୍ ଲାବୋରେଟୋରୀର ମଧ ଉଦ୍‌ଘାଟନ କରାଯାଇଛି। ଏହା ଦ୍ୱାରା ଖାଦ୍ୟ ଓ ପାଣି ସାମ୍ପଲ ଗୁଡିକର ପରୀକ୍ଷା କରାଯାଇ, ତା'ର ମାନ ନିର୍ଦ୍ଧାରଣ କରାଯାଇ ପାରିବ । ଏହି ଅବସରରେ ସୁସ୍ଥ ଓଡ଼ିଶା-ବିକଶିତ ଓଡ଼ିଶା ଗଠନରେ ସହଯୋଗ କରି ରାଜ୍ୟକୁ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଭାବେ ଗଢିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ କହିଥିଲେ, ଆମ ସରକାର ଲୋକଙ୍କ ପାଇଁ କାମ କରେ। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟର ଆଦିବାସୀ ସମ୍ପ୍ରଦାୟର ସବୁଠାରୁ ଅଧିକ ଲୋକ ଉପକୃତ ହୋଇପାରିବେ ବୋଲି ସେ ମତ ଦେଇଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ ଯେ, ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ସାରା ଭାରତବର୍ଷରେ କାଶ୍ମୀରଠୁ ନେଇ କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ଓଡିଶାର ଲୋକମାନେ ଚିକିତ୍ସା ସେବା ପାଇ ପାରିବେ ବୋଲି ସେ କହିଥିଲେ । ଏହି ଅବସରରେ କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ, କେନ୍ଦ୍ରାପଡା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ଏବଂ ଜଗତସିଂହପୁର ସାଂସଦ ଶ୍ରୀ ବିଭୁପ୍ରସାଦ ତରାଇ ପ୍ରମୁଖ ଆୟୁଷ୍ମାନ ଭାରତ ଯୋଜନା ଓଡିଶାର ଲୋକମାନଙ୍କ ପାଇଁ କିପରି ଉପାଦେୟ ହୋଇପାରିବ ସେ ସମ୍ପର୍କରେ ନିଜ ନିଜର ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ବିଭିନ୍ନ ବିଧାୟକ ଗଣ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ଅଶ୍ୱଥୀ ଏସ୍ ପ୍ରମୁଖ ଯୋଗଦେଇଥିଲେ ଏବଂ ଆଭାଷୀ ମାଧମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମନ୍ତ୍ରୀ, ସାଂସଦ ଏବଂ ବିଧାୟକ ମାନେ ଉପସ୍ଥିତ ଥିଲେ ।

# ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା : ପାରାଦୀପ ବନ୍ଦର, କୋଷ୍ଟ ଗାର୍ଡ, ଇଫକୋ, ଆଇଓସିଏଲ ବିଜୟୀ

ପାରାଦ୍ୱୀପ ୧୦/୪ ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ୮ ତାରିଖ ଠାରୁ ଆରମ୍ଭ ହୋଇଥିବା ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିନ ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ପୋର୍ଟ ୟୁଜର ପ୍ରଥମେ ବ୍ୟାଟିଂ କରି ଇଫକୋ ବିରୁଦ୍ଧରେ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ବିନିମୟରେ ୬୫ରନ କରିଥିଲା । ଇଫକୋ ତରଫରୁ ଭି ଚୌଧୁରୀ ଓ ଦିଲୀପ ବୈଦ୍ୟ ୩ଟି ଲେଖାଏଁ ଉଇକେଟ ନେଇଥିଲେ ।ଜବାବରେ ଇଫକୋ ୭.୨ ଓଭରରେ ୨ ୱିକେଟ ବିନିମୟରେ ୬୮ରନ କରି ମ୍ୟାଚକୁ ୮ ୱିକେଟରେ ଜିତି ନେଇଥିଲା । ଇଫକୋ ତରଫରୁ ଏଚ ମଣ୍ଡିଆଲ ଅପରାଜିତ ୩୪ ରନ କରିଥିଲେ । ୨ୟ ମ୍ୟାଚ୍ ବ୍ୟାଙ୍କ୍ ଆଣ୍ଡ ଇନ୍ସୁରନ୍ସ ଓ କୋଷ୍ଟ ଗାର୍ଡ ମଧ୍ୟରେ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ବ୍ୟାଙ୍କ୍ ଆଣ୍ଡ ଇନ୍ସୁରନ୍ସ ୩ ୱିକେଟ ହରାଇ ୧୦୯ ରନ କରିଥିଲା । ସଂଗ୍ରାମ ରାଉତରାୟ ସର୍ବାଧିକ ୨୯ ରନ କରିଥିଲେ । ଜବାବରେ କୋଷ୍ଟ ଗାର୍ଡ ୭.୩ ଓଭରରେ ୨ ୱିକେଟ ବିନିମୟରେ ୧୧୦ରନ କରି ୮ ୱିକେଟରେ ବିଜୟୀ ହୋଇଥିଲା । କୋଷ୍ଟ ଗାର୍ଡ ତରଫରୁ ଅଙ୍କୁଶ ରାଣା ୧୯ ବଲ ଖେଳି ସର୍ବାଧିକ ୪୬ ରନ କରିଥିଲେ । ସେହିପରି ୩ୟ ମ୍ୟାଚରେ ଗୋଆ କାର୍ବନ ପ୍ରଥମେ ବ୍ୟାଟିଂ କରି ଆଇଓସିଏଲ ବିରୁଦ୍ଧରେ ୯ ୱିକେଟ ହରାଇ ୭୪ ରନ କରିଥିଲା । ଜବାବରେ ଆଇଓସିଏଲ ୫.୩ ଓଭରରେ ବିନା କୌଣସି ୱିକେଟ ହରାଇ ୮୦ ରନ କରି ୧୦ ୱିକେଟରେ ବିଜୟୀ ହୋଇଥିଲା । ଆଇଓସିଏଲ ତରଫରୁ ଶିବ ଶଙ୍କର ସମଦ ସର୍ବାଧିକ ୧୯ ବଲରେ ଅପରାଜିତ ?୪୫ ରନ କରିଥିଲେ ।୪ର୍ଥ ମ୍ୟାଚରେ ପାରାଦୀପ ବନ୍ଦର ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୯୪ ରନ କରିଥିଲା । ପାରାଦୀପ ବନ୍ଦର ତରଫରୁ ବିରଞ୍ଚି ରାଉତ ୨୮ ବଲରେ ୬୦ ରନ କରିଥିଲେ । ୯୫ ରନର ବିଜୟ ଲକ୍ଷ୍ୟ ନେଇ ଏଏମଏନ୍‌ଏସ ୯ଟି ଉଇକେଟ ହରାଇ ୭୯ ରନ କରିଥିଲା ଓ ପାରାଦୀପ ବନ୍ଦର ବିଜୟୀ ହୋଇଥିଲା । ପାରାଦୀପ ବନ୍ଦର ତରଫରୁ ରାମ ଚନ୍ଦ୍ର ମହାନ୍ତି ୩ଟି ୱିକେଟ ନେଇଥିଲେ ।

## ପୁରୀରେ ଆୟୁଷ୍ମାନ ଭାରତର ଶୁଭାରମ୍ଭ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ଭୁବନେଶ୍ୱର, ୧୧ /୦୪ : - ପୁରୀ ଜିଲ୍ଲାର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା' ର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଟାଉନ ହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଂଟନ କରିଛନ୍ତି।

# ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ



ଜଳେଶ୍ୱର,୧୧/୪-(ନିପ୍ର):ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆଜି ଓଡ଼ିଶାରେ ଲାଗୁ ହୋଇଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର କାର୍ଡ ହିତାଧିକାରୀଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏବିପିଏମଜ୍ୱାଇ, ଜିକେଏୱାଇ କାର୍ଡ ।ପରିବାର ପିଛା ବାର୍ଷିକ ୫ ଲକ୍ଷ ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ ବରିଷ୍ଠ ନାଗରିକଙ୍କୁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇବେ। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିମନ୍ତ୍ରଣ କ୍ରମେ ମୁଖ୍ୟ ଅତିଥି ଭାରତର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଶୁକ୍ରବାର ଦିବା ୨ ଟା ୩୦ ମିନିଟରେ କଟକ ଠାରେ କାର୍ଡ ବଣ୍ଟନର ଆଭାସି ମାଧ୍ୟମରେ ଶୁଭାରମ୍ଭ କରିଥିଲେ।ଏହି ସମୟରେ ଓଡ଼ିଶାରେ ପ୍ରତ୍ୟେକ ବ୍ଲକର ଜନସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କାର୍ଡ ବଣ୍ଟନ ଉତ୍ସବ ସହ ଭାରତର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମହାନ୍ତିଙ୍କ ସ୍ୱାସ୍ଥ୍ୟ କାର୍ଡର ଉପକାରିତା ସମ୍ପର୍କରେ ଆଭାଷି ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ବ୍ଲକ ଅଧୀନରେ ୧୦ ଟି ଜନସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ କାର୍ଡ ବଣ୍ଟନ କରା ଯାଇଛି ।ସେଗୁଡିକ ହେଲା ଛମୌଜ ପିଏଚସି,ଜଳେଶ୍ୱର ପିଏଚସି, ଜମାଲପୁର ପିଏଚସି, ଖୁଆର୍ଡ ପିଏଚସି, ଲକ୍ଷ୍ମଣନାଥ ପିଏଚସି, ନାମ୍ପୋ ପିଏଚସି, ଓଲମରା ପିଏଚସି, ପଶ୍ଚିମବାର୍ଡ ପିଏଚସି, ଶାଳବଣି ପିଏଚସି, ଶିଖରପୁର ପିଏଚସି ପ୍ରମୁଖ ସ୍ଥାନରେ ଡାକ୍ତର ମାନେ ନୋଡାଲ ଅଧିକାରୀ ଭାବେ କାର୍ଡ ବଣ୍ଟନ କରିଥିଲେ । ଜମାଲପୁର ରେ କାର୍ଡ ବଣ୍ଟନ ଉତ୍ସବରେ ସମାଜସେବୀ କାଳିଚରଣ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧକ୍ଷ ବ୍ରଜ ମୋହନ ପ୍ରଧାନ, ବରେଣ୍ୟ ଅତିଥି ଭାବେ ସମାଜସେବୀ ରାଜୀବ କୁମାର ପରିଡା, ଅଶୋକ କୁମାର ପରିଡ଼ା, ବିଶ୍ୱନାଥ ଦାସ ମହାପାତ୍ର, ରମାନାଥ ଜେନା, ଶ୍ୟାମ ସୁନ୍ଦର ପାଳ ପ୍ରମୁଖ ୪ ଟି ଗ୍ରାମ ପଞ୍ଚାୟତର ନେତୃବୃନ୍ଦ ଉପସ୍ଥିତ ରହି ଉକ୍ତ କାର୍ଡର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ।

# କୋଷ୍ଟଗାର୍ଡ ଆନ୍ତର୍ଜାତୀୟ ଜଳ ସୀମାରୁ ୧୪ ଜଣଙ୍କୁ ଅଟକ : ମାଛଧରା ବୋଟ ସହ ୪୫୦ ବସ୍ତା ଗୁଆ ଜବତ



ପାରାଦୀପ, ୧୧/୪ :(ନି.ପ୍ର) ଆନ୍ତର୍ଜାତୀୟ ଜଳ ସୀମାରୁ ଭାରତୀୟ ତଟରକ୍ଷୀ ବାହିନୀ ସନ୍ଦେହ ଜନକ ଭାବେ ବୁଲୁଥିବା ମାଆ ବାସନ୍ତ ନାମକ ଏକ ମାଛଧରା ଭ୍ୱାର୍ଟକୁ ଜବତ କରିଛି। କୋଷ୍ଟଗାର୍ଡ ଜାହାଜ ବରଦ ଗୁରୁବାର ଦିନ ଗଭୀର ସମୁଦ୍ରରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଆନ୍ତର୍ଜାତୀୟ ସାମୁଦ୍ରିକ ନିୟନ୍ତ୍ରଣ ରେଖା ନିକଟରେ ବେଆଇନି କାର୍ଯ୍ୟକଳାପରେ ଲିପ୍ତ ଥିବା ମାଆ ବାସନ୍ତ ବୋଟକୁ ଅଟକାଇ ଥିଲା । ଏହି ଜାହଜରେ ୧୪ଜଣ କର୍ମଚାରୀ ଥିଲେ, ସେମାନଙ୍କର ପରିଚୟ ପତ୍ର ସଠିକ୍ ନଥିବା ଜଣାପଡିଥିଲା । ମାଛଧରା ଜାହାଜକୁ ପ୍ରବେଶ କରି କୋଷ୍ଟଗାର୍ଡ ଜବାନ ଓ ଅଧିକାରୀମାନେ ବୋଟରୁ ୪୫୦ ବ୍ୟାଗ୍ ଗୁଆ ଜବତ କରିଥିଲେ ।ଗୋଟିଏ ବ୍ୟାଗର ଓଜନ ପ୍ରାୟ ୫୦-୬୦ କେଜିହେବ ବୋଲି ଅନୁମାନ କରାଯାଉଛି। ଯାହାର ବଜାର ଦର ପ୍ରାୟ ଏକ କୋଟି ଟଙ୍କା ହେବ ବୋଲି କୋଷ୍ଟଗାର୍ଡର ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଏହି ବୋଟ୍ କାକଦୀପ ମାଛଧରା ଜେଟୀରୁ ବିନା ସଠିକ୍ କାଗଜପତ୍ରରେ ଯାତାୟତ କରୁଥିଲା । ଏତେ ପରିମାଣର ଗୁଆ କେଉଁ ଆଡେ ଯାଉଥିଲା ଏବଂ କେଉଁଠୁ ଆସିଥିଲା ତାହାକୁ ନେଇ ତଦନ୍ତ ଆରମ୍ଭ କରିଛି କୋଷ୍ଟଗାର୍ଡ । ସବୁଠୁଁ ଆଶ୍ଚର୍ଯ୍ୟର କଥା ହେଲା ମାଛଧରା ବୋଟ୍?କୁ ଯାଂଚ କରିବା ସମୟରେ ବୋଟ୍?ରୁ କୌଣସି ମାଛ କିମ୍ବା ମାଛ ଧରିବାର ସାମଗ୍ରୀ ମିଳି ନଥିଲା ।ତେବେ ଜବତ ମାଛଧରା ବୋଟ୍ ସମେତ ବୋଟ୍?ର ୧୪ ଜଣ କର୍ମଚାରୀମାନଙ୍କୁ ଧରି କୋଷ୍ଟଗାର୍ଡ ଟିମ୍ ପାରାଦୀପ ବନ୍ଦରକୁ ଆସିଥିଲେ। ଅଧିକ ବିସ୍ତୃତ ତଦନ୍ତ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଆଇନି ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପାରାଦୀପ ବନ୍ଦରକୁ ଅଣାଯାଇଥିବା ସୂଚନା ମିଳିଛି।

# ପ୍ରସିଦ୍ଧ ଚୈତ୍ର ପର୍ବ ଓ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ



ବାରିପଦା, ୧୧/୪ (ନି.ପ୍ର): ମୟୁରଭଞ୍ଜର ପ୍ରସିଦ୍ଧ ଚୈତ୍ର ପର୍ବ ଆଜି ସନ୍ଧ୍ୟାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବ ଅବ୍ୟବହିତ ପୂର୍ବରୁ ଆଜି ଅପରାହ୍ନ ୪ଘଟିକା ୩୦ ମିନିଟ ସମୟରେ ବାରିପଦାର ମାଆ ଅମ୍ବିକା ମନ୍ଦିର ନିକଟରୁ ବିଭିନ୍ନ ପାରମ୍ପରିକ ଆଦିବାସୀ ନୃତ୍ୟ ଯଥା କଳସ ନାଚ, ଘୋଡା ନାଚ,ଛଉ ନୃତ୍ୟ, ଏନିମାଲ (ବଭସଙ୍କବକ୍ଷ) ନୃତ୍ୟ, ବାଜା, ରଣେଣି,ଡି ଜେ ସାଉଣ୍ଡ ଓ ରଙ୍ଗୋଲି ସହିତ ଏକ ବିରାଟ ପ୍ରଜ୍ଞାପନ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଛଉ ପଡିଆ ଠାରେ ପହଂଚି ଥିଲା। ଏହାପରେ ଛଉ ପଡିଆ ଠାରେ ମାନ୍ୟବର ମନ୍ତ୍ରୀ,ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ଉପସ୍ଥିତିରେ ଚୈତ୍ର ପର୍ବ ୨୦୨୫ କୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିବା ସହ ଓ ପଲ୍ଲିଶ୍ରୀ ମେଳା-୨୦୨୫ ର ଶୁଭ ଉଦଘାଟନ କରିଥିଲେ।ଜିଲ୍ଲା ପାଳ ଶ୍ରୀ ହେମକାନ୍ତ ସୟଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉକ୍ତ ଉଦଘାଟନୀ ଉତ୍ସବରେ ଅନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ,ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ଼. ପ୍ରକାଶ ଚାନ୍ଦ ଗୋଗିନାନି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଉପ ନିର୍ଦ୍ଦେଶକ ଶ୍ରୀ ସମ୍ରାଟ ଗୌଡା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ମୟୁରଭଞ୍ଜ ଛଉ ନୃତ୍ୟ ବହୁ ପୁରାତନ ଏହାର ଏକ ସ୍ୱତନ୍ତ୍ର ତା ରହିଛି। କଳା ନୈପୂଣ୍ୟ ଭରା ଏହି ନୃତ୍ୟ ଦର୍ଶକ ମାନଙ୍କ ଅନ୍ତରରେ ଗଭୀର ରେଖା ପାତ କରେ। ଏହି ଅବସରରେ ମୟୁରଭଞ୍ଜ ଛଉ ନୃତ୍ୟର ଉନ୍ନତି ଗବେଷଣା ପାଇଁ ୨କୋଟି ଅର୍ଥ ରାଶି ମଂଜୁର ହୋଇଛି ଅତିରିକ୍ତ ଆଉ ୩ କୋଟି ଅର୍ଥ ରାଶି ମଂଜୁର କରାଇବା ପାଇଁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଚୈତ୍ର ପର୍ବ ର ଲୋଗ କୁ ଉଦଘାଟନ କରିଥିଲେ। ଆଜିର ଅନୁଷ୍ଠିତ ଉଦଘାଟ୍ୱନୀ ଉତ୍ସବ ରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ସୁନ୍ଦର ଓ ସାବଲୀଳ ଢଙ୍ଗରେ ମଞ୍ଚ ପରିଚାଳନା କରିଥିଲେ।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ମା' ଛେଉଣ୍ଡ କନ୍ୟା 'ପାନ'



ଉଦଳା,୧୧/୦୪(ନି.ପ୍ର)- ୟେ ହେଉଛି କପ୍ତିପଦା ବ୍ଲକର ବଡ଼ବିଶୋଳ ପଂଚାୟତ ଅ'ର୍ଗତ ବଡ଼ବିଶୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଛୋଟରାୟ ସୋରେନଙ୍କ କନ୍ୟା 'ପାନ' ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଖବର ନେବାରୁ ଜଣାଯାଇଛି ଗ୍ରାମରେ ଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ 'ପାନ' ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ଏହି ସମୟରେ ମାତା ପାନମଣି ସୋରେନଙ୍କ ଦେହାନ୍ତ ହେଲା । ଫଳରେ ଶିଶୁ କନ୍ୟା 'ପାନ' ପିଲାଟି ଦିନରୁ ମା'ଙ୍କ ସ୍ନେହ ମମତାରୁ ବଂଚିତ ହେଲେ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ 'ପାନ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ୍ୟ ହେଲେ। 'ପାନ'ଙ୍କୁ ବର୍ତ୍ତମାନ ବୟସ ୧୬ ବର୍ଷ ଛୁଇଁଲା । ଆଦିବାସି ପିଲାଙ୍କର ସବୁ ପ୍ରକାର ସୁଖ ଦୁଃଖ କଥା ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଅଥଚ 'ପାନ'ଙ୍କ ପରି ଶହ ଶହ ସଂଖ୍ୟାରେ ଆଦିବାସୀ ପିଲା ନିୟମିତ ବିଭିନ୍ନ କାରଣରୁ ପାଠପଢ଼ା ଛାଡୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । କପ୍ତିପଦା ଉପଖଣ୍ଡରେ ବର୍ତ୍ତମାନ ଏହା ଏକ ନିତି ଦିନିଆ ଘଟଣାରେ ପରିଣତ ହୋଇ ଯାଇଛି ।

**ଏସ୍. ଇ. ରେଳବାଇ - ଟେଣ୍ଡର**

ଟେଣ୍ଡର ନୋଟିସ୍ ନମ୍ବର (ଆଇ) **୧୧୪-ଇଏଲସି-ଜି-କେଜିପି- ୨୪-୨୫-୪୯** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର (ଜି), ଏସ୍. ଇ. ରେଳବାଇ, ଖଡ଼ଗପୁର- ୭୨୧୩୦୧, ଉଲ୍ଲେଖିତ ତାରିଖରେ ୧୨:୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। **କାର୍ଯ୍ୟର ବର୍ଣ୍ଣନା:** ୬ ଟି ଏଲ୍.ସି. ଗେଟ୍ ପାଇଁ ଇଲେକ୍ଟ୍ରିକାଲ୍ କାର୍ଯ୍ୟ: କେଏ-୩, କେଏ-୯, କେୱାଇ-୧୧, ପିଏଚ-୨, ପିଏଚ-୮ ଏବଂ ପିଏଚ-୧୦ । **ଟେଣ୍ଡର ମୂଲ୍ୟ:** ୮୨,୫୮,୪୫୯.୯୦। **ବିଡ୍ ସିକ୍ୟୁରିଟି/ଇ.ଏମ୍.ଡି.** ୧,୬୫,୨୦୦/-। **ଖୋଲିବାର ତାରିଖ:** ୩୦.୦୪.୨୦୨୫। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନାହିଁ **ସମାପ୍ତି ଅବଧି:** ଗ୍ରହଣ ପତ୍ର ପ୍ରଦାନ ତାରିଖରୁ କ୍ରମ ସଂଖ୍ୟା (ସ) ପାଇଁ ୬ ମାସ। **ଦାଖଲ ତାରିଖ:** ୩୦.୦୪.୨୦୨୫ ଦିନ ୧୨:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ଟିପ୍ପଣୀ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରଦାତାମାନେ ନିୟମିତ ଭାବରେ ww.ireps.gov.in ପରିଦର୍ଶନ କରିପାରିବେ।

(PR-38)

ଶନିବାର, ଏପ୍ରିଲ ୧୨, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଓଡ଼ିଶାର ଆଉ ୪ ଜିଲ୍ଲାରେ ଖୋଲିବ ନୂଆ ମେଡିକାଲ କଲେଜ

ଭୁବନେଶ୍ୱର, ୧୧/୦୪ : (ନି.ପ୍ର) -ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ପ୍ରତିଷ୍ଠା ହେବ ନୂଆ ମେଡିକାଲ କଲେଜ । ଖୁବଶୀଘ୍ର ନବ ନିର୍ମିତ ୨ଟି ମେଡିକାଲ କଲେଜର ମଧ ଶୁଭ ଉଦ୍ଘାଟନ କରାଯିବ । ଆୟୁଷ୍ମାନ ଭାରତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଗତ ୧୦ ମାସ ଭିତରେ ରାଜ୍ୟରେ ପର୍ଯ୍ୟାୟ କ୍ରମେ ଖାଲିଥିବା ଡ଼ାକ୍ତର, ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯାଉଛି। ତିନିଟି ପର୍ଯ୍ୟାୟରେ ୪ ହଜାର ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀ ପଦବୀ ଏବେ ସୁଦ୍ଧା ପୂରଣ ହେଲାଣି । ଆଗାମୀ ଦିନରେ ୫ ହଜର ୩୭୪ ଡାକ୍ତର, ଦନ୍ତ ଚିକିତ୍ସକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଚାଲିଛି । ଖୁବଶୀଘ୍ର ଏହି ପଦବୀ ଗୁଡିକରେ ନିଯୁକ୍ତି ଦିଆଯିବ । ସେହିପରି ଏବେ ରାଜ୍ୟରେ ୧୨ଟି ମେଡିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହେଉଛି । ଆଉ କିଛି ଦିନ ମଧ୍ୟରେ ଆଉ ୨ଟି ମେଡିକାଲ କଲେଜ ଶୁଭ ଉଦ୍ଘାଟନ କରାଯିବ । ଚଳିତ ବର୍ଷ ବଜେଟରେ ଆଉ ୪ଟି ଜିଲ୍ଲାରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ବ୍ୟୟ ବରାଦ କରାଯାଇଛି । ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ଅବସରରେ ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି ଯେ ୨୪ ବର୍ଷରେ ଯେଉଁ କାମ ହୋଇପାରିନଥିଲା। ବିଜେପି ସରକାର ଆସିଲା ପରେ ୨୪ ମିନିଟରେ କରି ଦେଖାଇଲା। ଆଜି ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଏକ ଐତିହାସିକ ଦିନ। ଓଡ଼ିଶାର ବିକାଶ ଇତିହାସରେ ଆଜି ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଛି। ୬ ବର୍ଷ ପୂର୍ବରୁ ରାଜନୈତିକ କାରଣରୁ ଆୟୁଷ୍ମାନ ଭାରତ ଯୋଜନା ଗତ ସରକାର ଲାଗୁ କରିନଥିଲେ। କିନ୍ତୁ ରାଜ୍ୟରେ ନୂଆ ବିଜେପି ସରକାର ଆସିବା ପରେ ଆଜି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଛି। ଓଡ଼ିଶା ବାହାରେ ମଧ ଏବେ ଉତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ଓଡ଼ିଆ ଲୋକ। ସରକାରୀ ଓ ବେସରକାରୀ ମେଡିକାଲରେ ସେବା ମିଳିବ। ୩ଟି ରାଜ୍ୟରେ ଲାଗୁ ହୋଇନଥିଲା ଆୟୁଷ୍ମାନ ଭାରତ ଯୋଜନା। ଗତକାଲି ଦିଲ୍ଲୀରେ ଲାଗୁ ହେଲା ଏବଂ ଆଜି ଓଡ଼ିଶାରେ ଲାଗୁ ହୋଇଛି ।

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ଯୋଜନା ଶୁଭାରମ୍ଭ




ବାଲେଶ୍ୱର, ୧୧/୪: (ନି.ପ୍ର) ଆଜି ବାଲେଶ୍ୱର ଜିଲ୍ଲାର ସମସ୍ତ ୭୧ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୦୪ ଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ସର୍ବମୋଟ ୭୫ ଟି ସ୍ଥାନରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା କାର୍ଡ଼ ବିତରଣର ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ୧୧୦୦ ଜଣ ହିତାଦିକାରୀ ଙ୍କୁ ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଡ଼ ବିତରଣ କରାଯାଇଅଛି । ଏଥି ସହିତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସଚେତନ ରଥର ଶୁଭାରମ୍ଭ କରାଯାଇଅଛି । ଏହି ରଥ ଜିଲ୍ଲାର ସମସ୍ତ ଅଞ୍ଚଳରେ ଆଗାମୀ ୦୭ ଦିନ ପର୍ଯ୍ୟନ୍ତ ଭ୍ରମଣ କରିବା ସହିତ ସରକାରଙ୍କର ଏହି ଯୋଜନା ବିଷୟରେ ପ୍ରଚାର ଦ୍ୱାରା ସମସ୍ତଙ୍କୁ ଅବଗତ କରିବ । ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ କାର୍ଡ଼ ବିତରଣର ଉତ୍ସବ ସୁନହଟ ସ୍ଥିତ ରୋୟାଲ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ସଦର ଶ୍ରୀଯୁକ୍ତ ମାନସ କୁମାର ଦତ୍ତଙ୍କ ସମେତ ମାନ୍ୟବର ଅଧକ୍ଷା ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ରଥ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀ ଉମାକାନ୍ତ ମହାପାତ୍ର, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ସମସ୍ତ କାଉନ୍ସିଲର, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ସୁଶାନ୍ତ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ବାଲେଶ୍ୱର ପୌରପାଳିକା ଶ୍ରୀମତୀ ନିର୍ଲିପ୍ତ ମହାନ୍ତି ପ୍ରମୁଖ ମଂଚାସୀନ ଥିଲେ । ଏଠାରେ ସୂଚନା ଥାଉ କି ଉକ୍ତ କାର୍ଯ୍ୟକ୍ରମରେ କଟକ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା ।

## ନୂତନ ଭାବେ ଯୋଗ ଦେଇଥିବା ଡାକ୍ତରଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ୱାର୍ଡ଼ବାସୀ



ଜଳେଶ୍ୱର,୧୧/୪(ନି.ପ୍ର) ଜଳେଶ୍ୱର ପୌରାଞ୍ଚଳର ୬ ନମ୍ବର ୱାର୍ଡ କାଉନସିଲର ଚନ୍ଦନ କୁମାର ଦାସଙ୍କ ପ୍ରଚେଷ୍ଟା ଓ ବହୁ ଦିନର ଦାବୀ ଫଳରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ପ୍ରଚେଷ୍ଟାରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ମିଳି ପାରିଛି ବୋଲି କାଉନସିଲର କହିଛନ୍ତି ।ନୂତନ ଭାବେ ଯୋଗ ଦେଇଥିବା ଡାକ୍ତର ଦେବପ୍ରୀୟା ଘୋଷଙ୍କୁ ୬ ନମ୍ବର ୱାର୍ଡ କାଉନସିଲର ଚନ୍ଦନ କୁମାର ଦାସ, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଦୁର୍ଜୟ କୁମାର ପାଣିଗ୍ରାହୀ, ରାଜେଶ କୁମାର ଠକ୍କର, କମଳଲୋଚନ ମହାପାତ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଅଭିନନ୍ଦନ ଜଣାଇବା ସହିତ ନୂତନ ଡାକ୍ତରଙ୍କ ନିଯୁକ୍ତି ପାଇଁ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ,ବିଧାୟକ ଅଶ୍ୱିନୀ କୁମାର ପାତ୍ର ତଥା ସିଡିଏମଓ ଗୋପୀନାଥ ପରିଡାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ : ସଂସ୍କାର ମୂଳକ ଶିକ୍ଷା ଚରିତ୍ର ଗଠନରେ ସହାୟକ ହେବ



ଭୁବନେଶ୍ୱର,୧୧।୪(ନି.ପ୍ର) ନୀଳାଦ୍ରି ବିହାର ସେକ୍ଟର-୩ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ନୀଳାଦ୍ରି ବିହାର ଦୁର୍ଗା ପଡିଆ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କହିଥିଲେ ଯେ ବର୍ତ୍ତମାନ ସମାଜ ପାଇଁ ସଂସ୍କାର ମୂଳକ ଶିକ୍ଷାର ଆବଶ୍ୟକତା ରହିଛି। ଖାଲି ଜଣେ ଭଲ ପାଠ ପଢି ଉଚ୍ଚ ଶିକ୍ଷିତ ହୋଇଗଲେ ସମାଜର ଉନ୍ନତି ଘଟିବ ନାହିଁ। ଏକ ସୁନ୍ଦର ସମାଜ ଗଠନ ପାଇଁ ଭଲ ମଣିଷ ତିଆରି ହେବା ଉଚିତ। ପିତା, ମାତା, ଗୁରୁମାନେ ପିଲାମାନଙ୍କୁ ଭଲ ପାଠ ପଢାଇବା ସହିତ ସଂସ୍କାର ମୂଳକ ଶିକ୍ଷା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହା ଚରିତ୍ର ଗଠନ ଦିଗରେ ସହାୟକ ହେବ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ହିମାଂଶୁ ଶେଖର ଶତପଥୀ, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ମଣ୍ଡଳ ସଭାପତି ନଗେନ ବିଶୋଇ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ବିଦ୍ୟା ମନ୍ଦିରର ସଂସ୍କରାତ୍ମକ ଶିକ୍ଷାଦାନ ପଦ୍ଧତିକୁ ପ୍ରଶଂସା କରିଥିଲେ। ଏଥି ସହିତ ପିଲା ମାନେ ଭଲ ପାଠପଢି ବଡ ମାଣିଷ ହୋଇ ବିଦ୍ୟାଳୟର ନାମ ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁନିକୁନି କଳାକାର ମାନଙ୍କ ଦ୍ୱାରା ମଂଚସ୍ଥ କ୍ଷୁଦ୍ର ନାଟକ ସାନ ସିନା ଦାନ ତା ମହାନ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବିଦ୍ୟା ମନ୍ଦିରର ଗୁରୁମା ଦିପ୍ତିମୟୀ ସିଂହ, ରାଜଲକ୍ଷ୍ମୀ ମହାରଣା, ଅନ୍ନପୂର୍ଣ୍ଣା ସାହୁ, ସୁଚିମିତା ବିଶ୍ୱାଳ, ଶୁଭଲକ୍ଷ୍ମୀ ବିଶ୍ୱାଳ, ଅର୍ଚ୍ଚନା ଓ ବର୍ଷା। ଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଅଭିଭାବକମାନେ ସହଯୋଗ କରିଥିଲେ। ଶେଷରେ ପରିଚଳନା କମିଟିର ସମ୍ପାଦକ ପ୍ରଫେସର ଚିତ୍ତ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫତେପୁର ଉପ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ



ଖଇରା, ୧୧/୦୪ :(ନି.ପ୍ର) ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକର ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ଫତେପୁର ପିଏଚସିର (ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର) ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ) ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ) ଶୁଭାରମ୍ଭ ହୋଇଯାଇଛି । ଫତେପୁର ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ କାର୍ଡ଼ର ଶୁଭ ଉଦଘାଟନ ହୋଇଯାଇଛି । ଏଥିରେ ଡାକ୍ତର ସ୍ୱରୂପ ନନ୍ଦ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ୍ୟ ବିଶି ବିସ୍ୱା ପାତ୍ର, ମୁଖ୍ୟ ବକ୍ତା ଭାବେ ସାଂସଦ ପ୍ରତିନିଧି ଅଜୟ କୁମାର ପ୍ରଧାନ, ସ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ମାଝୀ, ମନସ୍ୱିତା ପଣ୍ଡା ଡାକ୍ତର ହିମାଦ୍ରୀ ଶଙ୍କର ଭଞ୍ଜଙ୍କ ସମେତ ଜିଆର ଏସ କ୍ଷୀରୋଦ କୁମାର ଜେନା ଯୋଗ ଦେଇ କାର୍ଡ଼ର ସୁଫଳ ବିଷରେ ଆଲୋଚନା କରିଥିଲେ । ଦୀପକ କୁମାର ମହାନ୍ତି,ଏଇ ଗୟାଧର ସିଂ, ପିଇଓ ରାହୁଲ ମୁଖି, ଦୀପିକା ପାତ୍ର, ସଂଜୟ ଦାସ, ହେମନ୍ତ ମଲ୍ଲିକ, ଜୀବନ ମହାପାତ୍ର ସହଯୋଗ କରିଥିଲେ ଏହି ଅବସରରେ ଆଶା, ଅଙ୍ଗନବାଡି କର୍ମୀଙ୍କ ସମେତ ଜନସାଧାରଣ ମାନେ ଉପସ୍ଥିତ ଥିଲେ । ୧୦ ଜଣ ହିତାଧିକାରୀଙ୍କୁ ଡେମୋ କାର୍ଡ ଅତିଥିମାନେ ପ୍ରଦାନ କରିଥିଲେ ।

## ଚାଷୀଙ୍କୁ ୯୦ ପ୍ରତିଶତ ରିହାତି ମୂଲ୍ୟରେ ବିହନ ଯୋଗାଇଦେବାକୁ କଂଗ୍ରେସର ଦାବୀ

ଭୁବନେଶ୍ୱର, ୧୧/୪-(ନିପ୍ର): ରାଜ୍ୟର ଦୁଇଟି ସରକାରରେ ଦୀର୍ଘ ୨୫ ବର୍ଷ ମଧ୍ୟରେ ବିହନ ଉତ୍ପାଦନ କ୍ଷେତ୍ରରେ ଅନ୍ୟ ରାଜ୍ୟଭଳି ଓଡ଼ିଶା ସ୍ୱାବଲମ୍ବୀ ହୋଇ ପାରିଲାନାହିଁ। ବିହନଗ୍ରାମ ଯୋଜନାରେ ଏହି ଦିଗରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କ'ଣ ପାଇଁ ଓଡ଼ିଶା ବିହନ ଉତ୍ପାଦନରେ ପଛରେ ପଡ଼ିଛି ତାହାର ମଧ ସମୀକ୍ଷା କରାଯାଉନାହିଁ। ଖରିଫ୍ ହେଉ କି ରବି ହେଉ ସମୟ ଆସିଲେ ସରକାରଙ୍କ କ୍ଷଣିକ ତତ୍ପରତା ପ୍ରକାଶ ପାଏ। କୃଷି ବିଭାଗର ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ବଡ଼ ଅଧିକାରୀମାନେ ମାଳ ମାଳ କଥା ଘୋଷଣା କରନ୍ତି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଫଳରେ ଚାଷୀ ଠିକଣା ସମୟରେ ବିହନ ପାଇବା ତ ଦୂରର କଥା ବହୁ ସମୟରେ ନକଲି ବିହନର ସମ୍ମୁଖିନ ହୁଏ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କଂଗ୍ରେସ ପକ୍ଷରୁ କହିଛନ୍ତି। କାଳ ବିଳମ୍ବ ନ କରି ସରକାର ଓ ପ୍ରଶାସନ ଆନ୍ତରିକତାର ସହିତ ସମସ୍ତ ଚାଷୀଙ୍କୁ ଆବଶ୍ୟକ ମୁତାବକ ଉପଯୁକ୍ତ ବିହନ ୯୦ ପ୍ରତିଶତ ରିହାତି ମୂଲ୍ୟରେ ଠିକଣା ସମୟରେ ଯୋଗାଇ ଦେବାକୁ ପ୍ରଦେଶ କିଷାନ କଂଗ୍ରେସ ତରଫରୁ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରାଯାଇଛି। ଯଦି ଅକ୍ଷୟ ତୃତୀୟା ପୂର୍ବରୁ ପ୍ରତି ପଞ୍ଚାୟତସ୍ତରରେ ବିହନ ମହଜୁଦ ନ ରହେ ଏଥିପାଇଁ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଦୁଇ ଜାଆଁଳା ଭାଇ ମାର୍ଚ୍ଚ ୨୫ ତାରିଖରୁ ନିଖୋଜ: ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳିନାହିଁ



ଜଳେଶ୍ୱର, ୧୧/୪-(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ ଡିଙ୍ଗାଶୋଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଦୁଇ ୧୭ ବର୍ଷୀୟ ଜାଆଁଳା ପୁତ୍ର ଜଗନ୍ନାଥ ଓ ବଳରାମ ନିଖୋଜ ହୋଇଥିବା ପୂର୍ଣ୍ଣଚନ୍ଦ୍ର ଜେନା ଜଳେଶ୍ୱର ଥାନାରେ ତା-୨୬/୩/୨୫ ରିଖରେ ଏକ ଅଭିଯୋଗ ପତ୍ର ଦାଖଲ କରିଥିଲେ। ପୂର୍ଣଚନ୍ଦ୍ର ସବୁଦିନ ତାଙ୍କର ଟଟୋ ଗାଡ଼ି ଚଲେଇ ରୋଜଗାର କରି ପରିବାର ଚଳାଇ ଆସୁଥିବା ବେଳେ ୨୫ ତାରିଖ ଦିନ ମଧ ସେ ଘରୁ ଟଟୋ ନେଇ ଜଳେଶ୍ୱର ଚାଲି ଯାଇଥିଲେ ଏବଂ ଘରେ ଥିବା ବୁଢ଼ା ମାଆ ବିଲକୁ ଯାଇଥିଲେ।ଘରେ କେହି ନ ଥିବା ସୁଯୋଗ ପାଇ ଜଗନ୍ନାଥ ଓ ବଳରାମ ଦୁଇ ଜାଆଁଳା ଭାଇ ତାଙ୍କର କେରି ବ୍ୟାଗ ରେ ଲୁଗାପଟା ଓ ଆଧାରକାର୍ଡ ନେଇ କୁଆଡ଼େ ଚାଲିଯାଇଛନ୍ତି।ଯିବା ବେଳେ ଗାଁ ଲୋକ ଦେଖି କୁଆଡ଼େ ଯାଉଛ ବୋଲି ପଚାରିବାରୁ ସେମାନେ ବାଲେଶ୍ୱର କ୍ରିକେଟ ଖେଳ ଦେଖିବା ପାଇଁ ଯାଉଛନ୍ତି ବୋଲି କହିଥିଲେ।ମାତ୍ର ସନ୍ଧ୍ୟାରେ ପୂର୍ଣଚନ୍ଦ୍ର ଘରେ ଆସି ଦେଖନ୍ତି ଦୁଇ ଜାଆଁଳା ପୁଅ ଘରୁ କୁଆଡ଼େ ପଳେଇ ଯାଇଛନ୍ତି।ପରେ ପୂର୍ଣ୍ଣଚନ୍ଦ୍ର ବନ୍ଧୁ ବାନ୍ଧବ ଓ ସେମାନଙ୍କ ସାଙ୍ଗସାଥୀଙ୍କ ସହିତ ଫୋନ୍ ଯୋଗେ ଖୋଜାଖୋଜି କରିବା ପରେ ମଧ କୌଣସି ସନ୍ଧାନ ପାଇ ପାରି ନ ଥିଲେ।ପରଦିନ ସକାଳେ ନିଖୋଜ ହୋଇଥିବା ଜଗନ୍ନାଥ ଓ ବଳରାମ କୁ ଖୋଜିବା ପାଇଁ ଥାନାରେ ଉପସ୍ଥିତ ହୋଇ ପୂର୍ଣଚନ୍ଦ୍ର ଅଭିଯୋଗ କରିଥିଲେ।ଦୀର୍ଘ ୧୬ ଦିନ ବିତି ଯାଇଥିଲେ ମଧ ଜଳେଶ୍ୱର ପୋଲିସ ଗୁଳିରେ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ଯାଇ ନ ଥିବା ପୂର୍ଣ୍ଣଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି।

## ମଦମୁକ୍ତ ଓଡ଼ିଶା ପାଇଁ 'ମୋନା'ର ଦସ୍ତଖତ ସଂଗ୍ରହ ଅଭିଯାନ




ନୀଳଗିରି -୧୧/୪ (ନି.ପ୍ର) ବରହମପୁର ମିନିଷ୍ଟାଡିୟମଠାରେ ଗତ ପାଞ୍ଚଦିନ ଧରି ଅନୁଷ୍ଠିତ ହେଉଥିବା ସାଂସ୍କୃତିକ ମହୋତ୍ସବରେ ଏକ ଅନୋଖା କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ମିଳିତ ନିଶାନିବାରଣ ଅଭିଯାନ 'ମୋନା'ତରଫରୁ ମଦମୁକ୍ତ ଓଡ଼ିଶା ପାଇଁ ଏକ ଦସ୍ତଖତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ମୋନାର ଭୁବନେଶ୍ୱର ପ୍ରତିନିଧି ମନମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଜିର ଯୁବସମାଜ ନିଶାକବଳରେ କବଳିତ ହୋଇ ପଥଭ୍ରଷ୍ଟ ହେଉଛନ୍ତି। ଫଳରେ ଯୁବାବସ୍ଥାରେ ଅକାଳରେ ଜୀବନ ଯାଉଛି।ନିରୀହା ଅଳ୍ପ ବୟସର ଝିଅଟି ବିଧବା ହେବା ସହିତ ଛୋଟଛୋଟ ପିଲାମାନେ ପିତୃହରା ହେଉଛନ୍ତି। ପରିବାର ଉଜୁଡ଼ି ଯାଉଛି। ତେଣୁ ଓଡ଼ିଶାରେ ମଦମୁକ୍ତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ରରେ ଓଡ଼ିଶାରେ ମଦକୁ ବ୍ୟାନ କରିବା ସହିତ ନିଶା ଉପରେ ଅଙ୍କୁଶ ଲଗାଇବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଆସୁଥିବା ଲୋକଙ୍କୁ ସଚେତନ କରାଇବା ସହିତ ଦସ୍ତଖତ କରାଯାଇଥିଲା। ସମାଜସେବୀ ତଥା କବି ଅମରେନ୍ଦ୍ର ନାୟକ ପ୍ରମୁଖଭୂମିକା ଗ୍ରହଣ କରିଥିବା ବେଳେ ମାନସ ମିଶ୍ର, ଅକ୍ଷୟ କୁମାର ବେହେରା ପ୍ରମୁଖ ବହୁ ଯୁବସମାଜସେବୀ ସହଯୋଗ କରିଥିଲେ।

## ବସ୍ତାରେ ଆୟୁଷ୍ମାନ ଯୋଜନାର ଶୁଭ ଉଦ୍‌ଘାଟନ ଉତ୍ସବ




ବସ୍ତା,୧୧/୪(ନିପ୍ର) ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଆଜି କଟକ ବାଲିଯାତ୍ରା ପଡ଼ିଆ ଠାରେ ଏହାର ଶୁଭାରମ୍ଭ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡା କରିଛନ୍ତି। ଏହି ଅବସରରେ ବାଲେଶ୍ୱର ଜିଲ୍ଲା ସଦରବ୍ଲକର ଆଙ୍କ ପୋଖରି ଆଡିଠାରେ ଆୟୋଜିତ ସଭାରେ ରୁପସା ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିନୟ ଦାସମହାପାତ୍ର ସମ୍ମାନିତ ଅତିଥିଭାବେ ସାଂସଦ ଙ୍କ ପ୍ରତିନିଧି ତପନ ମହାପାତ୍ର, ଅନ୍ୟଅତିଥି ବିଧାୟକଙ୍କ ପ୍ରତିନିଧି ହରେନ୍ଦ୍ର ପ୍ରଧାନ, ଆରକେସ ସଦସ୍ୟ ତପନଗିରି, ବିଜେପିର ବରିଷ୍ଠ ନେତା ଶ୍ରୀଧର ବେହେରା, ତପନ ଗିରି, ଯୁବମୋର୍ଚ୍ଚା ସଭାପତି ରଶ୍ମିରଂଜନ ଜେନା, ରାକେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ରଶ୍ମିତା ଭୂୟାଁ ସଭା ପରିଚାଳନା କରିଥିଲେ । ଉକ୍ତ ଅଂଚଳରେ ଉପଭୋକ୍ତା ମାନଙ୍କୁ ଡମି କାର୍ଡ ଅତିଥି ମାନଙ୍କଦ୍ୱାର ବଣ୍ଟନ କରାଯାଇଥିଲା । ସବାଶେଷରେ ଅତିଥିମାନଙ୍କଦ୍ୱାରା ସଚେନତା ରଥ ପତକା ଦେଖାଇ ଛଡାଯାଇଥିଲା ।

## ଉଦ୍ଘାଟିତ ହେଲା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା




ନୀଳଗିରି, ୧୧/୪ ନି.ପ୍ର) : ସାରା ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ହୋଇଥିବା ବେଳେ ନୀଳଗିରି ତରତରି ବାଳିକା ନିକେତନ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଏହି ଜନ ମଙ୍ଗଳକାରୀ ଯୋଜନାର ଶୁଭାରମ୍ଭ ହୋଇ ଯାଇଛି। ଏହି ଯୋଜନାରେ ସାମିଲ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ଉପଲବ୍ଧ ହେଉଥିବା ବେଳେ ମହିଳା ମାନଙ୍କୁ ଅତିରିକ୍ତ ୫ଲକ୍ଷ ମାଗଣା ଚିକିତ୍ସା ମିଳିବ। ଆଜିର ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହି କାର୍ଡରେ କିଭଳି ଭାବେ ସମସ୍ତ ହିତାଧିକାରୀ ମାନେ ଉପକୃତ ହୋଇ ପାରିବେ, ସମସ୍ତ ମହିଳା ଓ ପୁରୁଷ ହିତାଧିକାରୀ ମାନଙ୍କୁ ସମସ୍ତ ସୂଚନା ଦେଇଥିଲେ। ପରେ ଉପସ୍ଥିତ କିଛି ହିତାଧିକାରୀଙ୍କୁ ସାଂସଦ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ମେଡ଼ିକାଲ ଅଫିସର ଡଃ ପଙ୍କଜ କୁମାର ଭୋଳ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ୧୨ ନଂ ଜୋନର ଜିଲ୍ଲାପରିଷଦ ସଭ୍ୟ ସୁବର୍ଣ୍ଣା ମଞ୍ଜରୀ ସିଂ, ବ୍ଲକ ଜନମଙ୍ଗଳ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ସମାଜସେବୀ କୃତିବାସ ବେହେରା,ବିକାଶ ଜେନା, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତି ରହିଥିଲେ।ପରେ ସାସଂଦଙ୍କ ଦ୍ୱାରା ଏକ ଆୟୁଷ୍ମାନ ରଥର ଶୁଭାରମ୍ଭ କରା ଯାଇଥିଲା ।

## ବିଦାୟ ନେଲେ ଉଦଳା ଏନ୍‌ଏସିର ପୂର୍ବତନ ନଗରପାଳ ଲକ୍ଷ୍ମୀକାନ୍ତ ବାରିକ



ଉଦଳା, ୧୧/୦୪(ନି.ପ୍ର)- ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ନଗରପାଳ ଲକ୍ଷ୍ମୀକାନ୍ତ ବାରିକ ଚଳିତ ଏପ୍ରିଲ ୯ ତାରିଖ ବୁଧବାର ଦିନ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇ ଯାଇଛନ୍ତି। ସେ ୧୯୮୪ ମସିହାରୁ ୧୯୯୦ ମସିହା ପର୍ଯ୍ୟନ୍ତ ଉଦଳାର ନଗରପାଳ ଭାବରେ ନିର୍ବାଚିତ ହୋଇ ଦକ୍ଷତାର ସହ ନିଜର ଦାୟିତ୍ୱ ତୁଲାଇଥିଲେ । ତାଛଡ଼ା ଉଦଳା ରାଜନୀତିରେ ସେ ଜଣେ ଆଗଧାଡ଼ିର ନେତା ଭାବରେ ସବୁଠି ବେଶ ପରିଚିତ ଥିଲେ । ଲକ୍ଷ୍ମୀକାନ୍ତ ବାରିକଙ୍କ ଠାରୁ ହିଁ ଉଦଳା ଏନ୍‌ଏସି ତାର ପରିଚୟ ସୃଷ୍ଟି କରିପାରିଥିଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଥାଏ । ତାଙ୍କର ଅବର୍ତ୍ତମାନ ଉଦଳାର ବିଭିନ୍ନ ମହଲରେ ଶୋକର ଛାୟା ଖେଳାଇ ଦେଇଛି ।

## ତହବୁର ରାଣାଙ୍କୁ ଏନଆଇଏର ପଚରାଉଚରା ଆରମ୍ଭ

ନୂଆଦିଲ୍ଲୀ, ୧୧ /୦୪ : ନଭେମ୍ବର ୨୬, ୨୦୦୮ରେ ମୁମ୍ବାଇ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ତହବୁର ହୁସୈନ ରାଣାଙ୍କୁ ଏନଆଇଏ ଦିଲ୍ଲୀ ସ୍ଥିତ ମୁଖ୍ୟାଳୟରେ ଆଜି ପଚରାଉଚରା ଆରମ୍ଭ କରିଛି । ସୂତ୍ର ମୁତାବକ ଏନଆଇଏ ମୁଖ୍ୟାଳୟର ସେଲରେ କଡା ସୁରକ୍ଷାରେ ରାଣାଙ୍କୁ ରଖାଯାଇଛି । ଏହି ସେଲ୍‌ରେ ସିସିଟିଭି କ୍ୟାମେରା ଲାଗିଛି । ରାଣା ଯେଉଁ ବାଥରୁମ ବ୍ୟବହାର କରିବ, ତାହା ବି ସେଲ୍ ଭିତରେ ରହିଛି । ଏହି ସେଲରେ ବହୁସ୍ତରୀୟ ଡିଜିଟାଲ ସିକ୍ୟୁରିଟି ସହିତ ୨୪ ଘଂଟିଆ ପ୍ରହରା ରହିଛି । ସେଲ୍ ଭିତରକୁ ଯିବାକୁ ଏନଆଇଏର କିଛି ଅଧିକାରୀଙ୍କୁ କେବଳ ଅନୁମତି ରହିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida